

ତୁମ୍ବାଡ ୨ରେ
ଅକ୍ଷୟ ନା ନୱାଜୁଦ୍ଦିନ୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-235 ♦FRIDAY ♦20 FEBRUARY 2026 ♦PAGE-12 ♦₹ 7.00

SAMBALPUR

♦ବର୍ଷ-୪୩ ♦ସଂଖ୍ୟା-୨୩୫ ♦ଶୁକ୍ରବାର ♦୨୦ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ବ୍ରିଟେନର ପୂର୍ବତନ ରାଜକୁମାର ଆଣ୍ଡ୍ରୁ ଗିରଫ

■ ଲଣ୍ଡନ, ୧୯ ।୨ (ଏଜେନ୍ସି): ଆମେରିକାର କୁଖ୍ୟାତ ଯୌନ ଅପରାଧୀ ଏପଷ୍ଟିନ ସହ ଘନିଷ୍ଠତା ବ୍ରିଟେନର ପୂର୍ବତନ ରାଜମୁକାର ଆଣ୍ଡ୍ରୁଙ୍କୁ ମହଙ୍ଗା ପଡ଼ିଛି । ଏପଷ୍ଟିନ ସହ ସଂପର୍କ ଏବଂ ଯୌନ କେଳେଙ୍କାରୀ ଯୋଗୁଁ ଗତବର୍ଷ ରାଜ ପରିବାରରୁ ତଡ଼ା ଖାଇଥିବା ଆଣ୍ଡ୍ରୁଙ୍କୁ ଆଜି ପୁଲିସ ଗିରଫ କରିଛି । ଆଣ୍ଡ୍ରୁ ଆଜି ତାଙ୍କର ୬୬ତମ ଜନ୍ମଦିନ ପାଳନ କରୁଥିବା ବେଳେ ବ୍ରିଟେନ ପୁଲିସ ତାଙ୍କ ଘରେ ପହଞ୍ଚି ଗିରଫ କରିଛି । ତାଙ୍କୁ ଗିରଫ କରାଯିବା ଘଟଣା ବ୍ରିଟେନରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ଏପଷ୍ଟିନ ସହ ସଂପର୍କ ଏବଂ ଯୌନ କେଳେଙ୍କାରୀ ଯୋଗୁଁ ଗତବର୍ଷ ଆଣ୍ଡ୍ରୁଙ୍କୁ ରାଜପରିବାରରୁ ବହିଷ୍କାର କରାଯିବା ସହିତ



ଏପ୍ଷ୍ଟିନ୍ କଳଙ୍କ

ତାଙ୍କ ଠାରୁ ସମସ୍ତ ରାଜକୀୟ ସୁବିଧାସୁଯୋଗ ପ୍ରତ୍ୟାହାର କରି ନିଆଯାଇଥିଲା । ସେହିଦିନ ଠାରୁ ତାଙ୍କର ଅଡୁଆ ବଢ଼ିବାର ଲାଗିଛି । ତାଙ୍କୁ ନେଇ ପୁଲିସ ଏପଷ୍ଟିନ ଫାଇଲ୍ସର ଯେତେ ଖୋଳତାଡ଼ କରୁଛି, ସେତିକି ନୂଆ ନୂଆ ଏବଂ ବିସ୍ଫୋରକ ତଥ୍ୟ ଆସିବାରେ ଲାଗିଛି । ଆଣ୍ଡ୍ରୁ ବ୍ରିଟେନର ବାଣିଜ୍ୟ ଦୂତ ଥିବା ବେଳେ ଏପଷ୍ଟିନଙ୍କୁ ଅନେକ ଗୋପନୀୟ ତଥ୍ୟ ପ୍ରଦାନ କରିଥିଲେ । ସେ ଏସ୍ତ୍ରା ଗସ୍ତ କରି ଫେରିବା ପରେ ଏପଷ୍ଟିନଙ୍କୁ ଭିଏତନାମ, ହଂକଂ, ସେନଝେନ୍ ଏବଂ ସିଙ୍ଗାପୁର ସଂପର୍କରେ ଗୁପ୍ତ ତଥ୍ୟ ଦେଇଥିଲେ । ଆଣ୍ଡ୍ରୁ ହେଉଛନ୍ତି ବ୍ରିଟେନ ରାଜା କିଙ୍ଗ ଚାର୍ଲ୍ସଙ୍କ ଭାଇ । ଏପଷ୍ଟିନ ସହ ଆଣ୍ଡ୍ରୁଙ୍କର ▶ପୃଷ୍ଠା-୭

## ପାକିସ୍ତାନରେ ଗ୍ୟାସ ଲିକ୍‌ରୁ ବିସ୍ଫୋରଣ: ୧୬ ମୃତ

■ କରାଚୀ, ୧୯ ।୨ (ଏଜେନ୍ସି): ପାକିସ୍ତାନର କରାଚୀରେ ଗ୍ୟାସ୍ ଲିକ୍ ହେବା କାରଣରୁ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ଏକ ଆବାସିକ ଅଟ୍ଟାଳିକାର କିଛି ଅଂଶ ଭୁଶୁଡ଼ିବା ଫଳରେ ୧୬ଜଣ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ମହିଳା ଓ ୯ ଶିଶୁ ଅଛନ୍ତି । ଏହି ଦୁର୍ଘଟଣାରେ ୭ ଶିଶୁଙ୍କ ସହ ୧୪ ଜଣ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଉଦ୍ଧାରକାରୀ ସଂସ୍ଥା ଅନୁଯାୟୀ, ଗୁଲ ରାଣା କଲୋନୀରେ ସନ୍ଦିଗ୍ଧ ଗ୍ୟାସ ଲିକେଜ କାରଣରୁ ଏହି ବିସ୍ଫୋରଣ ହୋଇଥିଲା ଓ ଅଟ୍ଟାଳିକାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା । ସମସ୍ତ ମୃତକ ଓ ଆହତଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପୁଲିସ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି । ଭଗ୍ନାବଶେଷ ତଳେ କେହି ପୋତି ହୋଇ ରହିଥିବା ଆଶଙ୍କା କରି ଯାଞ୍ଚ ମଧ କରାଯାଉଛି ।

**ମୃତକଙ୍କ ମଧ୍ୟରେ ୯ ଶିଶୁ**



## ଜିଦ୍‌ରେ ଅଟଳ ବିରୋଧୀ-ଶାସକ
# ବିଧାନସଭା ଅଚଳ
## ଚାଷୀ ମାରଣ ନୀତିକୁ ନେଇ ବିଜେଡିର ଗର୍ଜନ

■ ଭୁବନେଶ୍ୱର, ୧୯।୨ (ସମିସ): ଚାଷୀଙ୍କ ସମସ୍ୟା, ଧାନ କିଣାରେ ଅନିୟମିତତାକୁ ନେଇ ଗତ ଦୁଇଦିନ ଧରି ଅଚଳ ରହିଛି ବିଧାନସଭା । ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟରେ ସରକାରଙ୍କ ଚାଷୀମାରଣ ନୀତିକୁ ନେଇ ସରକାରଙ୍କୁ ଘେରିଥିବାବେଳେ ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ କୌଣସି ଆଲୋଚନା ହୋଇପାରୁନାହିଁ । ଗତକାଲି ପରି ଆଜି ମଧ୍ୟ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭାରେ ଧାନ କିଣା ଅବ୍ୟବସ୍ଥାକୁ ନେଇ ନିଜର ପ୍ରତିବାଦ ଜାରି ରଖିଛନ୍ତି । ଧାନ ବିକ୍ରି ଏବଂ ଚାଷୀ ସମସ୍ୟାକୁ ନେଇ ଉଭୟ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଛନ୍ତି । ମଣ୍ଡି ଅବ୍ୟବସ୍ଥା, ସରକାରଙ୍କ ଚାଷୀ ମାରଣା ନୀତି, କଟନୀ ଛଟନୀ ପ୍ରସଙ୍ଗରେ ବିରୋଧୀ ଗୃହ ମଧ୍ୟରେ ପୋଷ୍ଟର ପ୍ରଦର୍ଶନ ସହ ପ୍ରବଳ ହୋ ହଲ୍ଲା କରିଛନ୍ତି । ଫଳରେ ପ୍ରଥମାର୍ଦ୍ଧରେ ମାତ୍ର ୧୧ ମିନିଟ୍ ଗୃହ କାର୍ଯ୍ୟ ହୋଇପାରିଛି ଏବଂ






▶ ରାଜ୍ୟପାଳଙ୍କ ଅଭିଭାଷଣ ପୁସ୍ତିକା ଚିରିଲା କଂଗ୍ରେସ

▶ ପ୍ରଥମାର୍ଦ୍ଧରେ ବିଧାନସଭା ଚାଲିଲା ମାତ୍ର ୧୧ ମିନିଟ୍

ଦ୍ୱିତୀୟାର୍ଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସମୟରେ ବିରୋଧୀ କକ୍ଷତ୍ୟାଗ କରିଛନ୍ତି ।

ଗୁରୁବାର ସକାଳେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ସରକାର ସ୍ଲୋଗାନ ଦେଇଥିଲେ । ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ ବିଧାୟିକା ସଂଜଳି ମୁର୍ମୁଙ୍କ ଉତ୍ତର ଜଳ ସମ୍ପଦ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହଲିଙ୍ଗ ରଖିଥିଲେ । ଅତିରିକ୍ତ ପ୍ରଶ୍ନକର୍ତ୍ତା ବିଧାୟକ ସିଦ୍ଧାନ୍ତ ▶ପୃଷ୍ଠା-୭

### ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା

## ସବୁ ଧାନ କିଣିବେ ସରକାର: ମୁଖ୍ୟମନ୍ତ୍ରୀ



**୨୦୪୭ ସୁଦ୍ଧା ଓଡ଼ିଶା ହେବ ଦେଶର ଗ୍ରୋଥ ଇଞ୍ଜିନ୍**

**ଆଲୋଚନାରେ ଭାଗ ନେଲେନି ବିରୋଧୀ ସଦସ୍ୟ**

■ ଭୁବନେଶ୍ୱର, ୧୯।୨ (ସମିସ): ଆମ ସରକାର ଚାଷୀଙ୍କ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲୁ, ଆଜି ମଧ୍ୟ ସେତିକି ପ୍ରାପ୍ୟ ପ୍ରଦାନ କରୁଛୁ । ୨୦୨୪-୨୫ ଖରିଫ ଋତୁରେ ଆମ ସରକାର ୧୬.୬୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୩ ଲକ୍ଷ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରିଥିବା ବେଳେ ଚାଷୀଙ୍କୁ ପ୍ରାୟ ୨୩,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଚଳିତ ଖରିଫ ୨୦୨୫-୨୬ ଋତୁରେ ଅଦ୍ୟାବଧି ୧୩ ଲକ୍ଷ ୯୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ କରିଛନ୍ତି । ସରକାର ଏ ଯାବତ ପ୍ରାୟ ୫୯ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରି ସାରିଲେଣି । ଏହା ▶ପୃଷ୍ଠା-୭

### 'ମାଗଣା ସଂସ୍କୃତି'କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ମାଗଣା ସୁବିଧା ନୁହେଁ, ନିଯୁକ୍ତି ଦିଅ



■ ନୂଆଦିଲ୍ଲୀ, ୧୯ ।୨ (ଏଜେନ୍ସି): ନିର୍ବାଚନ ଆସିଲେ ବିଭିନ୍ନ ରାଜ୍ୟରେ ସରକାର ମାଗଣା ସୁବିଧା ସୁଯୋଗ ଦେବାକୁ ଘୋଷଣା କରୁଛନ୍ତି । ଏଭଳି 'ମାଗଣା ସଂସ୍କୃତି'କୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ଏକିପ୍ରକାର ମାଗଣା ସଂସ୍କୃତି ବୋଲି ପ୍ରଶ୍ନ ଉଠାଇ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଏଭଳି ନୀତିଗୁଡ଼ିକ ଉପରେ ପୁନର୍ବିଚାର କରିବାର ସମୟ ଆସିଛି । କାରଣ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରୁଛି । କୋର୍ଟ ଆହୁରି କହିଛନ୍ତି ଯେ, ମାଗଣା ସୁବିଧା ବଦଳରେ ରାଜ୍ୟଗୁଡ଼ିକ ରୋଜଗାର ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ । 'ଯଦି ଆପଣ ସକାଳୁ ସଞ୍ଜ ଯାଏଁ ମାଗଣା ଖାଦ୍ୟ, ତାପରେ ମାଗଣା ସାଇକେଲ ଏବଂ ମାଗଣା ବିଜୁଳି ଦେବେ, ତେବେ ଲୋ।।କେ କାହିଁକି କାମ କରିବେ? ଏହା କାମ କରିବାର ସଂସ୍କୃତି ତଥା ଅଭ୍ୟାସକୁ ପ୍ରଭାବିତ କରୁଛି ।' ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ଗରିବଙ୍କୁ ସାହାଯ୍ୟ କରିବା ବୁଝାପଡୁଛି । କିନ୍ତୁ ଆର୍ଥିକ ସ୍ଥିତି ଦୃଷ୍ଟିରୁ ଗରିବ ଓ ଧନୀ ସମେତ ସବୁ ବର୍ଗର ଲୋକଙ୍କୁ କାହିଁକି ମାଗଣା ବିଜୁଳି, ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ୍ ପାଞ୍ଚୋଲୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏସଂକ୍ରାନ୍ତ ତାମିଲନାଡୁ ମାମଲାର ଶୁଣାଣି କରୁଥିବା ସମୟରେ ଏଭଳି ଢଙ୍ଗରେ ବିରକ୍ତି ପ୍ରକାଶ କରିଛନ୍ତି । ଚଳିତ ବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି ଏବଂ ଏହାପୂର୍ବରୁ ରାଜ୍ୟ ସରକାର ସମସ୍ତଙ୍କ ପାଇଁ ମାଗଣା ବିଜୁଳି ଯୋଗାଇବାକୁ ଘୋଷଣା କରିଛନ୍ତି । ଏଥିରେ କ୍ଷୋଭ ପ୍ରକାଶ କରି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ ଏମିତି କଣ ଦରକାର ପଡ଼ିଲା ଯେ ରାଜ୍ୟ ସରକାର ଏମିତି ଘୋଷଣା କରିଦେଲେ । ସରକାରୀ ଘୋଷଣା ଯୋଗୁଁ ବିଦ୍ୟୁତ ବଣ୍ଟନ କଂପାନୀଙ୍କୁ ସେମାନଙ୍କର ଶୁଳ୍କ ଏବଂ ବଜେଟ୍ ▶ପୃଷ୍ଠା-୭

**ମାଗଣା ବାଣ୍ଟିଲେ ରାଜକୋଷ ଖାଲି ହୋଇଯିବ**

### ପଥର ଗାଡ଼ି ଛାଡ଼ିବାକୁ ୪୦ ହଜାର ଲାଞ୍ଚ

## ସୋର ତହସିଲଦାରଙ୍କୁ ମାଡ଼ିବସିଲା ଭିଜିଲାନ୍ସ



■ ବାଲେଶ୍ୱର/ସୋର, ୧୯।୨ (ସମିସ): ପଥର ବୋଝେଇ ଟ୍ରକ୍ ଛାଡ଼ିବାକୁ ୪୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ବାଲେଶ୍ୱର ଜିଲ୍ଲା ସୋର ତହସିଲଦାର ଦୈତାରୀ ମଲ୍ଲିକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ତହସିଲ କାର୍ଯ୍ୟାଳୟ ପରିସରରେ ଦଲାଲ ମାଧ୍ୟମରେ ସେ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ଛପି ରହିଥିବା ବାଲେଶ୍ୱର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ତହସିଲଦାରଙ୍କୁ ଭିଜିଲାନ୍ସ ଗିରଫ କରିଥିବା ବେଳେ ଦଲାଲକୁ ଅଟକ ରଖି ପଚରାଉଚରା କରୁଛି । ଅପରପକ୍ଷେ, ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ୩ଟି ଟିମ୍ ତହସିଲଦାର ଶ୍ରୀ ମଲ୍ଲିକଙ୍କ ବାସଭବନ ସମେତ ୩ଟି ଠିକଣାରେ ଏକକାଳୀନ ଚଢ଼ଉ କରିଛି । ▶ପୃଷ୍ଠା-୭

## ଏଆଇରେ ୧୦ ଲକ୍ଷ କୋଟି ନିବେଶ କରିବ ରିଲାଏନ୍ସ
### ମୋବାଇଲ ଡାଟା ଭଳି ଶସ୍ତା ହେବ ଏଆଇ: ଅମ୍ବାନୀ

■ ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି): ଜିଓ ଯେଉଁଭଳି ଭାବରେ ଦେଶରେ ଡାଟାକୁ ଶସ୍ତା କରିଥିଲା, ଠିକ୍ ସେହିପରି ଏବେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)କୁ ମଧ୍ୟ ସାଧାରଣ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯିବ । ‹ଭାରତ ଏଆଇକୁ ଭଡାରେ ନେଇପାରିବନାହିଁ ଏବଂ ଜିଓ ଦେଶକୁ ଇଣ୍ଟରନେଟ୍ ଯୁଗ ପରେ ବର୍ତ୍ତମାନ 'ଇଣ୍ଟେଲିଜେନ୍ସ ଯୁଗ' ସହିତ ଯୋଡ଼ିବ । ଯାହାଫଳରେ ମୋବାଇଲ ଡାଟା ଭଳି ଲୋକଙ୍କ ପାଇଁ ଏଆଇ ଶସ୍ତା ହେବ । ଜିଓ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗାମୀ ୭ ବର୍ଷରେ ଏଆଇରେ ୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବେ । ଏହି ନିବେଶ ଭାରତରେ ଶକ୍ତିଶାଳୀ ଏଆଇ ଭିତ୍ତିଭୂମି ସୃଷ୍ଟି କରିବା ସହ ଆଗାମୀ ଦଶକଗୁଡିକ ପାଇଁ ଆର୍ଥିକ ଦୃଢ଼ତା ସୁନିଶ୍ଚିତ କରିବାର ଉଦ୍ଦେଶ୍ୟରେ



କରାଯିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଅଧକ୍ଷ ମୁକେଶ ଅମ୍ବାନୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଏହି ଘୋଷଣା କରିଛନ୍ତି ।

କମ୍ପାନୀ ଜାମନଗରରେ ପର୍ଯ୍ୟାୟକ୍ରମେ ମଲ୍ଟି-ଗିଗାୱାଟ୍ ଏଆଇ-ରେଡି ଡାଟା ସେଣ୍ଟର ପାର୍କ ବିକଶିତ କରୁଛି । ୨୦୨୬ ଶେଷ ମଧ୍ୟରେ ୧୨୦ ମେଗାୱାଟ୍ କ୍ଷମତା ଆରମ୍ଭ କରିବାର ଲକ୍ଷ୍ୟ ରହିଛି, ଯାହାକୁ ପରବର୍ତ୍ତୀକାଳରେ ଗିଗାୱାଟ୍ ସ୍ତର ପର୍ଯ୍ୟନ୍ତ ବଢ଼ାଯିବ । ଏହି ସମ୍ପୂର୍ଣ୍ଣ ଭିତ୍ତିଭୂମି ଗ୍ରୀନ୍ ଏନର୍ଜି ଉପରେ ଆଧାରିତ ରହିବ । ସେହିପରି ଜିଓ ଏହାର ନେଟୱର୍କ ଜରିଆରେ ସମଗ୍ର ଦେଶରେ ଏଭଳି କମ୍ପ୍ୟୁଟିଂ କ୍ଷମତା ଉପଲବ୍ଧ କରାଇବ, ଯାହା ଦ୍ୱାରା ଏଆଇ ସେବାଗୁଡିକ ଅଳ୍ପ ଖର୍ଚ୍ଚରେ ଏବଂ ଦ୍ରୁତ ଗତିରେ ଲୋକମାନଙ୍କ ପାଖରେ ତଥା ଦୋକାନ, ▶ପୃଷ୍ଠା-୭

## ୩୦୦ ମ୍ୟୁଲ ଆକାଉଣ୍ଟରେ ୧୧୦ କୋଟି କାରବାର
### ସାଇବର୍ ଠକଙ୍କ ୫ ଏଜେଣ୍ଟ ସହ ୨୦ ଗିରଫ; ୩୨ ଜଣଙ୍କୁ ନୋଟିସ୍

■ ସମ୍ବଲପୁର, ୧୯।୨ (ସମିସ): ଲୋଭରେ ପଡ଼ି ନିଜ ବ୍ୟାଙ୍କ ଖାତା ଅନ୍ୟ କାହାକୁ ବ୍ୟବହାର କରିବାକୁ ଦେଉଥିଲେ ସାବଧାନ । କେତେବେଳେ ବି ସାଇବର ପୁଲିସ ହାବୁଡ଼ରେ ପଡିପାରନ୍ତି । ସମ୍ବଲପୁର ଜିଲ୍ଲା ପୁଲିସ ସାଇବର ଠକେଇ ଅଭିଯୋଗରେ ମୋଟ ୫୨ଜଣଙ୍କୁ ଅଟକ ରଖିଛି । ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୩୨ ଜଣଙ୍କୁ ନୋଟିସ ଦେଇଛି । ଗିରଫ ୨୦ ଜଣଙ୍କ ମଧ୍ୟରେ ୫ଜଣ ମୁଖ୍ୟ ଏଜେଣ୍ଟ ରହିଛନ୍ତି । ସାଇବର ସେଲ କ୍ରାଇମବ୍ରାଞ୍ଚ ଓ ସମ୍ବଲପୁର ପୁଲିସ ମିଳିତ ଉଦ୍ୟମରେ ୩୦୦ମ୍ୟୁଲ ଆକାଉଣ୍ଟକୁ ନଜରରେ ରଖିଛି । ଇଣ୍ଡିଆନ ସାଇବର କ୍ରାଇମ କୋର୍ଡିନେସନ ସେଣ୍ଟର୍ ଓ ଜାତୀୟ ସାଇବର କ୍ରାଇମ ରିପୋର୍ଟିଂ



ପୋର୍ଟାଲ (ଏନସିଆରପି) ସହାୟତାରେ ଏହି ମ୍ୟୁଲ ଆକାଉଣ୍ଟ ଧାରୀଙ୍କ ତଥ୍ୟ ସଂଗ୍ରହ କରିପାରିଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସପି ମୁକେଶ ଭାମୂ କହିଛନ୍ତି ।

ସୂଚନା ଅନୁସାରେ, ବର୍ତ୍ତମାନ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ସାଇବର ଠକେଇ ବଢ଼ିବାରେ ଲାଗିଛି । ତେଣୁ ରାଜ୍ୟ କ୍ରାଇମ ବ୍ରାଞ୍ଚ ଓ ସାଇବର ସେଲର ମିଳିତ ଉଦ୍ୟମରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଏସପିଙ୍କ କହିବା ଅନୁସାରେ ସମ୍ବଲପୁରରେ ୩୦୦ ଗୋଟି ସନ୍ଦିଗ୍ଧ ମ୍ୟୁଲ୍ ଏକାଉଣ୍ଟ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ସମ୍ବଲପୁର ସାଇବର ଥାନା ପୁଲିସ ୧୪୦ ଗୋଟି ଆକାଉଣ୍ଟକୁ ଯାଞ୍ଚ କରିଛି । ଏଥିରେ ପ୍ରାୟ ୧୧୦ କୋଟି ୩୦ ଲକ୍ଷ ୧୮ ହଜାର ୭୭୨ ଟଙ୍କା ଟ୍ରାଞ୍ଜାକ୍ସନ ହୋଇଛି । ଯାହାକୁ ନେଇ ପୁଲିସ ତଦନ୍ତ ଜାରି ▶ପୃଷ୍ଠା-୭

### ଅଜବ ରାଜ୍ୟ, ଗଜବ ନୀତି
## ବିନା ଫିଟନେସରେ ଶିକ୍ଷାନୁଷ୍ଠାନ ଗାଡ଼ି
### ପରିବହନ ବିଭାଗର ୨୪୨ ଗାଡ଼ିରେ ନାହିଁ ପିୟୁସିସି

■ ଭୁବନେଶ୍ୱର, ୧୯।୨ (ସମିସ): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଦୈନିକ ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଅନେକ ବସ୍ ଚଳାଚଳ ପାଇଁ ଫିଟ୍ ନୁହେଁ । ସେହିପରି ଖୋଦ୍ ପରିବହନ ପକ୍ଷରୁ ଚାଲୁଥିବା ଅନେକ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନାହିଁ । ଖୋଦ୍ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି । ବିଡ଼ମ୍ବନା ହେଉଛି ସରକାରଙ୍କ ନିକଟରେ ଏ ସଂକ୍ରାନ୍ତରେ ତଥ୍ୟ ଥିବା ସତ୍ତ୍ୱେ ଉପରୋକ୍ତ ଗାଡ଼ି ବା ଏହାର କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପଛଘୁଞ୍ଚା ଦେଉଛନ୍ତି ।

ବିଧାନସଭାରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ବର୍ତ୍ତମାନ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୪୦୪୫ ଟି ବସ୍ ଗମନାଗମନ କରୁଛି । ଏଥିମଧ୍ୟରୁ ୧୧୭୧ଟି ବସରେ ଫିଟନେସ୍ ସାର୍ଟିଫିକେଟ ନାହିଁ । ସେହିପରି ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୭ଟି ବସ୍ ବିନା ଫିଟନେସରେ ଗଡୁଛି ବୋଲି ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି ।



ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗରେ ଚାଲୁଥିବା ଗାଡିକୁ ନେଇ ମଧ୍ୟ ଆଶ୍ଚର୍ଯ୍ୟଜନକ ଚିତ୍ର ସାମନାକୁ ଆସିଛି । ବିଭାଗ ଅଧୀନରେ ଚଳାଚଳ କରୁଥିବା ଅନେକ ଗାଡ଼ି ବିନା ପ୍ରଦୂଷଣ ପ୍ରମାଣପତ୍ରରେ ଗଡୁଛି । ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ସରକାରଙ୍କ ନିଜସ୍ୱ ଓ ଭଡ଼ାରେ ପରିବହନ ବିଭାଗରେ ୨୪୨ଟି ଗାଡ଼ି ଚାଲୁଛି । ଏସବୁ ଗାଡ଼ିର ପ୍ରଦୂଷଣ ▶ପୃଷ୍ଠା-୭

### ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ
# ରଙ୍ଗ ଗେରୁଆ, ବାସ୍ନା ଗୋଲାପୀ
## ଓଡ଼ିଶା ହେବ ୧୦ ଲକ୍ଷ କୋଟିର ଅର୍ଥନୀତି

■ ଭୁବନେଶ୍ୱର, ୧୯।୨ (ସମିସ): ସରକାର ବଦଳିବା ସହ ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟର ଛବି ଓ ରଙ୍ଗ ବଦଳିଛି । ବିଧାନସଭାରେ ଉପସ୍ଥାପିତ ଗେରୁ ରଙ୍ଗର ଅର୍ଥନୈତିକ ସର୍ଭେ ରିପୋର୍ଟ ପୁସ୍ତିକାରେ ଅଭିବୃଦ୍ଧିର ଗୋଲାପୀ ଅତର ଢ଼ାଳିଛନ୍ତି ସରକାର । ରାଜ୍ୟର ଅର୍ଥନୀତି ଖୁବ୍ ଶୀଘ୍ର ୧୦ ଲକ୍ଷ କୋଟି ଟଙ୍କା ଛୁଇଁବ ଓ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୯.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛନ୍ତି । ୨୦୨୪-୨୫ ଆର୍ଥକବର୍ଷରେ ରାଜ୍ୟ ଅର୍ଥନୀତିର ଆକାର ୯ ଲକ୍ଷ କୋଟି ଟଙ୍କା ଥିଲା ଓ ବାର୍ଷିକ ୯.୫ ପ୍ରତିଶତ ଅଭିବୃଦ୍ଧି ଘଟିବ ବୋଲି ରିପୋର୍ଟରେ କୁହାଯାଇଛି । ସେହିପରି




**ଆୟ ହାର ବୃଦ୍ଧିରେ ଦେଶକୁ ଟପିଲା ଓଡ଼ିଶା**

**ମୁଣ୍ଡ ପିଛା ଆୟ ୧.୮୭ ଲକ୍ଷ ଟଙ୍କା**

**ବାର୍ଷିକ ଅଭିବୃଦ୍ଧି ହାର ୭.୯% ଆକଳନ**

**ଜାତୀୟ ହାରକୁ ଟପିବ ଜିଡିପି ଅଭିବୃଦ୍ଧି**

୨୦୨୫-୨୬ ଆର୍ଥକବର୍ଷରେ ରାଜ୍ୟରେ ମୁଣ୍ଡପିଛା ଆୟରେ ୯.୨% ବୃଦ୍ଧି ପାଇଥିବା ଓ ଏହା ଦେଶରେ ମୁଣ୍ଡପିଛା ଆୟ ହାର ୬.୯% ବୃଦ୍ଧିରୁ ଅଧିକ ବୋଲି ଏଥିରେ ଉଲ୍ଲେଖ ରହିଛି । ରାଜ୍ୟବାସୀଙ୍କ ହାରାହାରି ମୁଣ୍ଡପିଛା ଆୟ ୧.୮୭ ଲକ୍ଷ ଟଙ୍କା ବୋଲି ସରକାର କହିଛନ୍ତି ।

୨୦୨୫-୨୬ରେ ରାଜ୍ୟର ବାସ୍ତବ ଅର୍ଥନୈତିକ ଅଭିବୃଦ୍ଧି ୭.୯ ▶ପୃଷ୍ଠା-୭


## ଦୁଇ ଦିନରେ ମୁଣ୍ଡପିଛା ଆୟ ୭ ହଜାର ବୃଦ୍ଧି !

■ ଭୁବନେଶ୍ୱର, ୧୯।୨ (ସମିସ): ମାତ୍ର ଦୁଇଦିନରେ ରାଜ୍ୟବାସୀଙ୍କ ହାରାହାରି ବାର୍ଷିକ ମୁଣ୍ଡପିଛା ହାରାହାରି ଆୟ ବଢ଼ିଛି ୭ ହଜାର ଟଙ୍କା । ଏ କଥା ଖୋଦ ରାଜ୍ୟ ସରକାର ବିଧାନସଭାରେ ଉଲ୍ଲେଖ କରିଛନ୍ତି । ତେବେ କେଉଁ ଚମତ୍କାରିତା ବଳରେଏପରି ଉପଲବ୍ଧି ହାସଲ ହେଲା ତାହାର ରହସ୍ୟ ସରକାର ସ୍ପଷ୍ଟ କରିନାହାନ୍ତି । ମଙ୍ଗଳବାର ବିଧାନସଭାର ବଜେଟ୍ ଅଧିବେଶନର ପ୍ରାରମ୍ଭରେ ରାଜ୍ୟପାଳ ନିଜ ଅଭିଭାଷଣରେ ରାଜ୍ୟବାସୀଙ୍କ ମୁଣ୍ଡପିଛା ହାରାହାରି ଆୟ ୧.୮୦ ଲକ୍ଷ ଟଙ୍କା ଥିବା ଦର୍ଶାଇଥିଲେ । ଏହା ସହିତ ୨୦୪୭ ସୁଦ୍ଧା ମୁଣ୍ଡପିଛା ହାରାହାରି ଆୟ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ରାଜ୍ୟ ସରକାର ଭିଜନ ଡ଼କୁମେଣ୍ଟର ▶ପୃଷ୍ଠା-୭






# ୩୭ ରାଜ୍ୟସଭା ଆସନ ପାଇଁ ଛକାପଞ୍ଝା ଆରମ୍ଭ



**ମାର୍ଚ୍ଚ ୧୬ ପାଇଁ ଜୋରଦାର ଲଢ଼େଇ**

ନୂଆଦିଲ୍ଲୀ, ୧୯।୨: ଆସନ୍ତା ମାର୍ଚ୍ଚ ୧୬ରେ ରାଜ୍ୟସଭାର ଦ୍ୱିବାର୍ଷିକ ନିର୍ବାଚନ ପାଇଁ ନିର୍ବାଚନ କମିସନ ତାରିଖ ଘୋଷଣା କରିବା ପରେ ସରକାରୀ ଓ ବିରୋଧୀ ଦଳ ମଧ୍ୟରେ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଯେଉଁ ୧୦ଟି ରାଜ୍ୟର ୩୭ଟି ଆସନ ପାଇଁ ନିର୍ବାଚନ ହେବ, ସେଥିରେ କେଉଁ ଦଳ/ମେଣ୍ଟ କେତେ ଜିତିବ, ତାହାକୁ ନେଇ କଳ୍ପନାଜଳ୍ପନା ଚାଲିଛି। ଯେଉଁ ୩୭ଟି ଆସନ ଖାଲି ହେବାକୁ ଯାଉଛି, ସେଥିରେ ବିଜେପି ମେଣ୍ଟର ୧୨ ଜଣ ସାଂସଦ ଥିବା ବେଳେ ଆଉ ୨୫ ଜଣ ହେଉଛନ୍ତି ବିରୋଧୀ ମେଣ୍ଟର। ମାର୍ଚ୍ଚ ୧୬ ନିର୍ବାଚନରେ ବିଜେପି ମେଣ୍ଟକୁ କିଛି ଫାଇଦା ମିଳିବ। କିନ୍ତୁ ସବୁ ଆସନକୁ ପୋଛିବା ସ୍ଥିତିରେ ନାହିଁ। ଏହି ୧୦ଟି ରାଜ୍ୟ ମଧ୍ୟରୁ ବିଜେପି ମେଣ୍ଟ ୬ଟି ରାଜ୍ୟରେ କ୍ଷମତାସୀନ ଥିବା ବେଳେ ବିରୋଧୀ ଦଳ ୪ଟି ରାଜ୍ୟରେ ସରକାରରେ ଅଛନ୍ତି। ବିଜେପି ମେଣ୍ଟ ଶାସିତ ରାଜ୍ୟରେ ୨୩ଟି ଆସନରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ବିରୋଧୀ ଶାସିତ ୪ ରାଜ୍ୟରେ ଅବଶିଷ୍ଟ ୧୪ଟି ଆସନରେ ମତଦାନ ହେବ।

ବିଭିନ୍ନ ରାଜ୍ୟରେ ବିଧାୟକଙ୍କ ସଂଖ୍ୟା ଦୃଷ୍ଟିରୁ ମହାରାଷ୍ଟ୍ର, ବିହାର, ଓଡ଼ିଶା, ଆସାମ, ହରିଆଣା ଓ ଛତିଶଗଡ଼ରେ ବିଜେପି ମେଣ୍ଟର ପ୍ରଦର୍ଶନ ଭଲ ରହିବ ବୋଲି ଜଣାପଡୁଛି। ଏହିସବୁ ରାଜ୍ୟରେ ବିଜେପି ମେଣ୍ଟ ସରକାରରେ ଅଛି। କିନ୍ତୁ ଖାଲି ପଡୁଥିବା ସମସ୍ତ ୨୩ଟି ଆସନ ହାତେଇବା ସ୍ଥିତିରେ ନାହିଁ ଶାସକ ମେଣ୍ଟ। ମହାରାଷ୍ଟ୍ରରେ ସର୍ବାଧିକ ୭ଟି ଆସନରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ବିଜେପି ମେଣ୍ଟ ୬ଟି ଆସନରେ ଜିତିବାର ସମ୍ଭାବନା ରହିଛି। ବିରୋଧୀ ଦଳ ଏକାଠି ହେଲେ ସେମାନେ ଗୋଟିଏ ଆସନ ପାଇପାରିବେ। ସେହିଭଳି ବିହାରରେ ନିର୍ବାଚନ ହେବାକୁ ଯାଉଥିବା ୫ଟି ଆସନ ମଧ୍ୟରୁ ବିଜେପି ମେଣ୍ଟକୁ ୪ଟି ଆସନ ମିଳିବା ନିଶ୍ଚିତ। ଓଡ଼ିଶାରେ ୪ଟି ଆସନ ଖାଲିପଡୁଥିବା ବେଳେ ବିଜେପି ମେଣ୍ଟ ୨ଟି ଆସନ ପାଇବା ନିଶ୍ଚିତ। ହରିଆଣା ଏବଂ ଛତିଶଗଡ଼ରେ ଏହା ଗୋଟିଏ ଲେଖାଏଁ ଆସନ ପାଇବାର ସମ୍ଭାବନା ରହିଛି। ମୋଟ ଉପରେ କହିବାକୁ ଗଲେ ଏହି ୬ଟି ରାଜ୍ୟରେ ବିଜେପି ମେଣ୍ଟ ୧୬ଟି ଆସନ ପାଇବାକୁ ଥିବା ବେଳେ ଅନ୍ୟମାନଙ୍କୁ ମିଳିପାରେ ୭ଟି ଆସନ।

ଅନ୍ୟପକ୍ଷରେ ବିରୋଧୀ ଶାସିତ ପଶ୍ଚିମ ବଙ୍ଗରେ ୫ ଆସନ ଏବଂ ତାମିଲନାଡୁରେ ୬ଟି ଆସନ ପାଇଁ ନିର୍ବାଚନ ହେବ। ବିଧାୟକ ସଂଖ୍ୟା ଦୃଷ୍ଟିରୁ ପଶ୍ଚିମ ବଙ୍ଗରେ ତୃଣମୂଳ କଂଗ୍ରେସ ୪ଟି ଆସନ ଜିତିବ ଏବଂ ବିଜେପିକୁ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ସେହିଭଳି ତାମିଲନାଡୁରେ ଡିଏମକେ ଏବଂ ଏହାର ସହଯୋଗୀ ୪ଟି ଆସନରେ ବିଜୟୀ ହେବା ନିଶ୍ଚିତ ଜଣାପଡୁଥିବା ବେଳେ ଆନ୍ନାଡିଏମକେକୁ ମିଳିବ ୨ଟି ଆସନ । ତେଲେଙ୍ଗାନାରେ ଯେଉଁ ୨ଟି ଆସନ ଖାଲି ପଡ଼ିଛି ତାହା କଂଗ୍ରେସ ଏବଂ ବିଆର୍‌ଏସ୍ ଖାତାକୁ ଚାଲିଯିବ। ହିମାଚଳ ପ୍ରଦେଶରେ ଗୋଟିଏ ଆସନ ଖାଲି ପଡୁଛି ଏବଂ ଏଠାରେ କଂଗ୍ରେସ ଜିତିବାର ସମ୍ଭାବନା ରହିଛି। ତେବେ ବିଜେପି ପ୍ରାର୍ଥୀ ଦେଲେ କିଛି ବି ଅସମ୍ଭବ ନୁହେଁ। କାରଣ ରାଜ୍ୟରେ କ୍ଷମତାସୀନ ଅନେକ କଂଗ୍ରେସ ବିଧାୟକଙ୍କ ସନ୍ଦେହଜନକ ଭୂମିକା ଓଲଟପାଲଟ କରିପାରେ। ଅତୀତରେ ଏହା ମଧ୍ୟ ଘଟିଛି। ରାଜ୍ୟ ବିଧାନସଭାରେ କଂଗ୍ରେସର ୪୦ ବିଧାୟକ ଥିବା ବେଳେ ବିଜେପିର ୨୮ ବିଧାୟକ ଅଛନ୍ତି। ଏହି ୪ଟି ରାଜ୍ୟରେ ଖାଲିପଡୁଥିବା ୧୪ ଆସନ ମଧ୍ୟରୁ ବିଜେପି ଓ ଏହାର ସହଯୋଗୀ ଆନ୍ନାଡିଏମକେକୁ ୩ଟି ଆସନ ମିଳିବାକୁ ଥିବା ବେଳେ ଅବଶିଷ୍ଟ ୧୧ଟି ଆସନ ବିରୋଧୀ ମେଣ୍ଟକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଯେଉଁ ୩୭ଟି ଆସନରେ ନିର୍ବାଚନ ହେବାକୁ ଯାଉଛି, ସେଥିମଧ୍ୟରୁ ବିଜେପି ମେଣ୍ଟକୁ ୧୯ଟି ଏବଂ ଅବଶିଷ୍ଟ ୧୮ଟି ଆସନ ବିରୋଧୀଙ୍କ ଦଖଲରେ ରହିପାରେ। ବିଜେପି ମେଣ୍ଟକୁ ୭ଟି ଆସନର ଫାଇଦା ମିଳିବାର ସମ୍ଭାବନା ଥିବା ବେଳେ ବିରୋଧୀଙ୍କ ହାତରୁ ୭ଟି ଆସନ ଚାଲିଯିବ।

ସୂଚନାଯୋଗ୍ୟ ଯେ ଏବେ ରାଜ୍ୟସଭାରେ ୨୪୫ ଆସନ ମଧ୍ୟରୁ ବିଜେପି ମେଣ୍ଟର ୧୩୩ ସାଂସଦ ଥିବା ବେଳେ ବିରୋଧୀ ମେଣ୍ଟର ୭୯ ସଭ୍ୟ ଅଛନ୍ତି। ଅନ୍ୟ ଦଳର ୩୦ ସାଂସଦ ଅଛନ୍ତି। ବିଜେପିର ସର୍ବାଧିକ ୧୦୩ ସଭ୍ୟ ଅଛନ୍ତି।

## ମେ ୫'ରୁ ସିଏଏ ମାମଲାର ଅନ୍ତିମ ଶୁଣାଣି କରିବେ ସୁପ୍ରିମକୋର୍ଟ

**ତର୍କ ରଖିବା ପାଇଁ ଆବେଦନାକାରୀଙ୍କୁ ମିଳିବ ଦେଢ଼ ଦିନ**

ନୂଆଦିଲ୍ଲୀ, ୧୯।୨(ଏଜେନ୍ସି): ନାଗରିକତା ସଂଶୋଧନ ଆଇନ (ସିଏଏ) ମାମଲାର ଅନ୍ତିମ ଶୁଣାଣି ପାଇଁ ସୁପ୍ରିମକୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି ଯେ ସିଏଏ ୨୦୧୯ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ୨୦୦ରୁ ଅଧିକ ଆବେଦନ ଉପରେ ଅନ୍ତିମ ଶୁଣାଣି ମେ ମାସ ୫ରୁ ଆରମ୍ଭ ହେବ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଆବେଦନକରୀ ନିଜର ପକ୍ଷ ରଖିବା ପାଇଁ ଦେଢ଼ ଦିନ ଓ କେନ୍ଦ୍ର ସରକାରଙ୍କୁ ଗୋଟିଏ ଦିନ ସମୟ ଦିଆଯିବ। ଆସନ୍ତା ମେ ୧୨ ତାରିଖ ସୁଦ୍ଧା ଏହି ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଆବେଦନଗୁଡ଼ିକ ମଧ୍ୟରେ ଇଣ୍ଡିଆନ ୟୁନିୟନ ମୁସ୍‌ଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍)ର ପିଟିସନ ମଧ୍ୟ ସାମିଲ ରହିଛି। ସୂଚନାଯୋଗ୍ୟ ଯେ, ସିଏଏ ଅଧୀନରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତ ଆସିଥିବା କେବଳ ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଶରଣାର୍ଥୀଙ୍କୁ ନାଗରିକତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପ୍ରଥମେ ଭାରତ ପାଇଁ ଲାଗୁ ହୋଇଥିବା ସିଏଏର ଶୁଣାଣି କରିବେ ଏବଂ ପରେ ଆସାମ, ତ୍ରିପୁରା ସହ ଜଡ଼ିତ ସ୍ୱତନ୍ତ୍ର ଆବେଦନଗୁଡ଼ିକ ଉପରେ ଶୁଣାଣି କରିବେ। ଉଲ୍ଲେଖଥାଉ କି, ସିଏଏ ନେଇ ଦେଶରେ ସେତେବେଳେ ବଡ଼ ବିବାଦ ଦେଖାଦେଇଥିଲା।

## ବିଦ୍ରୋହ ପାଇଁ ଦୋଷୀ ସାବ୍ୟସ୍ତ ଦ. କୋରିଆ ପୂର୍ବତନ ରାଷ୍ଟ୍ରପତି



ସିଓଲ, ୧୯।୨(ଏଜେନ୍ସି): ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ ସୁକ ୟୋଲଙ୍କୁ ଗୁରୁବାର ବିଦ୍ରୋହ ଉସୁକାଇବା ଅଭିଯୋଗରେ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲା ୨୦୨୪ ଶେଷ ଭାଗରେ ଦେଶରେ ଲାଗୁ କରାଯାଇଥିବା ମାର୍ଶାଲ ଲ (ସାମରିକ ଶାସନ) ସହିତ ଜଡ଼ିତ। ଯଦିଓ ଏହି ସାମରିକ ଶାସନ ଅଳ୍ପ ସମୟ ପାଇଁ ଲାଗୁ ହୋଇଥିଲା, କିନ୍ତୁ ଏକ ବଡ଼ ଧରଣର ରାଜନୈତିକ ଅସ୍ଥିରତା ସୃଷ୍ଟି କରିଥିଲା। ଦଶନ୍ଧି ଦଶନ୍ଧି ଚାଲିଆସୁଥିବା ଦକ୍ଷିଣ କୋରିଆରେ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ସମାଲୋଚକଙ୍କ ମତରେ, ୟୁନ୍‌ଙ୍କ ଏହି ନିଷ୍ପତ୍ତି ଦକ୍ଷିଣ କୋରିଆର ଗଣତାନ୍ତ୍ରିକ ପରମ୍ପରାକୁ ବହୁତ କ୍ଷତି ପହଞ୍ଚାଇଥିଲା। ଗୁରୁବାର କୋର୍ଟ ୟୁନ ସୁକ ୟୋଲଙ୍କୁ ବିଦ୍ରୋହର ନେତୃତ୍ୱ ନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଲ୍ଲେଖଥାଉ କି, ୟୁନ୍ ୨୦୨୪ ଡିସେମ୍ବର ୩ରେ ରାତିରେ ହଠାତ୍ ଦେଶରେ ମାର୍ଶାଲ ଲ ଲାଗୁ କରିବାକୁ ଘୋଷଣା କରିଥିଲେ। ଏହି ନିଷ୍ପତ୍ତିକୁ ନେଇ ସାରା ଦେଶରେ ପ୍ରବଳ ଜନ ଅସନ୍ତୋଷ ଦେଖା ଦେଇଥିଲା। ଫଳରେ ମାତ୍ର ୬ ଘଣ୍ଟା ମଧ୍ୟରେ ସେ ନିଜର ନିଷ୍ପତ୍ତି ଫେରାଇନେବାକୁ ବାଧ୍ୟ ହୋଇଥିଲେ। ଏହି ଘଟଣା ପରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଥିଲା ଏବଂ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟାଇ ଦିଆଯାଇଥିଲା।

## ଗାଜାର ୯୦ ପ୍ରତିଶତ ଅଞ୍ଚଳରେ ପ୍ରଭାବ ବଢ଼ାଉଛି ହମାସ

ଗାଜା, ୧୯।୨(ଏଜେନ୍ସି): ଗତ ଅକ୍ଟୋବରରେ ଆମେରିକା ପ୍ରୟାସରେ ଲାଗୁ ହୋଇଥିବା ଅସ୍ତ୍ରବିରତି ପରେ ଗାଜାରେ ହମାସ ପୁଣିଥରେ ନିଜର ସ୍ଥିତି ମଜବୁତ କରିବାରେ ଲାଗିଛି। ବିବିସି ରିପୋର୍ଟ ଅନୁଯାୟୀ, ଗାଜାର ଜଣେ କର୍ମକର୍ତ୍ତା ମହମ୍ମଦ ଦିୟାବ କହିଛନ୍ତି ଯେ, ହମାସ ଏହି ଅଞ୍ଚଳଗୁଡ଼ିକରେ ୯୦ ପ୍ରତିଶତରୁ ଅଧିକ ଭାଗରେ ନିଜର ନିୟନ୍ତ୍ରଣ ଫେରି ପାଇଛି। ଗାଜାର ରାସ୍ତାଘାଟକୁ ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ଫେରିଛନ୍ତି। ସେମାନେ ଅପରାଧ ରୋକିବା ସହ ନିଜର ବିରୋଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆଜି ୱାସିଂଟନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ବୋର୍ଡ ଅଫ୍ ପିସ'ର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ବିଶ୍ୱର ୬୦ଟି ଦେଶକୁ ନିମନ୍ତ୍ରଣ କରାଯାଇଛି। ଟାଇମ୍ସ ଅଫ୍ ଇସ୍ରାଏଲ ଅନୁଯାୟୀ, ବୋର୍ଡ ପ୍ରାଥମିକ ଦସ୍ତାବିଜରେ ଗାଜା ବିଷୟରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ଟ୍ରମ୍ପ କହିଛନ୍ତି ଯେ, ଏହି ବୋର୍ଡର ଲକ୍ଷ୍ୟ କେବଳ ଗାଜାରେ ନୁହେଁ, ବରଂ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା। ଏହି ପିସ୍ ବୋର୍ଡ ଉପରେ ଟ୍ରମ୍ପଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ଟ୍ରମ୍ପ ନିଜର ଉତ୍ତରାଧିକାରୀ ଚୟନ କରିବା ପର୍ଯ୍ୟନ୍ତ ଏହି ବୋର୍ଡର ଆଜୀବନ ଅଧ୍ୟକ୍ଷ ରହିବେ। ରାଷ୍ଟ୍ରପତି ପଦରୁ ଅବସର ନେବା ପରେ ମଧ୍ୟ ଟ୍ରମ୍ପ ବୋର୍ଡ ଅଧ୍ୟକ୍ଷ ରହିବେ।

## ଆମେରିକାରେ ଧସିଲା ବରଫ ପାହାଡ଼, ୮ ମୃତ

ଲସ ଏଞ୍ଜେଲ୍ସ, ୧୯।୨(ଏଜେନ୍ସି): ଆମେରିକା କାଲିଫର୍ଣ୍ଣିଆ ରାଜ୍ୟର ନେଭାଡ଼ା ପର୍ବତମାଳାରେ ମଙ୍ଗଳବାର ଦିନ ବରଫ ପାହାଡ଼ ଧସିବା ଫଳରେ ଏକ ୧୫ ଜଣିଆ ପର୍ଯ୍ୟଟକ ଦଳ ଫସିଯାଇଥିଲା। ଏହି ଗ୍ରୁପ୍ ବ୍ଲାକବୋର୍ଡ ମାଉଣ୍ଟେନ ଗାଇଡ୍ସ କମ୍ପାନୀ ସହିତ ୩ ଦିନିଆ ଟ୍ରିପ୍‌ରେ ଯାଇଥିଲେ। କିନ୍ତୁ ମଙ୍ଗଳବାର ସକାଳ ପ୍ରାୟ ୧୧.୩୦ରେ ତୁଷାର ସ୍ଖଳନ ଘଟିଥିଲା। ଏହି ଦୁର୍ଘଟଣା ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ପର୍ଯ୍ୟଟକ ନିଖୋଜ ଅଛନ୍ତି। ନିଖୋଜ ପର୍ଯ୍ୟଟକ ମୃତ ବୋଲି ଅନୁମାନ କରାଯାଉଛି। ମୃତକ ମଧ୍ୟରେ କମ୍ପାନୀର ୩ ଜଣ ଗାଇଡ୍ ସାମିଲ ଅଛନ୍ତି। ମୋଟ ମୃତ ଓ ନିଖୋଜଙ୍କ ମଧ୍ୟରେ ୭ ଜଣ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି। ତେବେ ଅନ୍ୟ ୬ ଜଣଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ଏହା ଆମେରିକାର ଗତ ୪୫ ବର୍ଷ ମଧ୍ୟରେ ସବୁଠାରୁ ମାରାତ୍ମକ ତୁଷାର ସ୍ଖଳନ ବୋଲି କୁହାଯାଉଛି। ଏହାପୂର୍ବରୁ ୧୯୮୧ରେ ୱାସିଂଟନ ମାଉଣ୍ଟ ଟେନିୟରରେ ଏକ ଦୁର୍ଘଟଣା ଘଟିଥଲା ଓ ଏଥିରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଖରାପ ପାଗ ଓ ଶୂନ୍ୟ ଦୃଶ୍ୟମାନତା କାରଣରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଅଫିସ, ଚଣ୍ଡୀଗଡ଼ କୋର୍ଟ ଉଡ଼ାଇ ଦେବାକୁ ଧମକ



ଚଣ୍ଡୀଗଡ଼, ୧୯।୨(ଏଜେନ୍ସି): ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ସଚିବାଳୟ ଓ ଚଣ୍ଡୀଗଡ଼ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଇମେଲ ଜରିଆରେ ଆଜି ଧମକ ମିଳିଛି। ସୂଚନା ପାଇବା ମାତ୍ରେ ପୁଲିସ ପ୍ରଶାସନ ତତ୍ପର ହୋଇ ଉଠିଥିଲା ଏବଂ ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ଅଞ୍ଚଳକୁ ଖାଲି କରାଯାଇଥିଲା। ଏଥିସହିତ ପଡୋଶୀ ହରିୟାଣା ସଚିବାଳୟକୁ ମଧ୍ୟ ସତର୍କତା ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳ ୯.୪୬ରେ ସମ୍ପୃକ୍ତ ବିଭାଗକୁ ଏକ ଇମେଲ ଆସିଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ, ସଚିବାଳୟ ଓ ଚଣ୍ଡୀଗଡ଼ କୋର୍ଟରେ ବିସ୍ଫୋରଣ କରିବାକୁ କୁହାଯାଇଥିଲା। ଭାଇରାଲ ହୋଇଥିବା ସ୍କ୍ରିନସଟ୍ ଅନୁଯାୟୀ, ଇମେଲରେ ଲେଖାଥିଲା ଯେ ଦ୍ୱିପହର ୨.୧୧ରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓ ୩.୧୧ରେ କୋର୍ଟରେ ବିସ୍ଫୋରଣ ହେବ। ଏଥିରେ ଖଲିସ୍ତାନ ପ୍ରସଙ୍ଗ ମଧ୍ୟ ଉଲ୍ଲେଖ ଥିଲା। ସୂଚନା ମିଳିବା ପରେ ପୁଲିସ ବାହିନୀ, ସିଆରପିଏଫ୍, ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ଼ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସଚିବାଳୟରୁ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରାଯାଇଥିଲା। ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ। ସତର୍କତାମୂଳକ ପଦକ୍ଷେପ ଭାବେ ସେଠାରେ ଆମ୍ବୁଲାନ୍ସ ଓ ଦମକଳ ବାହିନୀକୁ ମୁତୟନ କରାଯାଇଛି। ପଞ୍ଜାବ ସଚିବାଳୟକୁ ଧମକ ମିଳିବା ପରେ ହରିୟାଣା ସଚିବାଳୟଙ୍କୁ ମଧ୍ୟ ଆଲର୍ଟରେ ରଖାଯାଇଛି।

ସୂଚନାଯୋଗ୍ୟ ଯେ, ଆସନ୍ତାକାଲିଠାରୁ ହରିୟାଣା ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଉଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଆଜି ହିଁ ମୋହାଲିର ପୋର୍ଟିସ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ନିଜ ବାସଭବନକୁ ଫେରିଛନ୍ତି। ସେ ଅସୁସ୍ଥ ଥିବା ବେଳେ ହସ୍ପିଟାଲକୁ ଏକ ମିଥ୍ୟା ବୋମା ଧମକ ମିଳିଥିଲା।

## ରାହୁଲଙ୍କୁ ହତ୍ୟା ଧମକ ମିଳିଥିବା ଅଭିଯୋଗ କଲା କଂଗ୍ରେସ



**କରଣୀ ସେନା କର୍ମକର୍ତ୍ତାଙ୍କ ଭିଡ଼ିଓ ସେୟାର କଲେ ଖେଡ଼ା**

ନୂଆଦିଲ୍ଲୀ, ୧୯।୨(ଏଜେନ୍ସି): କରଣୀ ସେନାର ଜଣେ କର୍ମକର୍ତ୍ତା ବରିଷ୍ଠ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଗୁଳି ମାରିବାକୁ ଧମକ ଦେଇଛନ୍ତି। କଂଗ୍ରେସ ମୁଖପାତ୍ର ପବନ ଖେଡ଼ା ଗୁରୁବାର ଏହି ଦାବି କରିଛନ୍ତି। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଧମକପୂର୍ଣ୍ଣ ଭିଡ଼ିଓ ମଧ୍ୟ ସେୟାର କରିଛନ୍ତି। ଖେଡ଼ା ଲେଖିଛନ୍ତି ଯେ, ସମ୍ପୂର୍ଣ୍ଣ ଆରଏସ୍‌ଏସ୍- ବିଜେପି ତନ୍ତ୍ର ଏକ 'ଗଡ଼ସେ ଫ୍ୟାକ୍ଟ୍ରି'ରେ ପରିଣତ ହୋଇଛି। ରାହୁଲ ଗାନ୍ଧୀ ଓ ୨୫ ଜଣ ସାଂସଦଙ୍କ ବିରୋଧରେ ଦିଆଯାଇଥିବା ଧମକ କୌଣସି ମାମୁଲି ଘଟଣା ନୁହେଁ। ଏହା ଏକ ସୁଚିନ୍ତିତ ଓ କପଟପୂର୍ଣ୍ଣ ଷଡ଼ଯନ୍ତ୍ରର ଏକ ଅଂଶବିଶେଷ। ସେ 'ଏକ୍ସ'ରେ ଆହୁରି ଲେଖିଛନ୍ତି ଯେ, କଠୋରପନ୍ଥୀମାନେ ଏମିତି ହିଁ କାର୍ଯ୍ୟ କରନ୍ତି। ସେମାନେ ପ୍ରଥମେ ଏକ ମିଛ ତିଆରି କରନ୍ତି, ରାଜନୈତିକ କର୍ତ୍ତୃପକ୍ଷ ତାକୁ ଆଗକୁ ବଢ଼ାନ୍ତି ଏବଂ ସେତେବେଳ ପର୍ଯ୍ୟନ୍ତ ପ୍ରସାର କରନ୍ତି ଯେତେବେଳେ ପର୍ଯ୍ୟନ୍ତ ସେମାନଙ୍କ ଅନୁଗାମୀଙ୍କ ମନରେ ଘୃଣା ଓ ହିଂସା ଭରି ନଯାଇଛି। ସେତେବେଳେ ମଧ୍ୟ ଗଡ଼ସେ ତିଆରି କରାଯାଇଥିଲା, ଆଜି ମଧ୍ୟ ଆଉ ଜଣେ ଗଡ଼ସେକୁ ପ୍ରସ୍ତୁତ କରାଯାଉଛି। ଏହି ଭିଡ଼ିଓ ସାମ୍ନାକୁ ଆସିବା ପରେ କୋଟା ପୁଲିସ ରାଜ ଆମେରାକୁ ଗିରଫ କରିଛି। ତେବେ ରାଜ କହିଛି, ତାକୁ ଏହି ଭିଡ଼ିଓ ବିଷୟରେ କିଛି ଜଣାନାହିଁ। ବିରୋଧୀ ଦଳ ଫେକ୍ ଆଇଡ଼ି ବ୍ୟବହାର କରି ଏହି ଭିଡ଼ିଓ ତିଆରି କରିଛନ୍ତି। ମୁଁ ସନାତନ ସହିତ ଜଡ଼ିତ ଓ ଦେଶକୁ ହିନ୍ଦୁ ରାଷ୍ଟ୍ର କରିବାକୁ ଚାହେଁ। ଅଭିଯୁକ୍ତ ରାଜ ଆମେରା କୋର୍ଟ ଉଦ୍ୟୋଗ ନଗରର ବାସିନ୍ଦା ଏବଂ ସେ କରଣୀ ସେନାର ମୁଖପାତ୍ର ରହିଛି।

# ଇରାନ ନିକଟରେ ଆମେରିକାର ଶକ୍ତି ପ୍ରଦର୍ଶନ

**ଉଡ଼ାଇଲା ଏଫ୍-୩୫, ଏଫ-୨୨ ଓ ଏଫ୍-୧୬**



**୨୦୦୩ ପରେ ସବୁଠାରୁ ବଡ଼ ବାୟୁସେନା ମୁତୟନ**

ୱାସିଂଟନ/ତେହେରାନ, ୧୯।୨ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଅତିଦ୍ରୁତ ଗତିରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ନ୍ୟୁଜ ଏଜେନ୍ସି ସିଏନ୍‌ଏନ୍ ଅନୁଯାୟୀ, ଏହି ସପ୍ତାହର ଶେଷ ଆଡ଼କୁ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତରଫରୁ ଏହାକୁ କେବଳ ଚୂଡ଼ାନ୍ତ ମଞ୍ଜୁରୀ ମିଳିବା ବାକି ଅଛି। ୨୦୦୩ ଇରାନ ଯୁଦ୍ଧ ପରେ ଆମେରିକା ମଧ୍ୟପ୍ରାଚ୍ୟରେ ତା'ର ସବୁଠାରୁ ବଡ଼ ବାୟୁସେନା ମୁତୟନ କରିଛି। ରିପୋର୍ଟ ଅନୁଯାୟୀ, ଆମେରିକା ଏଫ୍-୩୫, ଏଫ-୨୨ ଓ ଏଫ୍-୧୬ ଭଳି ଅତ୍ୟାଧୁନିକ ଓ ଉନ୍ନତ ଲଢୁଆ ବିମାନର ଅନେକ ସ୍କ୍ୱାର୍ଡନ ମୁତୟନ କରିଛି। ବଡ଼ଧରଣର ବାୟୁସେନା ଅଭିଯାନ ପାଇଁ ଅତ୍ୟାବଶ୍ୟକ କମାଣ୍ଡ ଓ ନିୟନ୍ତ୍ରଣର ବିମାନ ମଧ୍ୟ ମୁତୟନ କରାଯାଇଛି। ଗତ କେତେ ସପ୍ତାହ ମଧ୍ୟରେ ଏହି ଅଞ୍ଚଳରେ ଏୟାର ଡିଫେନ୍ସ ସିଷ୍ଟମ ଅର୍ଥାତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମଧ୍ୟ ସ୍ଥାପିତ ହୋଇଛି। ଆମେରିକାର ଖବର ଏଜେନ୍ସି ଆକ୍ସିଓସ୍‌ର ରିପୋର୍ଟ ଅନୁଯାୟୀ, ଯଦି ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଏହା ଅନେକ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଏହି ଅପରେସନରେ ଇରାନର ପରମାଣୁ ଓ ମିସାଇଲ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇପାରେ। ସମ୍ଭବତଃ ଏହି କାର୍ଯ୍ୟାନୁଷ୍ଠାନ ଇସ୍ରାଏଲ ସହ ମିଶି କରାଯାଇପାରେ। ଇସ୍ରାଏଲର ପୂର୍ବତନ ଗୁଇନ୍ଦା ଅଧିକାରୀ ଆମୋସ ୟାଦଲିନଙ୍କ କହିବା ଅନୁଯାୟୀ, ସଂଘର୍ଷ ଏବେ ପୂର୍ବାପେକ୍ଷା ଅଧିକ ନିକଟତର ହୋଇଛି।

ଏହାସତ୍ତ୍ୱେ ଯୁଦ୍ଧ ଟାଳିବା ପାଇଁ କୂଟନୈତିକ ପ୍ରୟାସ ଜାରି ରହିଛି। ମଙ୍ଗଳବାର ଦିନ ଟ୍ରମ୍ପଙ୍କ ପରାମର୍ଶଦାତା ଜେରେଡ଼ କୁଶନର ଓ ଷ୍ଟିଭ୍ ବିଟ୍‌କେଫ୍ ଜେନେଭାରେ ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଘଚିଙ୍କ ସହ ୩ ଘଣ୍ଟାର କଥାବାର୍ତ୍ତା କରିଛନ୍ତି। କଥାବାର୍ତ୍ତାରେ ଅଗ୍ରଗତି ଆସିଛି ବୋଲି ଦୁଇପକ୍ଷ ତରଫରୁ କୁହାଯାଇଛି। ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ କେତୋଟି ମାମଲାରେ କଥାବାର୍ତ୍ତା ଭଲ ହୋଇଛି। କିନ୍ତୁ କେତୋଟି ମାମଲାରେ ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ରେଡ୍ ଲାଇନ୍ ସ୍ଥିର କରିଛନ୍ତି, ତାହାକୁ ଇରାନ ମାନିବାକୁ ପ୍ରସ୍ତୁତ ନାହିଁ। ଯୁଦ୍ଧ ଆସନ୍ନ ମନେ ହେଉଥିବା ହୋର୍ମୁଜ ପ୍ରଣାଳୀ ଅର୍ଥାତ ଷ୍ଟ୍ରେଟ୍ ଅଫ୍ ହର୍ମୁଜର ଗୁରୁତ୍ୱ ବଢ଼ିଯାଉଛି। ବିଶ୍ୱର ୨୦ ପ୍ରତିଶତ ତୈଳ ଯୋଗାଣ ଏହି ରାସ୍ତା ଦେଇ ହୋଇଥାଏ। ସାଉଦି ଆରବ, କୁଏତ, ଇରାକ, କାତାର, ବାହାରିନ, ୟୁଏଇ ଓ ଇରାନ ଭଳି ଦେଶର ରାପ୍ତାନୀ ଏହି ମାର୍ଗ ଉପରେ ନିର୍ଭର କରେ। ଇରାନ ଏବେ ଏହି ଅଞ୍ଚଳରେ ନିଜର ସାମରିକ ଅଭ୍ୟାସ ଆରମ୍ଭ କରି କିଛି ସମୟ ପାଇଁ ଯାତାୟାତ ବନ୍ଦ କରିଥିଲା। ସୂଚନାଯୋଗ୍ୟ ଯେ, ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ପରମାଣୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନାରେ ଇରାନର ବାଲାଷ୍ଟିକ୍ ମିସାଇଲ କର୍ଯ୍ୟକ୍ରମ ବାଧା ସୃଷ୍ଟି କରିଛି। ଇରାନ ଏ ନେଇ କିଛି ବୁଝାମଣା କରିବାକୁ ରାଜି ନୁହେଁ। ତେଣୁ କୂଟନୈତିକ ପ୍ରୟାସ ବିଫଳ ହେଲେ ଯୁଦ୍ଧ ନିଶ୍ଚିତ ବୋଲି ଟ୍ରମ୍ପ ପୁଣିଥରେ ଧମକ ଦେଇଛନ୍ତି।

## ସଫ୍ଟଓୟାର ସମସ୍ୟା: ଇଣ୍ଡିଗୋ, ସ୍ପାଇସ୍‌ଜେଟ୍, ଏୟାରଲାଇନ୍ସର ଚେକ୍-ଇନ୍ ବାଧାପ୍ରାପ୍ତ

ନୂଆଦିଲ୍ଲୀ, ୧୯।୨(ଏଜେନ୍ସି): ଗୁରୁବାର ସକାଳେ ପ୍ରାୟ ୪୦ ମିନିଟରୁ ଅଧିକ ସମୟଧରି ସଫ୍ଟ ଓୟାର ଗ୍ଲିଚ୍ ତଥା ବୈଷୟିକ ତ୍ରୁଟି ଦେଖାଯିବା ଯୋଗୁଁ ଦେଶର ବିଭିନ୍ନ ବିମାନ ବନ୍ଦରରେ ଯାତ୍ରୀମାନଙ୍କ ଚେକ୍ ଇନ୍ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ସୂତ୍ର ଅନୁଯାୟୀ, ଏହି ସମସ୍ୟା ଯୋଗୁଁ ଇଣ୍ଡିଗୋ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ସ୍ପାଇସ୍ ଜେଟ୍ ଓ ଆକାଶ ଏୟାରର ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସକାଳ ପ୍ରାୟ ୬.୪୫ରୁ ୭.୨୮ ପର୍ଯ୍ୟନ୍ତ ଚେକ୍-ଇନ୍ ସିଷ୍ଟମ କାମ କରୁ ନଥିଲା। ପରବର୍ତ୍ତୀ ସମୟରେ ସକାଳ ୮.୧୦ରୁ ୮.୨୫ ପର୍ଯ୍ୟନ୍ତ ପୁଣିଥରେ କିଛି ସମୟ ପାଇଁ ଏହି ସମସ୍ୟା ଦେଖାଦେଇଥିଲା। ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ ଓ କୋଲକାତା ଭଳି ବିମାନ ବନ୍ଦରଗୁଡ଼ିକରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏହି ସମସ୍ୟା ବିଶ୍ୱସ୍ତରୀୟ ଏୟାର ଲାଇନ୍ସ ରିଜର୍ଭେସନ ସିଷ୍ଟମ 'ନଭିଟେୟାର'ରେ ଦେଖାଦେଇଥିବା ଏକ ବୈଷୟିକ ତ୍ରୁଟି ଯୋଗୁଁ ହୋଇଥିଲା। ଅଧିକାଂଶ ଲୋ ବଜେଟ ଏୟାର ଲାଇନ୍ସ ବୁକିଂ ଓ ଚେକ୍-ଇନ୍ ପାଇଁ ଏହି ସିଷ୍ଟମ ବ୍ୟବହାର କରନ୍ତି। ତେବେ ଏୟାର ଇଣ୍ଡିଆର କାର୍ଯ୍ୟକଳାପ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। କାରଣ ସେମାନେ ଭିନ୍ନ ସଫ୍ଟ ଓୟାର ସିଷ୍ଟମ ବ୍ୟବହାର କରନ୍ତି।

## ବକେୟା ଅର୍ଥ ପୈଠ ନକରିବାରୁ ସ୍ପାଇସ୍‌ଜେଟ୍ ଉପରେ ବାଂଲାଦେଶର କଟକଣା

ନୂଆଦିଲ୍ଲୀ, ୧୯।୨(ଏଜେନ୍ସି): ବଜେଟ ଏୟାର ଲାଇନ୍ସ ସ୍ପାଇସ୍‌ଜେଟ୍ ଏବେ ଏକ ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ବକେୟା ଏୟାର ନେଭିଗେସନ ଚାର୍ଜ ପୈଠ କରି ନଥିବାରୁ ବାଂଲାଦେଶ ନିଜ ଆକାଶମାର୍ଗ ବ୍ୟବହାର ଉପରେ କଟକଣା ଲାଗୁ କରିଛି। ଏହାଫଳରେ ଏୟାର ଲାଇନ୍ସକୁ ନିଜର କିଛି ବିମାନର ଗତିପଥ ବଦଳାଇବାକୁ ପଡୁଛି, ଯାହା ଇନ୍ଧନ ଖର୍ଚ୍ଚ ବୃଦ୍ଧି କରିବାର ସମ୍ଭାବନା ରହିଛି। ଏହି କଟକଣା ଯୋଗୁଁ କୋଲକାତାରୁ ଗୌହାଟୀ ଓ ଇମ୍ଫାଲ ଭଳି ପୂର୍ବ ଭାରତୀୟ ସହରଗୁଡ଼ିକୁ ଯାଉଥିବା ବିମାନଗୁଡ଼ିକ ଏବେ ଲମ୍ବା ରାସ୍ତା ଦେଇ ଯାଉଛନ୍ତି। ଫ୍ଲାଇଟ୍ ଟ୍ରାକିଂ ପ୍ଲାଟଫର୍ମ 'ଫ୍ଲାଇଟଟ୍ରେଡର୨୪'ରୁ ମିଳିଥିବା ତଥ୍ୟ ଅନୁଯାୟୀ, ସ୍ପାଇସ୍‌ଜେଟ୍ ବିମାନ ଗୁଡ଼ିକ ବାଂଲାଦେଶ ଆକାଶମାର୍ଗକୁ ଏଡାଇ ଅନ୍ୟ କରିଡର ଦେଇ ଉଡାଣ କରୁଛନ୍ତି। ସ୍ପାଇସ୍‌ଜେଟ୍ ପୂର୍ବରୁ ହିଁ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ୨୦୨୫ ଡିସେମ୍ବର ଶେଷ ହୋଇଥିବା ତ୍ରୈମାସିକରେ କମ୍ପାନୀ ପ୍ରାୟ ୨୬୯.୨୭ କୋଟି ଟଙ୍କାର କ୍ଷତି ସହିଥିବା ରିପୋର୍ଟ କରିଛି। ସମସ୍ୟାର ସମାଧାନ ପାଇଁ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି ବୋଲି ସ୍ପାଇସଜେଟ୍ ତରଫରୁ କୁହାଯାଇଛି।

## ଟ୍ୟାକ୍ସ ଚୋରି; ଦେଶରେ ୭୦,୦୦୦ କୋଟି ଟଙ୍କାର ବିରିୟାନି ବିକ୍ରି ଲୁଚାଯାଇଛି



ନୂଆଦିଲ୍ଲୀ, ୧୯।୨(ଏଜେନ୍ସି): ଦେଶବ୍ୟାପୀ ରେସ୍ତୁରାଁଗୁଡ଼ିକରେ ୭୦୦୦୦ କୋଟି ଟଙ୍କାର ବିରିୟାନି ବିକ୍ରି ତଥ୍ୟ ଲୁଚାଯାଇଥିବା ଜଣାପଡ଼ିଛି। ହାଇଦରାବାଦ୍‌ର ବିରିୟାନି ରେସ୍ତୁରାଁ ଚେନ୍‌ର ଯାଞ୍ଚ କରିବା ସମୟରେ ଆୟକର ବିଭାଗ ଦେଶବ୍ୟାପୀ ଏକ ବଡ଼ ଧରଣର ଟ୍ୟାକ୍ସ ଚୋରି ଦୁର୍ନୀତିର ପର୍ଦ୍ଦାଫାସ କରିଛି। ବିଭାଗର ଦାବି ଅନୁଯାୟୀ, ୨୦୧୯-୨୦ରୁ ଏପର୍ଯ୍ୟନ୍ତ ଅତିକମ୍‌ରେ ୭୦,୦୦୦ କୋଟି ଟଙ୍କାର ବିରିୟାନି ତଥ୍ୟ ବିକ୍ରି ଲୁଚାଯାଇଛି। ହାଇଦରାବାଦ୍‌ର ତଦନ୍ତକାରୀ ୟୁନିଟ୍ ଦେଶର ପ୍ରାୟ ୧.୭୭ ଲକ୍ଷ ରେସ୍ତୁରାଁରେ ବ୍ୟବହୃତ ହୋଇଥିବା ଏକ ନିର୍ଦ୍ଦିଷ୍ଟ ବିଲିଂ ସଫ୍ଟଓୟାରର ୬୦ ଟେରାବାଇଡ୍ ଟ୍ରାଞ୍ଜାକସନ ତଥା ନେଣଦେଣ ଡାଟାକୁ ଯାଞ୍ଚ କରିଥିଲା। ଏହି ବିଶାଳ ତଥ୍ୟର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ହାଇ-କାପାସିଟି ସିଷ୍ଟମ ଓ ଜେନେରେଟିଭ ଏଆଇ ଭଳି ଉନ୍ନତ ଉପକରଣର ବ୍ୟବହାର କରାଯାଇଥିଲା। ଯାଞ୍ଚରୁ ଜଣାପଡ଼ିଛି ଯେ, ଦେଶବ୍ୟାପୀ ରେସ୍ତୁରାଁଗୁଡ଼ିକ ସିଷ୍ଟମରୁ ପ୍ରାୟ ୧୩, ୦୦୦ କୋଟି ଟଙ୍କାର ବିଲ୍ ଡିଲିଟ୍ କରାଯାଇଛି। ରେସ୍ତୁରାଁ ମାଲିକମାନେ ଟ୍ୟାକ୍ସ ଫାଙ୍କିବା ପାଇଁ କ୍ୟାସ୍ ବିଲ୍ ଡିଲିଟ୍ ଭଳି ଉପାୟ ଅବଲମ୍ବନ କରିଥିଲେ। ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା, ମହାରାଷ୍ଟ୍ର ଓ ଗୁଜୁରାଟ୍‌ରେ ଏହି ମାମଲା ଦେଖିବାକୁ ମିଳିଛି।

## ଜୁଡିସିଆଲ ସର୍ଭିସ ପାଇଁ ୩ ବର୍ଷର ଓକିଲାତି ନିୟମ: ସୁପ୍ରିମକୋର୍ଟରେ ହେବ ପୁନଃ ଶୁଣାଣି

ନୂଆଦିଲ୍ଲୀ, ୧୯।୨(ଏଜେନ୍ସି): ସିଭିଲ ଜଜ୍ (ଜୁନିଅର ଡିଭିଜନ) ନିଯୁକ୍ତି ପାଇଁ ସର୍ବନିମ୍ନ ୩ ବର୍ଷର ଓକିଲାତି ଅଭିଜ୍ଞତା ବାଧ୍ୟତାମୂଳକ ନିୟମ ବିରୋଧରେ ଆଗତ ସମୀକ୍ଷା ଆବେଦନ ଅର୍ଥାତ ରିଭ୍ୟୁ ପିଟିସନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି। ସାଧାରଣତଃ ସମୀକ୍ଷା ଆବେଦନଗୁଡ଼ିକ ବିଚାରପତିମାନଙ୍କ ଚାମ୍ବରରେ କେବଳ ଲିଖିତ ଦଲିଲ ଆଧାରରେ ଶୁଣାଣି ହୋଇଥାଏ। କିନ୍ତୁ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହାକୁ ଓପନ କୋର୍ଟ ଅର୍ଥାତ ଖୋଲା ଅଦାଲତରେ ଶୁଣାଣି କରିବାକୁ ଅନୁମତି ଦେଇଛନ୍ତି। ପୂର୍ବରୁ ୨୦୨୫ ମେରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇ କହିଥିଲେ ଯେ, ସିଭିଲ ଜଜ୍ ପରୀକ୍ଷା ପାଇଁ ଆବେଦନକରୀଙ୍କର ଅତିକମ୍‌ରେ ୩ ବର୍ଷର ଓକିଲାତି ଅଭିଜ୍ଞତା ରହିବା ଆବଶ୍ୟକ। କେବଳ ପାଠ୍ୟ ପୁସ୍ତକ ଜ୍ଞାନ ବିଚାରପତି ହେବା ପାଇଁ ଯଥେଷ୍ଟ ନୁହେଁ ବୋଲି କୋର୍ଟ ଦର୍ଶାଇଥିଲେ। ଏହି ନିୟମ ଯୋଗୁଁ ନୂଆ ଭାବେ ଆଇନ୍ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ସିଧାସଳଖ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଏହାକୁ ବିରୋଧ କରି ସିନିଅର ଆଡଭୋକେଟ କୋଲିନ ଗୋନସାଲଭେସ୍ ଓ ଅନ୍ୟମାନେ ସମୀକ୍ଷା ପିଟିସନ ଦାଖଲ କରିଥିଲେ। କୋର୍ଟ ଏହି ମାମଲାରେ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖରେ କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି।

## ବାପା ଆଖି ଆଗରେ ଚାଲିଗଲା ପୁଅର ଜୀବନ

ରାଇରଙ୍ଗପୁର, ୧୯।୨ (ସମିସ): ବାପା ଆଖି ଆଗରେ ଚାଲିଗଲା ପୁଅର ଜୀବନ। ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଦାଣ୍ଡବୋଷ ଗ୍ରାମ ନିକଟରେ ଯାଇଥିବା ୨୨୦ନଂ ଜାତୀୟ ରାଜପଥରେ ଆଜି ଏପରି ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଛି। ମୃତକ ହେଲେ, ଝାଡ଼ଖଣ୍ଡ ରାଜ୍ୟ ରାଜନଗର ଥାନା ଡାଙ୍ଗରଡିହା ଗ୍ରାମର ରୁଦ୍ର ମହାକୁଡ଼ଙ୍କ ଏକମାତ୍ର ପୁଅ ଅକ୍ଷୟ ମହାକୁଡ଼ (୩୦)। ଏହି ଦୁର୍ଘଟଣାରେ ରୁଦ୍ର ମଧ୍ୟ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଏକ ଏକାଦଶାହ କର୍ମରେ ଯୋଗ ଦେବାକୁ ବାପା-ପୁଅ ଏକ ବୁଲେଟ୍ ବାଇକରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାତପୌଟିଆ ଗ୍ରାମକୁ ଆସିଥିଲେ। ୨୨୦ନମ୍ବର ଜାତୀୟ ରାଜପଥରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସରେ ରାଇରଙ୍ଗପୁର ମେଡିକାଲକୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଅକ୍ଷୟଙ୍କୁ ମୃତ ଘୋଷଣା କରିଥିଲେ। ରାଇରଙ୍ଗପୁର ଟାଉନ ଥାନା ପୁଲିସ ଅକ୍ଷୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ନବଜାତ ହାତୀ ଶାବକର ମୃତଦେହ ଠାବ

ମୋରଡ଼ା, ୧୯ ।୨(ସମିସ): ରାସଗୋବିନ୍ଦପୁର ବନାଞ୍ଚଳ ଅଧୀନ ପଳାସମୁଣ୍ଡୁଳି ସଂରକ୍ଷିତ ଜଙ୍ଗଲର କାଞ୍ଜିଆକୁଣ୍ଡ ବଣ ନିକଟରୁ ବନ ବିଭାଗ ଆଜି ଏକ ନବଜାତ ହାତୀ ଶାବକର ମୃତଦେହ ଠାବ କରିଛି। ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କ ସୂଚନା ମୁତାବକ, ଜଙ୍ଗଲକୁ ଅଗ୍ନିଦାଉରୁ ରକ୍ଷା କରିବା ପାଇଁ ଦାୟିତ୍ୱରେ ଥିବା ଜଗୁଆଳି କାଳୀଚରଣ ଟୁଡୁ ଆଜି ଦିନ ପ୍ରାୟ ୨ଟା ବେଳେ ମୃତ ହାତୀ ଶାବକ ସଂପର୍କରେ ଖବର ଦେଇଥିଲେ। ଖବର ପାଇ ଡିଏଫ୍‌ଓ



ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଏସିଏଫ୍ ମେହେରବାନ ଅଲ୍ଲୀ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଡିଏଫ୍‌ଓ ଶ୍ରୀ ବିଶ୍ୱାଳ କହିଛନ୍ତି, ମୃତ ହାତୀ ଶାବକଟିର ବୟସ ୫ରୁ ୧୦ଦିନ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ସମ୍ବଲପୁର ଓ ରାଉରକେଲାରେ ସେବା ଯୋଗାଇବ 'ଓଡ଼ିଶା ଯାତ୍ରୀ'

ଭୁବନେଶ୍ୱର, ୧୯ ।୨(ସମିସ): ଖୁବ୍ ଶୀଘ୍ର ସମ୍ବଲପୁର ଓ ରାଉରକେଲାରେ ସେବା ଯୋଗାଇବ 'ଓଡ଼ିଶା ଯାତ୍ରୀ' । ରାଜ୍ୟ ପରିବହନ ବିଭାଗ ଏ ସମ୍ପର୍କରେ ସୂଚନା ଦେଇଛି । ମିଳିଥିବା ସୂଚନା ଅନୁସାରେ ପୂର୍ବରୁ ଓଡ଼ିଶା ଯାତ୍ରୀ କେବଳ କଟକ ଓ ଭୁବନେଶ୍ୱରରେ ପ୍ରଚଳନ ଥିଲା। ଏଠାରେ ସଫଳତା ପରେ ଏହାକୁ ପଶ୍ଚିମ ଓଡ଼ିଶାକୁ ସମ୍ପ୍ରସାରଣ ଯୋଜନା ହୋଇଛି । ସମ୍ପ୍ରତି ଯାତ୍ରୀ ଆପ୍‌ରେ ନୂଆ ସୁରକ୍ଷା ଫିଚର୍ ଯୋଡ଼ାଯାଇଛି। ଏଥିରେ ପୋଲିସ୍‌କୁ ସିଧାସଳଖ ଏସ୍‌ଓଏସ୍ ସଂଯୋଗ, ଆପ୍ ନ ଖୋଲି ଜରୁରୀ ସଙ୍କେତ, ଲାଇଭ୍ ଲୋକେସନ୍ ସେୟାର୍ ଓ ସମ୍ପର୍କୀୟଙ୍କୁ ତୁରନ୍ତ ସୂଚନା ଭଳି ସୁବିଧା ରହିଛି। ଏହା ଦ୍ୱାରା ଯାତ୍ରା ସମୟରେ ନାଗରିକଙ୍କ ସୁରକ୍ଷା ବୃଦ୍ଧି ପାଇଛି। ଏଯାଏ ଚାଳକଙ୍କ ମୋଟ ଆୟ ୧୦ କୋଟି ଟଙ୍କା ଅତିକ୍ରମ କରିଛି। ଏହା ଚାଳକଙ୍କ ଆର୍ଥିକ ସ୍ୱାବଲମ୍ବନ ବୃଦ୍ଧି ସହ ସରକାରୀ ସେବା ଉପରେ ବିଶ୍ୱାସ ବଢ଼ାଇଛି। ଅନୁରୂପ ଭାବରେ ଆମ ବସ୍‌ରେ ଫାଷ୍ଟ ଟିକେଟ୍ ସେବା ଆରମ୍ଭ ହୋଇଛି। ବସ୍‌ରେ ଥିବା କ୍ୟୁଆର୍ କୋଡ୍ ସ୍କାନ୍ କରି ଯାତ୍ରୀମାନେ ଡିଜିଟାଲ୍ ଟିକେଟ୍ ପାଇପାରୁଛନ୍ତି। ଏହି କ୍ୟାସ୍‌ଲେସ୍ ବ୍ୟବସ୍ଥା ସୁବିଧାଜନକ ହୋଇଥିବା ବେଳେ ରିହାତି ପ୍ରଦାନ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ୩୦୮୨ଟି କେନ୍ଦ୍ରରେ ୫ଲକ୍ଷ ପରୀକ୍ଷାର୍ଥୀ



କଟକ,୧୯।୨(ସମିସ):ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬ ବାର୍ଷିକ ମାଟ୍ରିକ୍ ପରୀକ୍ଷା ଆଜିଠାରୁ ସାରା ରାଜ୍ୟରେ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି। ଗୁରୁବାର ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ପ୍ରଥମ ଭାଷା ଓଡ଼ିଆରେ ପରୀକ୍ଷା ହୋଇଥିଲା। ରାଜ୍ୟର ମୋଟ ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ଲକ୍ଷ ୬୧ ହଜାର ୯୭୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସକାଳ ୮ଟା ୩୦ ପୂର୍ବରୁ ଛାତ୍ରଛାତ୍ରୀମାନେ ପହଞ୍ଚିବା ସହ ଧାଡ଼ି ବାନ୍ଧି କେନ୍ଦ୍ରକୁ ପ୍ରବେଶ କରିଥିଲେ। ପରୀକ୍ଷା ସରିବା ପରେ ପ୍ରଶ୍ନପତ୍ର ବେଶ ସୁନ୍ଦର ଓ ସହଜ ହୋଇଥିବାରୁ ପରୀକ୍ଷାର୍ଥୀମାନେ ଅତ୍ୟନ୍ତ ଚାପମୁକ୍ତ ହୋଇ ହସଖୁସିରେ କେନ୍ଦ୍ରରୁ ବାହାରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ କୌଣସି ବି କେନ୍ଦ୍ରରେ କେହି ଜଣେ ହେଲେ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ୍ ବା କପି କରି ଧରାପଡ଼ି ନଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

ପରୀକ୍ଷା ପରିଚାଳନାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗଣଶିକ୍ଷା ବିଭାଗ ସଚିବ ଡକ୍ଟର ତିରୁମାଲା ନାୟକ ଏବଂ ଗଣଶିକ୍ଷା ମନ୍ତ୍ରୀ ଭୁବନେଶ୍ୱର ଓ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ। କପିମୁକ୍ତ ପରୀକ୍ଷା ପାଇଁ ଏଥର ପ୍ରତିଟି କେନ୍ଦ୍ରରେ ଏଆଇ ଯୁକ୍ତ ସିସିଟିଭି କ୍ୟାମେରା ଲଗାଯାଇଛି, ଯାହାର ସିଧା ପ୍ରସାରଣ ବୋର୍ଡର କଣ୍ଟ୍ରୋଲ ରୁମ୍‌ରୁ ତଦାରଖ କରାଯାଉଛି। କପି ରୋକିବା ପାଇଁ ବୋର୍ଡ ପକ୍ଷରୁ ୩୭ଟି ଏବଂ ଜିଲ୍ଲା ସ୍ତରରେ ୭୨ଟି ସ୍ୱତନ୍ତ୍ର ସ୍କ୍ୱାଡ ନିୟୋଜିତ ହୋଇଛନ୍ତି। ଏହାସହ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଥମ ଦିନର ସଫଳତା ପାଇଁ ସଚିବ ଓ ବୋର୍ଡ ସଭାପତି ସମସ୍ତ ଜିଲ୍ଲାପାଳ, ଏସପି ଏବଂ ଶିକ୍ଷା ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

ପରୀକ୍ଷା କେନ୍ଦ୍ରରେ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ପ୍ରକାର ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିଲା। ଏପରିକି ଯେଉଁ ପରୀକ୍ଷାର୍ଥୀମାନେ କୌଣସି କାରଣବଶତଃ ବିଳମ୍ବରେ ପହଞ୍ଚିଥିଲେ, ସେମାନଙ୍କୁ ମାନବିକତା ଦୃଷ୍ଟିରୁ ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରାଯାଇଥିଲା। ପରୀକ୍ଷା କେନ୍ଦ୍ର ପରିସରରେ ମୋବାଇଲ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ବେଳେ କେନ୍ଦ୍ର ବାହାରେ ବିଭିନ୍ନ କୋଚିଂ ସେଣ୍ଟର ଓ ଘରୋଇ ଅନୁଷ୍ଠାନର ପ୍ରଚାର ଭିଡ଼ ଦେଖିବାକୁ ମିଳିଥିଲା। ଅନେକ ସ୍ଥାନରେ ଲିଫଲେଟ୍ ଓ ପୋଷ୍ଟର୍ ଯୋଗୁଁ ଅବ୍ୟବସ୍ଥା

### ମାର୍ଚ୍ଚ ୧୫ ପରେ ଆରମ୍ଭ ହେବ ମୂଲ୍ୟାୟନ

ସୃଷ୍ଟି ହୋଇଥିଲେ ମଧ୍ୟ ସାମଗ୍ରିକ ଭାବେ ପରୀକ୍ଷା ପ୍ରକ୍ରିୟା ବେଶ୍ ସୁରୁଖୁରୁରେ ସମ୍ପନ୍ନ ହୋଇଛି।

ମାର୍ଚ୍ଚ ୨ ତାରିଖରେ ମାଟ୍ରିକ ପରୀକ୍ଷା ଶେଷ ହେବାକୁ ଥିବା ବେଳେ ଖୁବ୍ ଶୀଘ୍ର ଫଳ ପ୍ରକାଶ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ମାର୍ଚ୍ଚ ତୃତୀୟ ସପ୍ତାହ ଅର୍ଥାତ୍ ମାର୍ଚ୍ଚ ୧୫ ତାରିଖ ପରେ ପରେ ଉତ୍ତରଖାତା ମୂଲ୍ୟାୟନ କାର୍ଯ୍ୟ ଆରମ୍ଭ ହେବ ବୋଲି ଗଣଶିକ୍ଷା ସଚିବ ଡକ୍ଟର ତିରୁମାଲା ନାୟକ ସୂଚନା ଦେଇଛନ୍ତି। ସବୁସ୍ତରରେ ସମନ୍ୱୟ ଓ ସ୍ୱଚ୍ଛତା ବଜାୟ ରଖିବାକୁ ଚେଷ୍ଟା କରାଯାଉଥିବାରୁ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଫଳ ବାହାରିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି।

## ପୁଲିସ ରେକର୍ଡ କରିଥିବା ବୟାନ ଅଦାଲତରେ ସାକ୍ଷ୍ୟ ଭାବେ ଗ୍ରହଣୀୟ ନୁହେଁ: ହାଇକୋର୍ଟ

କଟକ, ୧୯ ।୨(ସମିସ): ଦୀର୍ଘ ୨୩ ବର୍ଷ ତଳେ ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ତଳ କୋର୍ଟ ଦେଇଥିବା ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ବ୍ରହ୍ମପୁର ଅତିରିକ୍ତ ଦୌରା ଅଦାଲତ ବିଚାରପତିଙ୍କ ଗତ ୨୦୦୩ ସେପ୍ଟେମ୍ବର ୧୬ ତାରିଖର ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଅଭିଯୁକ୍ତ ହାଡି ଦାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରମାଣ ଅଭାବ ଏବଂ ନିମ୍ନ ଅଦାଲତଙ୍କ ଆଇନଗତ ତ୍ରୁଟିକୁ ଦର୍ଶାଇ ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

**ନିମ୍ନ ଅଦାଲତଙ୍କ ଆଜୀବନ ଜେଲ ଦଣ୍ଡାଦେଶ ରଦ୍ଦ**

ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ଯେ ମୃତକଙ୍କ ମା' (ମୁଖ୍ୟ ସୂଚନାଦାତା) ଏବଂ ଅନ୍ୟ ପ୍ରତ୍ୟକ୍ଷଦର୍ଶୀ ଅଦାଲତରେ ନିଜ ବୟାନରୁ ଓହରି ଯାଇଥିଲେ। ତେଣୁ ପୁଲିସ ନିକଟରେ ସିଆରପିସିର ଧାରା ୧୬୧ରେ ଦିଆଯାଇଥିବା ବୟାନ ଅଦାଲତରେ ସାକ୍ଷ୍ୟ ଭାବେ ଗ୍ରହଣୀୟ ନୁହେଁ। ଅଦାଲତରେ ସାକ୍ଷୀ ଦେଉଥିବା ବୟାନ କେବଳ ବିଚାର କରାଯାଇପାରିବ। ସେହିପରି ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଆଧାରରେ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଦାବି କରାଯାଇଥିଲେ ହେଁ ଏହାକୁ ଆଇନଗତ ଭାବେ ପ୍ରମାଣ କରାଯାଇପାରି ନାହିଁ। ଯେତେବେଳେ ଅନ୍ୟ ସମସ୍ତ ପ୍ରମାଣ ଦୁର୍ବଳ ଥାଏ, କେବଳ ଅସ୍ତ୍ରରେ ମିଳିଥିବା ରକ୍ତ ଗ୍ରୁପ୍ ମୃତକଙ୍କ ରକ୍ତ ଗ୍ରୁପ୍ ସହ ସମାନ ହେବା ଦ୍ୱାରା ଜଣଙ୍କୁ ହତ୍ୟାକାରୀ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୦୧ ମସିହା ସେପ୍ଟେମ୍ବର ୧୩ ତାରିଖରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଥାନା ଅନ୍ତର୍ଗତ କୁମାରବନ୍ଧ ପଡ଼ିଆରେ କେ. କଙ୍କୟା ରେଡ୍ଡୀ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି ବ୍ରହ୍ମପୁର କୋର୍ଟ ୨୦୦୩ ମସିହାରେ ହାଡି ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିକଶିତ ହେବ ରାଉରକେଲା ବିମାନବନ୍ଦର

ଭୁବନେଶ୍ୱର,୧୯।୨(ସମିସ): ସେଲ୍ ଅଧୀନ ରାଉରକେଲା ବିମାନ ବନ୍ଦରର ସଂପ୍ରସାରଣ ଓ ବିକାଶ କରିବା ପାଇଁ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ରାଉରକେଲା ବିମାନବନ୍ଦରକୁ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ଠାରୁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ(ଏଏଆଇ)କୁ

**ଭାରତୀୟ ବିମାନବନ୍ଦର ପ୍ରାଧିକରଣକୁ ହସ୍ତାନ୍ତର ପାଇଁ ସରକାରଙ୍କ ଅନୁରୋଧ**

ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ଆନୁଷ୍ଠାନିକ ଭାବେ ଅନୁରୋଧ କରିଛନ୍ତି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଏଏଆଇ ଦ୍ୱାରା ରାଉରକେଲା ବିମାନବନ୍ଦରକୁ ଏୟାରବସ୍ ଇ-୩୨୦ / ବୋଇଂ ୭୩୭ ପରି ବଡ଼ ବିମାନ ଚଳାଚଳ ଯୋଗ୍ୟ କରିବା ପାଇଁ ପ୍ରି-ଫିଜିବିଲିଟି ଅଧ୍ୟୟନ ସମ୍ପନ୍ନ କରାଯାଇଛି। ଏହା ପାଇଁ ପ୍ରାୟ ୩୭୫.୫ ଏକର ଅତିରିକ୍ତ ଜମି ଆବଶ୍ୟକ ହେବ। ଏଏଆଇକୁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି। ଏହାସହ ଲିଜ୍ ଜମି ହସ୍ତାନ୍ତର ପ୍ରକ୍ରିୟା ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ଆରମ୍ଭ କରାଯାଇଛି। ସେହିପରି ବିମାନବନ୍ଦର ସଂପ୍ରସାରଣ ପାଇଁ ଆବଶ୍ୟକ ଜମି ମୂଲ୍ୟାଙ୍କନ ଓ ଜିପିଏସ୍ ସର୍ଭେ ନିମିତ୍ତ ଓରସାକ୍‌କୁ ୨୨.୫୯ ଲକ୍ଷ ଟଙ୍କା ଅନୁଦାନ



କରାଯାଇଛି। ଏହି ସର୍ଭେ ଆଧାରରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆଗକୁ ବଢ଼ାଯିବ। ଏହାବ୍ୟତୀତ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ)କୁ ରାଉରକେଲା ବିମାନ ବନ୍ଦର ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ଏବଂ ଫିଜିବିଲିଟି ସର୍ଭେ କରିବାକୁ ଅନୁରୋଧ କରାଯାଇଛି। ସର୍ଭେ ନିମନ୍ତେ ୪୮.୪୮ଲକ୍ଷ ଟଙ୍କା ଏବଂ ପ୍ରାକ୍-ସମ୍ଭାବ୍ୟତା ଅଧ୍ୟୟନ ପାଇଁ ୪୦.୫୩ଲକ୍ଷ ଟଙ୍କା ଏଏଆଇକୁ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି।

## ନିରୀହ ଆଦିବାସୀଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ମାଫିଆ

# ଚାଇନା ଶାଗ କହି ଅଫିମ ମଞ୍ଜି ଦେଇଥିଲେ

କେନ୍ଦୁଝର, ୧୯।୨(ସମିସ): କେନ୍ଦୁଝର ସଦର ଥାନା ବରଦାପାଳ ପଞ୍ଚାୟତ ତଳକମ୍ପଡିହି ଗାଁର ଜହ୍ଲାସାହିରୁ ବିପୁଳ ପରିମାଣର ଅଫିମ ଚାଷକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତରେ ପୁଲିସ, ବନ ଓ ଅବକାରୀ ବିଭାଗ ନଷ୍ଟ କରିଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କହିଛନ୍ତି ଅବକାରୀ ଅଧୀକ୍ଷକ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଫିମ ମାଫିଆମାନେ ନିରୀହ ଗରିବ ଆଦିବାସୀଙ୍କୁ ଅଫିମ ଚାଷ ପାଇଁ ମିଥ୍ୟା ପ୍ରଲୋଭନ ଦେଖାଇଥିଲେ। ଏହା ଚାଇନା ଶାଗ ଓ ଏହାକୁ ଚାଷ କଲେ ଭଲ ରୋଜଗାର ହେବ କହିଥିଲେ। ଏପରିକି, ସେମାନେ ଅଫିମ ମଞ୍ଜି ମଧ୍ୟ ଗ୍ରାମବାସୀଙ୍କୁ ଯୋଗାଇ ଦେଇ ଗାଁସାରା ଲୋକଙ୍କୁ ଏହି ଚାଷ କରିବାକୁ ପ୍ରବର୍ତ୍ତାଇଥିଲେ। ଗ୍ରାମବାସୀଙ୍କଠାରୁ ଏ କଥା ଶୁଣି ଅଧିକାରୀମାନେ ତାଜୁବ୍ ହୋଇଯାଇଥିଲେ।

ସେହିପରି, ଅଫିମ ଚାଷ ପାଇଁ ଗଛ ସବୁକୁ ଧାଡ଼ି ଧାଡ଼ି କରି ଲଗାଯାଇଥିବା ବେଳେ ସେଥିରେ ପାଣି ଦେବା ପାଇଁ ସିଆର କରାଯାଇଥିଲା। ଅଫିମ ଗଛଗୁଡ଼ିକ ମଧ୍ୟ ହୃଷ୍ଟପୁଷ୍ଟ ହୋଇ ଫୁଲ ଓ ଫଳ ହୋଇଥିଲା। ଆଉ କିଛି ଦିନ ପରେ ଅମଳ ହୋଇଥାନ୍ତା ଓ ମାଫିଆମାନେ ମାଲେମାଲ



**ଲକ୍ଷାଧିକ ଟଙ୍କାର ଅଫିମ ଗଛ ନଷ୍ଟ**

ହୋଇଥା'ନ୍ତେ। କିନ୍ତୁ ବନବିଭାଗ, ଅବକାରୀ ବିଭାଗ ଏବଂ ପୁଲିସ୍ ମିଳିତ ଭାବେ ଏସବୁ ଅଫିମ ଗଛ ସବୁକୁ କାଟି ଓପାଡ଼ି ନଷ୍ଟ କରିଦେବା ପରେ ମାଫିଆଙ୍କ ଦୀର୍ଘ ଦିନର ଯୋଜନା ଫସର ଫାଟି ଯାଇଛି।

## ବ୍ରାଉନ୍‌ସୁଗର ପାଇଁ ଭାଇକୁ ଭୁଜାଲିରେ ହାଣିଲା

ଜଳେଶ୍ୱର, ୧୯।୨(ସମିସ): ବ୍ରାଉନ୍‌ସୁଗର କାରବାରକୁ ନେଇ ଭାଇକୁ ଭୁଜାଲିରେ ହାଣିଲା ସମ୍ପର୍କୀୟ ଭାଇ। ଗୁରୁତର ଆହତକୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ, ରାଜପୁର ବସ୍ତିର ସେକ୍ ସରଫତ ତୁଲ୍ଲା(୨୮) ବିଦେଶରେ ରହି କାର୍ଯ୍ୟ କରୁଥିବା ବେଳେ ଅନ୍ୟ ସଂପର୍କୀୟ ଭାଇମାନେ ଗାଁରେ ରହି ଆସୁଥିଲେ। ଜମିଜମା ଭାଗବଣ୍ଟାକୁ ନେଇ ଭାଇମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ ଆଜି ପୂର୍ବାହ୍ନରେ ସେକ୍ ସରଫତ ତୁଲ୍ଲା ସଂପର୍କୀୟ ଭାଇ ସେକ୍ କରାମତ ତୁଲ୍ଲା (ଗରିବୁଲା)କୁ ବ୍ରାଉନ୍‌ସୁଗର କାରବାର ନ କରିବାକୁ ତାଗିଦ୍ କରିଥିଲା। ପୂର୍ବ ରାଗକୁ ରଖି କରାମତ ସରଫତକୁ ଭୁଜାଲିରେ ଛାତି ଓ ଜଙ୍ଘକୁ ହାଣି ଫେରାର୍ ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସରଫତକୁ ପ୍ରଥମେ ଜିକେ ଭଟ୍ଟର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ ଜଳେଶ୍ୱର ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବ୍ରାଉନ୍‌ସୁଗର କାରବାର ଦୈନନ୍ଦିନ ବ୍ୟବସାୟରେ ପରିଣତ ହୋଇଥିବା ବେଳେ ଏହାକୁ ବନ୍ଦ କରାଯାଉନାହିଁ। ବିଭିନ୍ନ ସମୟରେ ଛୋଟଛୋଟ ବ୍ରାଉନ୍‌ସୁଗର ବ୍ୟବସାୟୀ ଧରାପଡୁଥିବା ବେଳେ ସେମାନଙ୍କୁ ପରିଚାଳିତ କରୁଥିବା ଓ ଟଙ୍କା ଲଗାଉଥିବା ମାଷ୍ଟରମାଇଣ୍ଡମାନଙ୍କୁ ଧରାଯାଇପାରୁନାହିଁ। ଏ ସଂପର୍କରେ ଜଳେଶ୍ୱର ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତକୁ ଧରିବା ଲାଗି ପୁଲିସ୍ ଟିମ୍ ଗଠନ କରି ତଦନ୍ତ ଚଳାଇଛି।

## ଦେବଗଡ଼ ବାଲ୍ୟବିବାହମୁକ୍ତ

ଭୁବନେଶ୍ୱର,୧୯ ।୨(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୩୦ ସୁଦ୍ଧା ଓଡ଼ିଶାକୁ ବାଲ୍ୟ ବିବାହ ମୁକ୍ତ ରାଜ୍ୟ କରିବା ଲକ୍ଷ୍ୟରେ ସମସ୍ତ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୂର୍ବରୁ ଗଞ୍ଜାମ ଓ ଗଜପତି ଜିଲ୍ଲା ବାଲ୍ୟବିବାହମୁକ୍ତ ଘୋଷିତ ହୋଇଥିବାବେଳେ ଏବେ ଦେବଗଡ଼ ଏହି ସୂଚୀରେ ସାମିଲ ହୋଇଛି । ଜିଲ୍ଲା ଟାସ୍କଫୋର୍ସ ବୈଠକ ସମୀକ୍ଷା ପରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଦେବଗଡ଼ ଜିଲ୍ଲାର ୩୬୪ଗ୍ରାମ ଓ ପୌରାଞ୍ଚଳର ୧୧ଟି ୱାର୍ଡକୁ 'ବାଲ୍ୟ ବିବାହ ମୁକ୍ତ' ଘୋଷିତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବାରକୋଟ ବ୍ଲକର ୧୪୦ ଗ୍ରାମ, ରିଆମାଳ ବ୍ଲକର ୧୧୬ ଗ୍ରାମ, ତିଳେଇବଣିର ୧୦୮ ଗ୍ରାମ ଓ ପୌରାଞ୍ଚଳର ୧୧ଟି ୱାର୍ଡକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଛି। ଜିଲ୍ଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ ଘୋଷିତ କରାଯାଇଛି। ଏହି କ୍ରମରେ ଦେବଗଡ଼ ଜିଲ୍ଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ ବିଭାଗ ଯଥା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସାମଜ ମଙ୍ଗଳ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜିଲ୍ଲା ପୁଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲ୍ଲାର ସମସ୍ତ ଧାର୍ମିକ ଅନୁଷ୍ଠାନ ଗୁଡ଼ିକୁ ବାଲ୍ୟବିବାହମୁକ୍ତ ପରିସରର ଭାବେ ଘୋଷିତ କରାଯାଇଛି। ସେହିପରି ସମସ୍ତ ଗ୍ରାମ ଓ ବ୍ଲକର ସରପଞ୍ଚ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ବାଲ୍ୟ ବିବାହ ନିଷେଧ ଟାସ୍କ ଫୋର୍ସ ଗଠନ କରାଯାଇଛି। ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀମାନେ ବିବାହ ପଞ୍ଜୀକରଣ ରେଜିଷ୍ଟରରେ ସମସ୍ତ ବିବାହକୁ ବାଧ୍ୟତାମୂଳକ ଭାବେ ପଞ୍ଜୀକରଣ କରୁଛନ୍ତି। ବାଲ୍ୟ ବିବାହ ସୂଚନା ପ୍ରଦାନକାରୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ୩୦୦୦ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି।

**ପୂର୍ବରୁ ଗଞ୍ଜାମ ଓ ଗଜପତି ଜିଲ୍ଲା ବାଲ୍ୟ ବିବାହମୁକ୍ତ ଘୋଷିତ ହୋଇଥିଲା**

# ଲୋକ ସଂଖ୍ୟାଠାରୁ ରାଜଧାନୀରେ ଗାଡ଼ି ସଂଖ୍ୟା ଅଧିକ

ଭୁବନେଶ୍ୱର,୧୯ ।୨(ସମିସ): ୨୦୧୧ ମସିହାରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଜନସଂଖ୍ୟା ଥିଲା ୮ଲକ୍ଷ ୪୩ ହଜାର ୪୦୨ । ଗତ ୨୦୨୧ରେ ଜନଗଣନା ହୋଇନଥିଲେ ସୁଦ୍ଧା ସଂପ୍ରତି ରାଜଧାନୀର ଜନସଂଖ୍ୟା ୧.୨ ନିୟୁତ ଅର୍ଥାତ୍ ୧୨ ଲକ୍ଷ ବୋଲି ଆକଳନ କରାଯାଉଛି। ଏହା ସହିତ ଉପାନ୍ତବର୍ତ୍ତୀ ଗ୍ରାମ ଓ ରାଜଧାନୀ ସହ ସଂଯୁକ୍ତ ଅଞ୍ଚଳର ଜନସଂଖ୍ୟାକୁ ମିଶାଇଲେ ୨୦୨୬ରେ ମୋଟ ଜନସଂଖ୍ୟା ୧୩.୨ ଲକ୍ଷ ହେବ ବୋଲି ଆକଳନ କରାଯାଉଛି । ମାତ୍ର ରାଜଧାନୀରେ ଜନସଂଖ୍ୟାଠାରେ ଗାଡ଼ିମୋଟର ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ସୂଚନା ମିଳିଛି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଜେନା ପ୍ରଦାନ କରିଥିବା ସୂଚନା ଅନୁସାରେ ରାଜଧାନୀରେ ପରିବହନ ବିଭାଗର ଦୁଇଟି ଆଞ୍ଚଳିକ କାର୍ଯ୍ୟାଳୟ ରହିଛି । ଏଠାରେ ମୋଟ ୧୫,୨୦,୩୪୬ ଗୋଟି ବିଭିନ୍ନ କିସମର ଯାନବାହାନ ପଞ୍ଜିକୃତ ହୋଇଛି। ଏହାଛଡା ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଯାନବାହାନ ମଧ୍ୟ ଏଠାରେ ଚଳାଚଳ କରୁଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅର୍ଥାତ୍ ରାଜଧାନୀରେ ପଞ୍ଜିକୃତ ଗାଡ଼ି ଓ ଚଳାଚଳ କରୁଥିବା ଅନ୍ୟ ଅଞ୍ଚଳ, ଅନ୍ୟ ରାଜ୍ୟର ପଞ୍ଜିକୃତ ଗାଡ଼ିକୁ ମିଶାଇଲେ ଏହି ସଂଖ୍ୟା ପ୍ରାୟ ୧୭ ଲକ୍ଷ ହେବ ।

କୌତୂହଳର କଥା ହେଉଛି ବ୍ୟାଙ୍କ ଋଣ ସୁବିଧା ଯୋଗୁଁ ଯେକୌଣସି ବ୍ୟକ୍ତି ଗାଡ଼ି କିଣିବାକୁ ସକ୍ଷମ ହେଉଛନ୍ତି । ମାତ୍ର ଗାଡ଼ି ରଖିବାକୁ ସେମାନଙ୍କ ପାଖରେ ସ୍ଥାନ ନାହିଁ । ବସ୍ତିରୁ ଆରମ୍ଭ କରି ରାଜଧାନୀର ରାଜରାସ୍ତା ପର୍ଯ୍ୟନ୍ତ

- ଭୁବନେଶ୍ୱରରେ ୨ ଆର୍‌ଟିଓରେ ୧୫.୨ ଲକ୍ଷ ଗାଡ଼ି ପଞ୍ଜିକୃତ
- ଚଳାଚଳ କରୁଛି ଅନ୍ୟ ଅଞ୍ଚଳରେ ପଞ୍ଜିକୃତ ପ୍ରାୟ ୨ ଲକ୍ଷ ଗାଡ଼ି
- ଟ୍ରାଫିକ ସମସ୍ୟା ବଢ଼ାଉଛି ବସ୍ତିରୁ ରାଜପଥ ପର୍ଯ୍ୟନ୍ତ ଅବାଞ୍ଛିତ ପାର୍କିଂ

ସବୁଠି ରାସ୍ତା ଉପରେ ମାଳମାଳ ଗାଡ଼ି ପାର୍କିଂ ହୋଇଥିବା ଦେଖିବାକୁ ମିଳୁଛି। ଅଧିକାଂଶ ମଲ, ଡ଼ାକ୍ତରଖାନା ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାର୍କିଂ ପାଇଁ ସ୍ଥାନ ରଖି ନ ଥିବାରୁ ଗାଡ଼ିଗୁଡ଼ିକ ମଧ୍ୟ ସଡ଼କ ଉପରେ ଠିଆ ହେଉଛି। ଯେଉଁଥିପାଇଁ ଅଯଥା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଗାଡ଼ି କିଣିବା ପୂର୍ବରୁ ମାଲିକଙ୍କୁ ପାର୍କିଂ ପାଇଁ ନିଜସ୍ୱ ସ୍ଥାନ ନିଶ୍ଚିତ କରିବା ପାଇଁ ପୂର୍ବରୁ ପରିବହନ ବିଭାଗ ପକ୍ଷରୁ ଅନେକବାର ପରାମର୍ଶ ଦିଆଯାଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇନାହିଁ।

ଲୋକମାନଙ୍କୁ ଅବାଞ୍ଛିତ ପାର୍କିଂ ଓ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ରାସ୍ତା ଉପରେ ରଖାଯାଉଥିବା ଗାଡ଼ିଗୁଡ଼ିକୁ ଉଠାଇନେବା ପାଇଁ ବିଏମ୍‌ସି ଓ କମିଶନରେଟ୍ ପୁଲିସ ଯେପରି ତତ୍ପରତା ଦେଖାଇବା କଥା, ତାହା ଦେଖାଯାଉ ନାହିଁ । ନିକଟରେ ବିଏମ୍‌ସି ପକ୍ଷରୁ ରାସ୍ତାରେ ପାର୍କିଂ ହେଉଥିବା ଗାଡ଼ିଗୁଡ଼ିକୁ ଉଠାଇ ନେବାକୁ ପୁଲିସ ପକ୍ଷରୁ ଏକ ଚେତାବନୀ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ମାତ୍ର ଏଥିନେଇ ସେପରି କିଛି ପ୍ରଭାବ ପଡ଼ିଥିବା ଦେଖାଯାଉ ନାହିଁ । ଏବେ ବି ରାଜଧାନୀର ପ୍ରମୁଖ ଅଞ୍ଚଳରେ ରାସ୍ତା ଉପରେ ଗାଡ଼ି ପାର୍କିଂ ହେଉଥିବା ଦେଖାଯାଉଛି। ଅନ୍ୟପକ୍ଷରେ ବିଭାଗୀୟ ମନ୍ତ୍ରୀ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପାର୍କିଂସ୍ଥଳ ନିର୍ମାଣ କରୁଛନ୍ତି ବୋଲି ବିଧାନସଭାରେ ସୂଚନା ଦେଇଥିଲେ ହେଁ ଏହା କେଉଁଠି ନିର୍ମାଣ ହେଉଛି, ଏଠାରେ କେତେ ଗାଡ଼ି ପାର୍କିଂ ହୋଇ ପାରିବ, ଏହା କେବେ ଶେଷ ହେବ ସେ ସମ୍ପର୍କରେ କୌଣସି ତଥ୍ୟ ରଖି ନାହାନ୍ତି ।

## ଏନ୍‌କାଉଣ୍ଟର୍‌ରେ ୫ ମାଓବାଦୀ ନିହତ

ମାଲକାନଗିରି,୧୯ ।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରଭାବିତ ବିଜାପୁର ଜିଲ୍ଲାରେ ମାଓ ଦମନ କ୍ଷେତ୍ରରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଗୁରୁବାର ସୁରକ୍ଷା ବାହିନୀ ଏବଂ ନକ୍ସଲଙ୍କ ମଧ୍ୟରେ ହୋଇଥିବା ଏକ ବଡ଼ ଧରଣର ଗୁଳି ବିନିମୟରେ ପାଞ୍ଚ ଜଣ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ବିଜାପୁରର କରେଗୁଟ୍ଟା ଅଞ୍ଚଳରେ ସୁରକ୍ଷାବାହିନୀ ପାଟ୍ରୋଲିଂ କରୁଥିବା ବେଳେ ମାଓବାଦୀମାନେ ସେମାନଙ୍କ ଉପରେ ଅତର୍କିତ ଗୁଳିଚାଳନା କରିଥିଲେ। ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଏଥିରେ ପାଞ୍ଚଜଣ ନକ୍ସଲ ନିହତ ହୋଇଥିଲେ। ଖବର ଲେଖା ହେବା ବେଳକୁ ନିହତ ନକ୍ସଲଙ୍କ ପରିଚୟ ଜଣାପଡ଼ିନଥିଲା। ଘଟଣାସ୍ଥଳରୁ ଅନେକ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ନକ୍ସଲ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି।


NACO

ସମସ୍ତ ଗର୍ଭବତୀ ମହିଳା ସରକାରୀ ଡାକ୍ତରଖାନାରେ ଥିବା ଆଇ.ସି.ଟି.ସି.ରେ ରକ୍ତ ପରୀକ୍ଷା କରାନ୍ତୁ ଏବଂ ନିଶ୍ଚିନ୍ତ ରୁହନ୍ତୁ ।


OSACS

10001/69/2526

ଏକମାତ୍ର ସରଳ ପରୀକ୍ଷା
ମା' ଓ ଶିଶୁ ଉଭୟଙ୍କର ନୀରୋଗ ଭବିଷ୍ୟତ ନିର୍ଦ୍ଧାରଣ କରାଏ ।

ସମସ୍ତ ଗର୍ଭବତୀ ମହିଳା ପ୍ରଥମ ୩ ମାସ ମଧ୍ୟରେ ଭି.ଏଚ୍.ଏସ୍.ଏନ୍.ଡି./ ୟୁ.ଏଚ୍.ଏସ୍.ଏନ୍.ଡି. କିମ୍ବା ସରକାରୀ ଡାକ୍ତରଖାନାରେ ଏଚ୍.ଆଇ.ଭି. ଓ ସିଫିଲିସର ପରୀକ୍ଷା ଅବଶ୍ୟ କରାଇ ନିଅନ୍ତୁ ।

ସଂକ୍ରମଣ ଥିବା ଜାଣିଲେ ଏ.ଆର୍.ଟି. ଓ ସିଫିଲିସ ଚିକିତ୍ସା କରାଇଲେ ଶିଶୁକୁ ଏଚ୍.ଆଇ.ଭି. କେବଳ ୩-୫% ଯିବାର ସମ୍ଭାବନା ଥାଏ / କିମ୍ବା ସଂକ୍ରମଣ ଯାଇ ନ ଥାଏ ।



### ବନ୍ୟା ଆଶ୍ରୟସ୍ଥଳୀରେ ଗଢା ହେଉଥିଲେ ଦେଶର ଭବିଷ୍ୟତ

# ନିଜସ୍ୱ ଶ୍ରେଣୀଗୃହକୁ ଫେରିବା ପାଇଁ ଲାଗିଲା ୮ ବର୍ଷ

**କଲମପୁର, ୧୯ ।୨(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଦେପୁର ପଞ୍ଚାୟତ ବାଲିଛଡା ଗ୍ରାମ ବନ୍ୟା ପ୍ଲାବିତ ଅଞ୍ଚଳ ଭାବେ ପରିଚିତ। ଏଥିପାଇଁ ବିଜେଡି ସରକାର ସେଠାରେ ଏକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। କାଳକ୍ରମେ ସେହି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଭଗ୍ନ ଅବସ୍ଥାକୁ ଚାଲିଆସିଥିଲା। ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ସ୍ଥାନାନ୍ତର ଲାଗି ନିଷ୍ପତ୍ତି ନିଆଗଲା। ସେହି ଗ୍ରାମରେ ତଥା ନିକଟବର୍ତ୍ତୀ ସ୍ଥାନରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ବାଧ ହୋଇ ବିଦ୍ୟାଳୟକୁ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଗଲା। ଏହି ବିଦ୍ୟାଳୟ ୨୦୧୮ ମସିହାରେ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ପରେ ଏହାର ସମାଧାନ ଲାଗି ଯେତେ ଚେଷ୍ଟା କଲେ ମଧ୍ୟ ସମାଧାନ ହୋଇପାରୁ ନ ଥିଲା। ପ୍ରମୁଖ କାରଣ ଥିଲା ସରକାରୀ ଜମିର ଅଭାବ, ଯେଉଁଠାରେ ଏହି ପୁରାତନ ବିଦ୍ୟାଳୟ ସ୍ଥାପିତ ହୋଇଥିଲା ସେପାଖରେ ଆବଶ୍ୟକ ପରିମାଣର ଜମି ନ ଥିଲା, ତତ୍କାଳୀନ ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ ଏଥିପାଇଁ ପାଣ୍ଠି ଯୋଗାଇ ଦେଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିଲା। ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ମହଲରେ



ବିଭିନ୍ନ ସମୟରେ ଏହି ପ୍ରସଙ୍ଗ ଉଠାଇ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକ ମଧ୍ୟ ବିଭିନ୍ନ ସମୟରେ ସମିତି ବୈଠକରେ ଏ ବିଷୟ ନେଇ ପ୍ରସ୍ତାବ ଆଗତ କରି ଆସୁଥିଲେ। ସେପଟେ ବନ୍ୟା ଆଶ୍ରୟସ୍ଥଳୀରେ ହିଁ ବିଦ୍ୟାଳୟ ଖୋଲି ଦେଶର ଭବିଷ୍ୟତ ଗଢା ଚାଲିଥାଏ। ଅନେକ ପ୍ରଚେଷ୍ଟା ପରେ ପୁରାତନ ବିଦ୍ୟାଳୟ ଜମିରେ ହିଁ ନୂତନ ବିଦ୍ୟାଳୟ କୋଠା ନିର୍ମିତ ହେଲା। କଲମପୁର ବିଡ଼ିଓ ବିଜୟ ମାଣ୍ଡାଙ୍ଗି ଏଦିଗରେ ଆଗ୍ରହ ପ୍ରକାଶ କରି ନିର୍ମାଣ ସ୍ଥଳ ଗସ୍ତ କରି ତଦାରଖ କରିଥିଲେ। ବିଦ୍ୟାଳୟ ନିର୍ମାଣ ଶେଷରେ ସମ୍ପୂର୍ଣ୍ଣ ହୋଇଥିଲା। ଦୀର୍ଘ ଆଠବର୍ଷ ପରେ ନିଜସ୍ୱ ଶ୍ରେଣୀଗୃହକୁ ଫେରି ଆସିଲେ ଛାତ୍ରଛାତ୍ରୀ। ହାତୀ ନଦୀ କୂଳରେ ବସତି ସ୍ଥାପିତ ହୋଇଛି ବାଲିଛଡା ଗ୍ରାମ, ନଇ କୂଳେ କୂଳେ ରାସ୍ତା ଓ ରାସ୍ତାକୁ ଲାଗି ଜନ ବସତି ଗଢିଉଠିଛି। ଏହି ନବ ନିର୍ମିତ ବିଦ୍ୟାଳୟ ମଧ୍ୟ ସେପରି ସ୍ଥାନରେ ନିର୍ମାଣ ହୋଇଛି।ଏଥିଯୋଗୁଁ ପାଦେ ପାଦେ ବିପଦ ଥିବାରୁ ଶିକ୍ଷକ ମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଏଥିପାଇଁ ବିଦ୍ୟାଳୟର ପାଚେରୀ ଓ ରୋଷେଇ ଘର ନିର୍ମାଣ ପାଇଁ ଦାବି ହୋଇଛି।ଏନେଇ କଲମପୁର ବିଜେପିର ମଣ୍ଡଳ ସଭାପତି ହିତେଶ ରଞ୍ଜନ ପାତ୍ର କୁହନ୍ତି ଏ ସମ୍ପର୍କରେ ଆମେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ବିଧାୟକ ଏ ବିଷୟରେ ଅବଗତ ଅଛନ୍ତି ଓ ଖୁବଶୀଘ୍ର ପାଣି ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ଦୀର୍ଘଦିନର ସଂଘର୍ଷ ଓ ପ୍ରତିକ୍ଷା ପରେ ଛାତ୍ରଛାତ୍ରୀ ନିଜସ୍ୱ ଶ୍ରେଣୀ ଗୃହକୁ ଫେରି ଉତଫୁଲ୍ଲିତ ହୋଇଛନ୍ତି। ଅନ୍ୟପକ୍ଷେ ଏହି ବିଦ୍ୟାଳୟ ପାଇଁ ରାଜସ୍ୱ ବିଭାଗ ୯ ଡିସିମିଲ ଜମି ଯୋଗାଇ ଦେଇଛି। କିଛି ଲୋକ ଏହି ଜାଗାକୁ ଜବରଦଖଲ କରିଥିବାରୁ ବିଦ୍ୟାଳୟ ପାଇଁ ସ୍ଥାନର ଅଭାବ ଦେଖା ଦେଇଛି।ଏହି ବିଦ୍ୟାଳୟ ଜମିର ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ ଏନେଇ ରାଜସ୍ୱ ବିଭାଗକୁ ପତ୍ର ପ୍ରେରଣ ହୋଇଥିବା ବ୍ଲକ ପ୍ରଶାସନ ଠାରୁ ସୂଚନା ମିଳିଛି।

# ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ ଗଢିବାକୁ ଦୃଢ଼ ସଙ୍କଳ୍ପ

**ନୂଆପଡ଼ା, ୧୯ ।୨(ସମିସ):** ନୂଆପଡ଼ା ଜିଲ୍ଲାର ସିନାପାଲି ପଞ୍ଚାୟତ ପରିବେଶ ସୁରକ୍ଷା ଦିଗରେ ଆଗେଇଯାଇ ଏକ ଦୃଢ଼ ପଦକ୍ଷେପ ଗ୍ରହଣ କରି ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ସିଙ୍ଗଲ୍ ବ୍ୟବହାର ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ପଞ୍ଚାୟତ ପ୍ରଶାସନ ଓ ବ୍ଲକ ପ୍ରଶାସନ ଏକାଠି ହୋଇ କାମ ଆରମ୍ଭ କରିଛନ୍ତି। ଏହି ଅଭିଯାନ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱାଧୀନରେ ଚାଲିଥିବା ବେଳେ ଏହାକୁ ଅନୁପାଳନ କରି ସିନାପାଲି ସହରର ବିଭିନ୍ନ ଦୋକାନ ବଜାର ସମେତ ବିଭିନ୍ନ ଛକ ଗୁଡ଼ିକରେ ଜନ ସଚେତନତା ସୃଷ୍ଟି କରି ଜାଗରଣ କରୁଛନ୍ତି ସିନାପାଲି ବିଡ଼ିଓ କାର୍ମି ଓରାମ ଓ ସିନାପାଲି ସରପଞ୍ଚ ସୁନୀତା ମେହେର ଓ ଅନ୍ୟାନ୍ୟ ଅଧିକାରୀ। ଯାହା ନୂତନ ଦିଶା ଯୋଗାଇ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବାରେ ସହାୟକ ହେବ ବୋଲି ଆଲୋଚନା ହେଉଛି। ଏହି ପରିପ୍ରେକ୍ଷିରେ ସିନାପାଲି ପଞ୍ଚାୟତର ପଦକ୍ଷେପ ନିଶ୍ଚୟ ସ୍ୱାଗତ ଯୋଗ୍ୟ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ପଞ୍ଚାୟତର ସରପଞ୍ଚ ସୁନିତା ମେହେର ଓ ବିଡ଼ିଓ କାର୍ମୀ ଓରାମ ସ୍ୱୟଂ ବଜାରକୁ ଯାଇ ଦୋକାନୀଙ୍କୁ ସଚେତନ କରୁଛନ୍ତି। ଦୋକାନରେ ପଲିଥିନ୍ ବ୍ୟାଗ୍, ପ୍ଲାଷ୍ଟିକ



**ବିଡ଼ିଓ, ଅଧିକାରୀ ଓ ସରପଞ୍ଚଙ୍କ ମିଳିତ ଅଭିଯାନ**

କପ୍ ଓ ଅନ୍ୟାନ୍ୟ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଉଛି। ଯେଉଁ ଦୋକାନୀ ନିୟମକୁ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ତତକ୍ଷଣାତ୍ ଅର୍ଥଦଣ୍ଡ ଜାରି କରାଯାଉଛି। ପ୍ରଶାସନ ସହ ଜନସାଧାରଣ ମଧ୍ୟ ଯଦି ସମାନ ଭାବେ ଅଂଶଗ୍ରହଣ କରନ୍ତି, ତେବେ ପ୍ଲାଷ୍ଟିକ ମୁକ୍ତ ସିନାପାଲି କେବଳ ଏକ ସ୍ଲୋଗାନ୍ ନୁହେଁ, ବାସ୍ତବତା ହେବ। ପ୍ଲାଷ୍ଟିକ ମୁକ୍ତ ଅଭିଯାନ କେବଳ ପ୍ରଶାସନର କାର୍ଯ୍ୟକ୍ରମ ନୁହେଁ ଏହା ସମାଜର ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ପ୍ଲାଷ୍ଟିକ ମୁକ୍ତ ସମାଜ ଗଢ଼ିବା ସମସ୍ତଙ୍କ ଦାୟିତ୍ୱ ହେଉ ବୋଲି ଆହ୍ୱାନ ଦିଆଯାଇଛି।

### ■ ଥୁଆମୂଳରାମପୁର-ଭୁବନେଶ୍ୱର ସରକାରୀ ବସ୍ ସେବା ବନ୍ଦ

# ପୁନଃ ବସ୍ ସେବା ପାଇଁ ଦାବି

**ଥୁଆମୂଳରାମପୁର, ୧୯ ।୨ (ସମିସ):** କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳ ଥୁଆମୂଳରାମପୁରରୁ ରାଜଧାନୀ ଭୁବନେଶ୍ୱରକୁ ଚାଲୁଥିବା ସରକାରୀ ବସ୍ ସେବା ହଠାତ୍ ବନ୍ଦ ହୋଇଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ବସ୍ ସେବା ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ରାଜଧାନୀ ସହ ସିଧାସଳଖ ଯୋଗାଯୋଗର ଏକମାତ୍ର ଭରସା ଥିଲା। ଗତ ନବୀନ ପଟ୍ଟନାୟକ ସରକାର ଜୁନ ୨୦୨୩ ମସିହାରେ ବସ୍ ସେବା ପ୍ରଦାନ କରିଥିଲେ। ଯାହା ଆଜକୁ ୩ ମାସରୁ ଊର୍ଦ୍ଧ୍ୱ ହେବ ବସ୍ ଚଳାଚଳ ବନ୍ଦ ରହିଛି। ବସ୍ ସେବା ବନ୍ଦ ହେବା ପରେ ଛାତ୍ରଛାତ୍ରୀ, ରୋଗୀ, ଚାକିରୀଆ କର୍ମଚାରୀ ଓ ଦିନମଜୁରିଆ ଶ୍ରମିକମାନେ ବହୁତ ଅସୁବିଧାରେ ପଡ଼ିଛନ୍ତି। ବିଶେଷକରି ଆପତ୍କାଳୀନ ଚିକିତ୍ସା ପାଇଁ ଭୁବନେଶ୍ୱର କିମ୍ବା କଟକ ଯିବାକୁ ପଡୁଥିବା ରୋଗୀମାନଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିଛି। ବେସରକାରୀ ବସ୍ ଓ ଅନ୍ୟ ଯାନବାହନର ଭଡ଼ା ଅଧିକ ହେବାରୁ ଗରିବ ଓ ଆଦିବାସୀ ଅଞ୍ଚଳର ଲୋକମାନେ ଆର୍ଥିକ ଭାବେ ଚାପରେ ପଡୁଛନ୍ତି। ସ୍ଥାନୀୟ ନାଗରିକମାନେ କହିଛନ୍ତି ଯେ, ବସ୍ ସେବା ଚାଲୁ ଥିବା ସମୟରେ ଶିକ୍ଷା, ଚିକିତ୍ସା ଓ ବ୍ୟବସାୟିକ କାର୍ଯ୍ୟରେ ବହୁତ ସହଜ ଆସିଥିଲା। ହଠାତ୍ ସେବା ବନ୍ଦ ହେବାରୁ ସେମାନେ ନିଜକୁ ଅବହେଳିତ ମନେ କରୁଛନ୍ତି। ଅଞ୍ଚଳର ବିଭିନ୍ନ ସଂଗଠନ ଓ ସାମାଜିକ କର୍ମୀମାନେ ରାଜ୍ୟ ସରକାରଙ୍କୁ ଶୀଘ୍ର ପଦକ୍ଷେପ ନେଇ ପୁନଃ ଉତ୍ତମ ଓ ନିୟମିତ ସରକାରୀ ବସ୍ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି। ଏହା ସହିତ ସମୟନିଷ୍ଠ ଓ ସୁବିଧାଜନକ ବସ୍ ବ୍ୟବସ୍ଥା କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ପରିସ୍ଥିତିରେ ପରିବହନ ବିଭାଗ କେବେ ଓ କିପରି ପଦକ୍ଷେପ ନେବେ, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ଏବେ ସରକାରଙ୍କ ଉପରେ ରହିଛି।

# ଇସ୍ପାତ ଟ୍ରେନ୍ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ





**ଭବାନୀପାଟଣା/ଜୁନାଗଡ଼, ୧୯ ।୨(ସମିସ):** ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସନେଇଛି ରେଳ ବିଭାଗ। ହାୱାଡ଼ା-ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗିର ଏବଂ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ।ଜୁନାଗଡ଼ ରୋଡ୍ ଏବଂ ଟିଟଲାଗଡ଼ ମଧ୍ୟରେ ବିସ୍ତାରିତ ଅଂଶର ଉଦ୍‌ଘାଟନୀ ଟ୍ରେନ୍ ଆଜି ଜୁନାଗଡ଼ ରୋଡ୍ ଷ୍ଟେସନରେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗ ଦେଇ ଭବାନୀପାଟଣା ପର୍ଯ୍ୟନ୍ତ ଉଦଘାଟନୀ ଟ୍ରେନ୍‌ରେ ଯାତ୍ରା କରିଥିଲେ। ହାୱାଡ଼ା-ଟିଟଲାଗଡ଼-ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେସନରେ ରହଣି କରିବ। ହାୱାଡ଼ା ଏବଂ ଟିଟଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନଟି ହାଓଡ଼ା ଏବଂ ଟିଟଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ ଏକ ମେଲ/ଏକ୍ସପ୍ରେସ ସେବା ଭାବରେ କାର୍ଯ୍ୟ କରିବ। ପୂର୍ବରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଗରିମା ତିୱାରୀ ଅତିଥି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ।

## ଭୁବନେଶ୍ୱର ପାଇଁ ସିଧାସଳଖ ଟ୍ରେନ କେବେ

**କେସିଙ୍ଗା, ୧୯ ।୨(ସମିସ):** ଦୀର୍ଘ ବର୍ଷର ଅପେକ୍ଷା ଦାବି ପରେ ରେଳ ବିଭାଗ ପକ୍ଷରୁ ଅଞ୍ଚଳବାସୀଙ୍କ ଗୋଟିଏ ଦାବି ପୂରଣ କରିବା ପାଇଁ ସହମତି ପ୍ରକାଶ କରି ଇସ୍ପାତ ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣର କରିଛି। ୧୯ ତାରିଖ ଗୁରୁବାର ଦିନ ଠାରୁ ଇସ୍ପାତ ଟ୍ରେନ ଟିଟଲାଗଡ଼ ପରିବର୍ତ୍ତେ ଜୁନାଗଡ଼ ପର୍ଯ୍ୟନ୍ତ ସପ୍ତାହକୁ ୩ ଦିନ ଚାଲିବ ଅଞ୍ଚଳବାସୀ ଉପକୃତ ହେବେ। ଟ୍ରେନ ଆଗରୁ ହାଓଡାରୁ ଆସି ଟିଟଲାଗଡ଼ରେ ରହିଯାଇଥିଲା। ଟିଟଲାଗଡ଼ ରୁ କେସିଙ୍ଗା ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ କଳାହାଣ୍ଡି ରେଳ ଯାତ୍ରୀ ସଂଘ ବ୍ୟତୀତ କେସିଙ୍ଗା ସିଟିଜନ ଫୋରମ, କେସିଙ୍ଗା ସାମ୍ବାଦିକ ମହାସଂଘ, ସଚେତନ ନାଗରିକ ମଞ୍ଚ, କେସିଙ୍ଗା ଚାମ୍ବର ଅଫ କମର୍ସ ଙ୍କ ସମେତ ଅନେକ ସଂଗଠନର ନିରନ୍ତର ପ୍ରଚେଷ୍ଟା ବଳରେ ଆଜି ଇସ୍ପାତ ଟ୍ରେନର ସମ୍ପ୍ରସାରଣ ଲକ୍ଷ୍ୟରେ ପହଞ୍ଚିଛି। କିନ୍ତୁ ଦଶନ୍ଧି ଧରି ଆଉ ଗୋଟିଏ ଦାବୀ ଯାହା କେସିଙ୍ଗାରୁ ରାଜଧାନୀ ଭୁବନେଶ୍ୱର ପାଇଁ ସିଧା ସଳଖ ଟ୍ରେନର ସୁବିଧା ଆଜି ପର୍ଯ୍ୟନ୍ତ ଅଞ୍ଚଳବାସୀ ପାଇ ନାହାଁନ୍ତି। ଜୁନାଗଡ଼ ପର୍ଯ୍ୟନ୍ତ ଇସ୍ପାତ ଟ୍ରେନ ସମ୍ପ୍ରସାରଣ ତ ହେଇଗଲା ହେଲେ ରାଜଧାନୀ ପାଇଁ ସିଧା ସଳଖ ଟ୍ରେନ କେବେ ଚାଲିବ ବୋଲି ଅଞ୍ଚଳବାସୀ ରେଳ ବିଭାଗକୁ ପ୍ରଶ୍ନ କରିଛନ୍ତି।

# କେସିଙ୍ଗା ଓମନଗରପଡ଼ାରେ ଚୋରି

**କେସିଙ୍ଗା, ୧୯ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଓମନଗର ଅଞ୍ଚଳର ଜଣେ ଘର ମାଲିକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଙ୍କ ଘରେ ଚୋରି କରି ଚୋରମାନେ କଳାକନା ବୁଲେଇଛନ୍ତି। ଗତ ୧୭ ତାରିଖ ରାତିରେ ଏଭଳି ଘଟଣା ଘଟିଛି ଓମ୍‌ନଗରପଡ଼ାରେ ରହୁଥିବା ଅଶ୍ୱିନୀ କୁମାର ସାହାଙ୍କ ଘରେ। ସୂଚନା ଅନୁଯାୟୀ ଶ୍ରୀ ସାହାଙ୍କ ପରିବାର ଲୋକେ ୧୭ ତାରିଖ ଦିନ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ୧୮ ତାରିଖରେ ତାଙ୍କ ପରିବାର ବର୍ଗ ଘରକୁ ଫେରି ଦେଖିଲା ବେଳକୁ ଘରେ ଚୋରି ହୋଇଛି। ଲିଖିତ ଅଭିଯୋଗ ଅନୁଯାୟୀ ଚୋରମାନେ ଶ୍ରୀ ସାହାଙ୍କ ଘରୁ ନଗଦ ୧୬ ହଜାର ଟଙ୍କା, ୫ ଭରିରୁ ଊର୍ଦ୍ଧ୍ୱ ସୁନା ଗହଣା ଓ ୧୫୦ ଗ୍ରାମ ରୂପା ନେଇ ଯାଇଥିବା କେସିଙ୍ଗା ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା କେସିଙ୍ଗା ଥାନାଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

### ମାଟ୍ରିକ ପରୀକ୍ଷା ପ୍ରଥମ ଦିନ

# କୋକସରା ବ୍ଲକ୍‌ରେ ୩୦ ପରୀକ୍ଷାର୍ଥୀ ଅନୁପସ୍ଥିତ

**କୋକସରା, ୧୯ ।୨(ସମିସ) :** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି। ତେବେ ଚଳିତ ଥର ମାଟ୍ରିକ ବୋର୍ଡ ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ୨୪ଟି ହାଇସ୍କୁଲର ମୋଟ ୧୪୭୧ଛାତ୍ରଛାତ୍ରୀ ପରୀକ୍ଷା ଦେବାର ରହିଥିଲା। ତେବେ ପ୍ରଥମ ଦିନରେ ଛାତ୍ରଛାତ୍ରୀ ସାହିତ୍ୟ ବିଷୟରେ ପରୀକ୍ଷା ଦେଇଥିବା ବେଳେ ୯ଟି କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୩୦ ଜଣ ପରୀକ୍ଷାର୍ଥୀ କୌଣସି କାରଣରୁ ଅନୁପସ୍ଥିତି ରହିଥିବା ନେଇ ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ତଥା କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ କୌଣସି ପରୀକ୍ଷାର୍ଥୀ ଏକ୍ସ ଫେଲ ହୋଇ ନଥିବାବେଳେ ଶାନ୍ତିଶୃଙ୍ଖଳା ସହିତ ପରୀକ୍ଷା ପରିଚାଳନା ହୋଇଥିବା ସୂଚନା ମିଳିଛି।

## କେସିଙ୍ଗା ବ୍ଲକ୍‌ରେ ୨୨ ଅନୁପସ୍ଥିତ

**କେସିଙ୍ଗା, ୧୯ ।୨(ସମିସ):** ଗୁରୁବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ଯାଇଛି। ପ୍ରଥମ ଦିନ ମାତୃଭାଷା ରହିଥିଲା। ଚଳିତ ବର୍ଷ କେସିଙ୍ଗା ବ୍ଲକରେ ୧୧ ସେଣ୍ଟରରେ ସମୁଦାୟ ୧୮୦୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ପଞ୍ଜୀକୃତ କରିଥିବା ବେଳେ ପରୀକ୍ଷା ଦେଇଥିଲେ ୧୭୮୫ ଜଣ ଛାତ୍ରଛାତ୍ରୀ। ୨୨ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ନାହାନ୍ତି ବୋଲି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଜୟନ୍ତୀ

**ମ.ରାମପୁର, ୧୯ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ଶ୍ରୀ ରାମକୃଷ୍ଣ ଆଶ୍ରମ ପରିସରରେ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ସଭାପତି ସୀତା ବଲ୍ଲଭ ମହାପାତ୍ର, ମୁଖ୍ୟବକ୍ତା ଭାବେ ଡକ୍ଟର ଆରତୀ କର, ଅନ୍ୟ ବକ୍ତା ଭାବେ ରାମ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର କର୍ମକର୍ତ୍ତା ବିରଜା ପ୍ରସାଦ ଶତପଥି, କୈଳାସ ଚନ୍ଦ୍ର ରଥ, ଭାଷ୍ୟମ ମୁରଲୀଧର, ସୁନୀଲ ମହାପାତ୍ର, ଅନ୍ନପୂର୍ଣ୍ଣା ମିଶ୍ର, ଶ୍ରୀବାସ ମହାପାତ୍ର ଯୋଗ ଦେଇ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଜୀବନାଦର୍ଶ ଓ ବାଣୀ ଉପରେ ବକ୍ତବ୍ୟ ରଖିଥିଲେ। ସନ୍ୟାସୀ ସ୍ୱାମୀ ଧୀରେସାନନ୍ଦ, ସ୍ୱାମୀ ବିରେସାନନ୍ଦ, ସ୍ୱାମୀ ଶୁକଦେବାନନ୍ଦ, ସ୍ୱାମୀ ଦିନଦୟାଳ ପୁରୀ ସନ୍ୟାସ ଆଶ୍ରମ ଅଧକ୍ଷ, ରେଣୁକାଜି ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଆଶ୍ରମର ପ୍ରାଚୀର ପତ୍ରିକା ଶିଖା ଉନ୍ମୋଚନ କରାଯାଇଥିଲା। ଉକ୍ତ ସଭାକୁ ଆଶ୍ରମର ଅନ୍ନଦା ପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ବଟ କିଶୋର ପ୍ରଧାନ ସଭା ପରିଚାଳନା କରିଥିଲେ। ଶେଷରେ ଉମାକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଁ ପାହାର ଭଣ୍ଡାର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଗ୍ରୀଣ୍ଡୋଲ ଚାମ୍ପିଅନ

**ସିନାପାଲି, ୧୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧାସ୍ଥିତ ମିନି ଷ୍ଟାଡିୟମରେ ମାଁ ପାହାର ଭଣ୍ଡାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୧ତମ ମାଁ ପାହାର ଭଣ୍ଡାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସିନାପାଲି ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିନାପାଲି ବ୍ଲକ ସମିତି ସଂଘ ସଭାପତି ମନୀଷ ପଟେଲ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ପୂର୍ବତନ କ୍ରୀଡାବିତ୍ ତଥା ସାମାଜିକ କର୍ମୀ ପବନ ଅଗ୍ରୱାଲ, ସାମାଜିକ କର୍ମୀ ସୁରେଶ୍ୱର ମେହେର, ଶିକ୍ଷାବିତ ରମେଶ ଦୁବେ, କ୍ରୀଡାବିତ ଚିନ୍ତାମଣି ହଂସ, ସରପଞ୍ଚ ବିରଞ୍ଚି ଜଗତ, କୃଷକ ନେତା ହରିଶ୍ କେତକୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ମ୍ୟାଚ୍ ବିଜେପୁର ବନାମ ଗ୍ରୀଣ୍ଡୋଲ ଦଳ ମଧ୍ୟରେ ହୋଇଥିଲା। ବିଜେପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା।ତାହାର



ଜବାବରେ ଗ୍ରୀଣ୍ଡୋଲ ଦଳ ୧୨.୪ ଓଭରରେ ୨ ୱିକେଟ ବିନିମୟରେ ଟାର୍ଗେଟ ପୂରଣ କରି ବିଜୟୀ ହୋଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବରେ ସୁଦାମ ମାଝୀ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚ୍‌ରେ ମଦନ ମୋହନ ଘିଭେଲା ଓ ହେମନ୍ତ କଟା ଆମ୍ପାୟାର୍ ଭାବେ ଖେଳ ପରିଚାଳନା କରିଥିବା ବେଳେ ଭାସ୍ୟକାର୍ ଭାବରେ ପପିସ୍ ଛତ୍ରିଆ, ମଣ୍ଟୁ ତେଜି, ମହେଶ ଦୀପ, ନରେନ୍ଦ୍ର ନାଏକ, ନରେଶ ମାଝୀ ଓ ମ୍ୟାଚ୍ ରେଫରୀ ଭାବେ ଯଦୁମଣି ନିଆଲ୍ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। କମିଟିର ସଭାପତି ସଞ୍ଜୟ ମେହେର, ସମ୍ପାଦକ ପରମେଶ୍ୱର ମେହେର, ମୋହିତ ମେହେର, ହିତେଶ ମେହେର, ଜଗା ପଟେଲ, ଲଳିତ ବଗର୍ତ୍ତି, ଲୋକନାଥ ବେମାଲ, ରାଜୁ ମେହେର, ସାନ ଭୋଇ, ବାପି ବଛାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।ଟୁର୍ଣ୍ଣାମେଣ୍ଟର ଉଭୟ ଦଳକୁ ନଗଦ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାସ୍ୟକାର ପ୍ରକାଶ ପାତ୍ର, ଭିମରାଜ୍ ତାଣ୍ଡି, ପ୍ରେମ ଚାନ୍ଦ ବୈଠାରୁ, ଜଗନ୍ନାଥ ସାଗର ଉପସ୍ଥିତ ଥିଲେ।

# ଏସ୍‌ବିଆଇ ଏଟିଏମ୍ ଉଦ୍‌ଘାଟିତ

**ନୂଆପଡ଼ା, ୧୯ ।୨ (ସମିସ):** ନୂଆପଡ଼ା ଜିଲ୍ଲା ସଦର ବସ୍‌ଷ୍ଟାଣ୍ଡରେ ବୁଧବାର ଅପରାହ୍ନରେ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌କୁ ଜଣେ ସାଧାରଣ ଯାତ୍ରୀ ଗୋବର୍ଦ୍ଧନ ମହାନନ୍ଦ ଉଦ୍‌ଘାଟନ କରିଛନ୍ତି। ବ୍ୟାଙ୍କ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ମୁଖ୍ୟଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିଲା। ଜିଲ୍ଲାପାଳ ମଧ୍ୟ ପହଞ୍ଚି ଧରମବନ୍ଧାର ଜଣେ ସାଧାରଣ ଯାତ୍ରୀ ଗୋବର୍ଦ୍ଧନ ମହାନନ୍ଦଙ୍କୁ ଉଦ୍‌ଘାଟନ ପାଇଁ କହିଥିଲେ। ସେ ନିଜ ଗାଁକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡ ଆସିଥିଲେ। ଷ୍ଟେଟ ବ୍ୟାଙ୍କ ଆରଏମ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ନୂଆପଡ଼ା ଶାଖା ମୁଖ୍ୟ ପରିଚାଳକ ଲିଙ୍କନ ଦାଶ, ଡିଟିଏମ ଆକାଶ ମହାପାତ୍ର, ଆରଟିଓ ଶର୍ମିଳା ମହାରଣା ଏବଂ ଆମ ବସ୍ ଷ୍ଟାଣ୍ଡ ପରିଚାଳନା କମିଟିର ସଦସ୍ୟ ଯାଜ୍ଞସେନୀ ମହାପାତ୍ର, ବିଜୟ କୁମାର ରାଉତ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ। ଜନ ସାଧାରଣଙ୍କ ସରକାରରେ ସମସ୍ତ ବ୍ୟକ୍ତି ଅସାଧାରଣ ଏବଂ ଜିଲ୍ଲାର ପ୍ରଗତିରେ ସମସ୍ତଙ୍କ ଯୋଗଦାନ ରହିଛି ବୋଲି ଜିଲ୍ଲାପାଳ କହିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦୁର୍ଗା ଚରଣ ସାହୁ
କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ
'ଭଜନ କଳିକା'ର ରଚୟିତା
ଅର୍ଜୁନପୁର, କେନ୍ଦ୍ରାପଡ଼ା
ଆବିର୍ଭାବ - ୦୮.୦୩.୧୯୪୮
ତିରୋଧାନ - ୦୯.୦୨.୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକ ସନ୍ତପ୍ତ: ପତ୍ନୀ - ଆରତୀ, ପୁତ୍ର: ଲଳିତ, ଲୋକନାଥ, ଲକ୍ଷ୍ମୀନାରାୟଣ, ପୁତ୍ର ବଧୂ: ନମିତା, ସୀମା, ସୁଚିତ୍ରା, କନ୍ୟା: ଲକ୍ଷ୍ମୀପ୍ରିୟା, ନାତି ନାତୁଣୀ: ମାମା, ସୋମୁ, ସୁଚରିତା, ଶୁଭକିନ୍ତା, ଶୁଭସ୍ମିତା, ନୃସିଂହ, ବନ୍ଧୁ, ପରିଜନ ଓ ଆତ୍ମୀୟସ୍ୱଜନ

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା

**ସିନାପାଲି, ୧୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଭଟ୍ଟାପାଣି କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ନଙ୍ଗଲବୋଡା ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଟ୍ଟାପାଣି ସିଆରସିସି ତରୁଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ନିରାକାର ସାହୁ ଓ ସମ୍ମାନିତ ଅତିଥି ଭାବରେ ଖଗେଶ୍ୱର ମାଝୀ, ସରୋଜ ପାଢ଼ୀ ଉପସ୍ଥିତ ଥିଲେ। ଶିକ୍ଷାଦାନ ସମୟରେ କେବଳ ପୁସ୍ତକ ପାଠ୍ୟକ୍ରମର ମୌଖିକ ଶିକ୍ଷାଦାନ ଅପେକ୍ଷା ଶିକ୍ଷଣ ସାମଗ୍ରୀର ବ୍ୟବହାରିକ ଓ ଉଦାହରଣମୂଳକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିଥାଏ ଓ ଏହା କୋମଳମତି ପିଲାଙ୍କ ସ୍ମୃତିରେ ଦୀର୍ଘସ୍ଥାୟୀ ହୋଇପାରେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଦେବପୂଜନ ପରେ ଅତିଥିଙ୍କ ଦ୍ୱାରା ମେଳା ଉଦ୍‌ଘାଟିତ ହୋଇଥିଲା। ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ତିଆରି ପାଇଁ ପୋର୍ଟିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପ୍ରଥମ, ଭୁଲିଆଭଟା ଉଚ୍ଚ ପ୍ରାଥମିକକୁ ଦ୍ୱିତୀୟ ଓ ଭଟ୍ଟାପାଣି ଏବଂ ନୂଆଁମାଳପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ତୃତୀୟ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଶନ ସେଠି, ଶୁଭଲକ୍ଷ୍ମୀ ଜେନା, ଜ୍ୟୋସ୍ନାରାଣୀ ମାଝୀ, ସରିତା ମେହେର, କୃଷ୍ଣ ଚନ୍ଦ୍ର ଧାକଡ, ଲକ୍ଷ୍ମଣ ନାଗ, ବ୍ୟୋମକେଶ ସାହୁ, ଲକ୍ଷ୍ମଣ ମାଝୀ, ଅକ୍ଷୟ ଛତି, ଲକ୍ଷ ଶିଖା, ତହସିଲ ମାଝୀ, ହରେକୃଷ୍ଣ ମେହେର, ସୁନିଲ କୁମାର ହେର୍ଣ୍ଣା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ

**ନୂଆପଡ଼ା, ୧୯ ।୨(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା)ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲାର ତିନିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ନୂଆପଡ଼ା, ଖଡିଆଳ ଓ ଖରିଆରରୋଡର କାର୍ଯ୍ୟାବଳୀ

**ଶତ ପ୍ରତିଶତ ରାଜସ୍ୱ ସଂଗ୍ରହ ପାଇଁ ନିର୍ଦ୍ଦେଶ**

ସମୀକ୍ଷା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ଏନଏସିମାନଙ୍କର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ।୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଲକ୍ଷ୍ୟ ଓ ସଂଗ୍ରହ ସମୀକ୍ଷା କରାଯାଇଥିଲା। ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହରେ ଖଡ଼ିଆଳ ଏନଏସି ୯୩.୭୬ ପ୍ରତିଶତ



ସଫଳତା ହାସଲ କରିଥିବା ବେଳେ ନୂଆପଡ଼ା ୭୩.୭୩ ପ୍ରତିଶତ ଏବଂ ଖରିଆରରୋଡ ୭୪.୫୦ ପ୍ରତିଶତ ସଫଳତା ହାସଲ କରିଛି। ମ୍ୟୁନିସିପାଲ ସମ୍ପତ୍ତି ଭଡା, ବ୍ୟବସାୟ ଲାଇସେନ୍ସ, ବିଜ୍ଞାପନ ରାଜସ୍ୱ, ୟୁଜର ଫିସ ଓ ଅନ୍ୟାନ୍ୟ ଉତ୍ସରୁ ରାଜସ୍ୱ ଆଦାୟର ମଧ୍ୟ ସମୀକ୍ଷା କରଯାଇଥିଲା।ବର୍ଜ୍ୟ ବସ୍ତୁ ପରିଚାଳନା, ପ୍ରଧାନ ମନ୍ତ୍ରୀ ଅବାସ ଯୋଜନା (ନଗର), ବିଲ୍ଡିଂ ଆପ୍ରୁଭାଲ ସିଷ୍ଟମ ଏବଂ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସବିୱାଇ)ର କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।ଜିଲ୍ଲାପାଳ ହୋଲ୍ଡିଂ ଟ୍ୟାକ୍ସରେ ୧୦୦ ପ୍ରତିଶତ ସଂଗ୍ରହ ସୁନିଶ୍ଚିତ କରିବା, ମଞ୍ଜୁରୀକୃତ ଅର୍ଥର ସଠିକ ବ୍ୟବହାର ଏବଂ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ଆବାସ ଘର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପର୍ବପର୍ବାଣୀ ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ଏନଏସିକୁ ମୋବାଇଲ ଟଏଲେଟ କ୍ରୟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ବିଭିନ୍ନ ଉତ୍ସରୁ ରାଜସ୍ୱ ବୃଦ୍ଧି କରିବା ସହିତ ସହରମାନଙ୍କର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଗତି ଆଣିବା ଓ ନାଗରିକମାନଙ୍କୁ ସହରୀ ସଭ୍ୟତାର ସମସ୍ତ ସୁବିଧା ସୁଯୋଗ ଯୋଗାଇବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି।ବୈଠକରେ ନୂଆପଡ଼ା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରୀଆର ରୋଡ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସହ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

# ପୁଲିସ ପଞ୍ଝାରେ କ୍ରିକେଟ ବେଟିଂ ରାକେଟ୍





**ରାଉରକେଲା, ୧୯।୨(ସମିସ)**

ରାଉରକେଲା ପୁଲିସ ପଞ୍ଝାରେ ବିଶ୍ୱକପ୍ ଟି୨୦ କ୍ରିକେଟ ବେଟିଂ ରାକେଟ ଧରାପଡ଼ିଛି। ରାତିକ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାର ସ୍ୱପ୍ନ ଦେଖାଇ କ୍ରିକେଟ ପାଗଳ ଯୁବଗୋଷ୍ଠୀଙ୍କୁ ବେଟିଂ ଜାଲରେ ଫସାଉଥିଲେ। ବେଟିଂ ଦ୍ୱାରା କୋଟି କୋଟି ଟଙ୍କା ରୋଜଗାର କରୁଥିବା ନେଇ ଏସପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି। ଏ ନେଇ ତଦନ୍ତ କରି ଚଢ଼ଉ କରିବା ପାଇଁ ଏସପି ଶ୍ରୀ ୱାଧୱାନୀ ଜୋନାଲ ଡିଏସପି ମନୋରଞ୍ଜନ ପ୍ରଧାନ ଓ ଡିଏସପି ଜିତେନ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଏସପି ଦ୍ୱୟ ସମ୍ପୃକ୍ତ ଥାନାର ଅଧିକାରୀମାନଙ୍କୁ ନେଇ ଚଢ଼ଉ କରି ସହରର ଅଭିଯୁକ୍ତ ୨ ଭାଇଙ୍କ ସମେତ ୬ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକମାନେ ହେଲେ ବନ୍ଧମୁଣ୍ଡା ସେକ୍ଟର ବି ଅଞ୍ଚଳର ମୁଖିଆ ଦୁଇ ଭାବୋହିତ ଭଗତ (୨୭), ପଙ୍କଜ ଭଗତ (୩୧), ପ୍ଲାଣ୍ଟସାଇଟ୍ ଥାନା ତେଲୁଗୁ ବସ୍ତିର ସହଯୋଗୀ ସୋନୁ ରାଓ (୩୦), ବ୍ରାହ୍ମଣୀ ତରଙ୍ଗ ଥାନା କଲୁଙ୍ଗାର ମୁକେଶ ସାହୁ (୪୮), ଉଦିତନଗର ଥାନା ବିଶ୍ରା ଡାହାରରୋଡର ଜିତେନ୍ଦ୍ର ଅଗ୍ରୱାଲ (୪୨) ଓ ସୁରେଶ ଖେମଖା (୫୬)। ସେମାନଙ୍କ ଠାରୁ ନଗଦ ୩୦ ଲକ୍ଷ ୬୫ ହଜାର ଟଙ୍କା, ୭ଟି ମୋବାଇଲ, ୨ଟି ଲାପଟପ୍ ଓ ଥାର ଗାଡି ଜବତ

- ମୁଖ୍ୟ ଦୁଇ ଭାଇ ସମେତ ୬ ଗିରଫ
- ୩୦.୬୫ ଲକ୍ଷ ଟଙ୍କା, ଥାର ଗାଡ଼ି, ମୋବାଇଲ୍ ଓ ଲାପଟପ୍ ଜବତ
- ସିଲଭର ଏକ୍ସଚେଞ୍ଜ ଆପରୁ ଲମ୍ବିଛି ଚେର

କରାଯାଇଛି। ଏନେଇ ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସପି ନୀତେଶ ୱାଧୱାନୀ ଆଜି ଅଧିକ ସୂଚନା ଦେଇଛନ୍ତି। ବନ୍ଧମୁଣ୍ଡା ସେକ୍ଟର ବି ଅଞ୍ଚଳରୁ ପରିଚାଳିତ ଏକ ସଂଗଠିତ ସିଣ୍ଡିକେଟ୍ ଦ୍ୱାରା ଚାଲିଥିବା ଟି୨୦ କ୍ରିକେଟ୍ ବିଶ୍ୱକପ୍ ୨୦୨୬ ଉପରେ ଅବୈଧ ବାଜି ଲଗା ଯାଉଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ମିଳିଥିଲା। କେବଳ ଭାରତ ମ୍ୟାଚ୍ ନୁହେଁ ପ୍ରତି ମ୍ୟାଚ୍‌ର ପ୍ରତି ଓଭରରେ ମଧ୍ୟ ଏହି ଆପ୍ ଦ୍ୱାରା ଟଙ୍କା ବାଜି ଲଗା ଯାଉଥିଲା। ହାରି ଯାଉଥିବା ଲୋକଙ୍କ ଟଙ୍କା ସିଧାସଳଖ ଏହି ବେଟିଂ ରାକେଟରେ ସଂଶ୍ଳିଷ୍ଟ ଆକାଉଣ୍ଟକୁ ଯାଉଥିଲା। କିଛି ଯୁବକ ନଗଦ ଟଙ୍କା ମଧ୍ୟ ବେଟିଂରେ ଲଗାଉଥିଲେ। ଗିରଫ ଦୁଇ ଭାଇ ଭାବୋହିତ ଭଗତ ଓ ପଙ୍କଜ ଭଗତ ଥିଲେ ପୁରା ମାମଲାର ମୁଖ୍ୟ ଆସାମୀ। ସେମାନେ ସିଲଭର ଏକ୍ସଚେଞ୍ଜ ନାମକ ଏକ ଅନଲାଇନ୍ ଗେମିଂ ଆପ୍ଲିକେସନ୍ ମାଧ୍ୟମରେ ବେଟିଂ କାର୍ଯ୍ୟକଳାପ ପରିଚାଳନା କରୁଥିଲେ। ସେମାନଙ୍କୁ ଏହି ଅନୈତିକ ବେଟିଂରେ ସହଯୋଗ କରୁଥିଲେ ସୋନୁ ଓ ମୁକେଶ। ପରବର୍ତ୍ତୀ ସମୟରେ ଏହି ଆଇଡି ଗୁଡିକୁ ବିଭିନ୍ନ ଗ୍ରାହକଙ୍କ ନିକଟକୁ ପଠାଯାଉଥିଲା। ଯାହାଦ୍ୱାରା ଅବୈଧ ବେଟିଂ କାରବାର ହେଉଥିଲା। ଜିତେନ୍ଦ୍ର ଓ ସୁରେଶ ସମେତ ଅନ୍ୟମାନେ ଏହି ବେଆଇନ ବେଟିଂ କାର୍ଯ୍ୟରେ ଅର୍ଥ ନିବେଶ କରି ବେଟିଂ ପରିଚାଳନାରେ ସହଯୋଗ କରୁଥିଲେ ବୋଲି ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନେ କେବଳ ରାଉରକେଲାରେ ନୁହେଁ ବରଂ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ଏବଂ ରାଜ୍ୟ ବାହାରେ ଏକ ସଂଗଠିତ ଅବୈଧ ବେଟିଂ ସିଣ୍ଡିକେଟ୍ ପରିଚାଳନା କରୁଥିଲେ। ଯାହାର ସଂଗଠିତ ଭୂମିକା ପରିଚୟପତ୍ର କ୍ରୟ, ଗ୍ରାହକ ପରିଚାଳନା, ଆର୍ଥିକ କାରବାର ଏବଂ କାର୍ଯ୍ୟକ୍ଷମ ସମନ୍ୱୟ ଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଏହି ରାକେଟ ଟି୨୦ ବିଶ୍ୱକପ୍ ମ୍ୟାଚ୍ ସହିତ ଜଡିତ ଅନଲାଇନ୍ ଏବଂ ଅଫଲାଇନ୍ କ୍ରିକେଟ୍ ବେଟିଂ କାର୍ଯ୍ୟକଳାପରେ ସକ୍ରିୟ ଭାବେ ଲିପ୍ତ ଥିଲା। ଅଭିଯୁକ୍ତ ମାନେ ଅବୈଧ ବେଟିଂ ମାଧ୍ୟମରେ ଉଚ୍ଚ ଆର୍ଥିକ ଲାଭର ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ପ୍ରଲୋଭିତ କରୁଥିଲେ। ପରେ ଲୋକଙ୍କୁ ଠକିବା ସହ ଶୋଷଣ କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଗିରଫ ରୋହିତ ନାଁରେ ପୂର୍ବରୁ ୪ଟି ଓ ପଙ୍କଜ ନାଁରେ ୧୦ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

**ଆଇନଗତ ଲଢ଼େଇରେ ୱାର୍ଡ ମେମ୍ବରଙ୍କ ବିଜୟ**

## ପଦ ହରାଇଲେ କେନ୍ଦ୍ରିକଳା ସରପଞ୍ଚ

**ବଣାଇଁ, ୧୯।୨(ସମିସ):** ଅନାସ୍ଥା ପ୍ରସ୍ତାବକୁ ନେଇ ଦୀର୍ଘ ଦିନର ଆଇନଗତ ଲଢ଼େଇ ପରେ କେନ୍ଦ୍ରିକଳା ପଞ୍ଚାୟତର ୱାର୍ଡ ମେମ୍ବର ମାନଙ୍କ ବିଜୟ ହୋଇଛି। ହାଇକୋର୍ଟ ପୂର୍ବତନ ସରପଞ୍ଚଙ୍କ ପିଟିସନକୁ ଗତ ୧୧ ତାରିଖ ଖାରଜ କଲା ପରେ ସେ ତାଙ୍କର ପଦ ହରାଇବା ସୁନିଶ୍ଚିତ ବୋଲି ଜଣାପଡ଼ିଥିଲା। ଏହାକୁ ନେଇ ପଞ୍ଚାୟତର ୱାର୍ଡ ମେମ୍ବର ବାଇଧର ପାତ୍ର ତୁରନ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପଞ୍ଚାୟତ ଆଇନ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଅନୁରୋଧ କରିଥିଲେ। ଗୁରୁବାର ପଞ୍ଚାୟତର ୧୦ ଜଣ ସଭ୍ୟ ସଭ୍ୟା ସୁନ୍ଦରଗଡ଼ ଯାଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ତ ଆଇନଗତ କାଗଜପତ୍ର ପ୍ରଦାନ କରିବା ସହ ପଞ୍ଚାୟତର ହିତକୁ ଦୃଷ୍ଟିରେ ରଖି ସହାୟତା ଲୋଡିଥିଲେ। ଜିଲ୍ଲାପାଳ ପଦକ୍ଷେପ ସ୍ୱରୂପ ସଙ୍ଗେ ସଙ୍ଗେ ବିଜ୍ଞପ୍ତି ନଂ(୧୬୮) ପ୍ରକାଶ କରି କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିଷାନଙ୍କୁ ସରପଞ୍ଚ ପଦରୁ ହଟାଇ ଦେଇଛନ୍ତି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ ପଞ୍ଚାୟତର ନାଏବ ସରପଞ୍ଚ ଆଜିଠାରୁ କେନ୍ଦ୍ରିକଳା ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ଭାବେ କାର୍ଯ୍ୟଭାର ତୁଲାଇବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

## ବେଆଇନ୍ କ୍ଷେତକୁ ନଷ୍ଟ କରି ଅଡୁଆରେ ବନ ବିଭାଗ



**କୋଇଡା, ୧୯।୨(ସମିସ):** ପୁଲିସ, ତହସିଲଦାର ତଥା ଅବକାରୀ ବିଭାଗକୁ ନ ଜଣାଇ କୋଇଡା ଖଣି ଅଞ୍ଚଳରେ ଗତକାଲି ସକାଳ କୋଇଡା ରେଞ୍ଜ ଓ ବନ ବିଭାଗ କର୍ମଚାରୀମାନେ କୋଇଡା ବ୍ଲକ ପାଟମୁଣ୍ଡା ପଞ୍ଚାୟତ କଦଳିଆ ପିଆରଏଫ୍ ଅଧୀନ ଚମ୍ପାକୁଦର ନିକଟରେ ପାଟ୍ରୋଲିଂ ସମୟରେ ୧ ଏକର ଜମିରେ ଅଫିମ ଚାଷ ହୋଇଥିବା ଦେଖି ତାହାକୁ ନଷ୍ଟ କରିଥିଲେ। ଏହା ସହ ଘଟଣା ସ୍ଥଳରୁ ଜଣେ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପାଇଁ ଉଠାଇ ଆଣିଥିଲେ। ବନ ବିଭାଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ତହସିଲଦାର, ସ୍ଥାନୀୟ ପୁଲିସ ଏବଂ ଅବକାରୀ ବିଭାଗକୁ ସୂଚନା ଦେଇ ସେମାନଙ୍କ ସହାୟତାରେ ଏହି ଚଢ଼ଉ ହେବା ଉଚିତ୍। ହେଲେ ଏଠାରେ ସେହି ନିୟମ ପାଳନ ହୋଇନାହିଁ। ପୁଣି ୧୦ ଦିନ ପୂର୍ବରୁ କୋଇଡା ଥାନା କାଲଟା ପଞ୍ଚାୟତ ପୁଣ୍ଡୁ ପୋଖରୀ ଗାଁକୁ ଲାଗି ୭ ଏକର ଜମିରେ ଅଫିମ ଚାଷ ଠାବ ହୋଇଥିବା ଘଟଣା ମଧ୍ୟ ବନ ବିଭାଗଙ୍କ ଅଧୀନ ଜଙ୍ଗଲ ଜମିରେ ହୋଇଥିଲା। ତଥ୍ୟ ଅନୁଯାୟୀ ଅଫିମ ଚାଷ ଏତେ ବଡ ଅଞ୍ଚଳରେ ୨ ମାସରୁ ଊର୍ଦ୍ଧ୍ୱ ଧରି ଚାଲି ଆସିଥିଲା ହେଲେ ଏ ବିଷୟରେ ବନ ବିଭାଗ ଜାଣି ପାରିଲା ନାହିଁ କେମିତି ତାକୁ ନେଇ ପ୍ରଶ୍ନ ଉଠିଛି।

## ଆର୍‌ଏସ୍‌ପି ଯୁବ ପ୍ରବନ୍ଧକଙ୍କ ପାଇଁ କାରଖାନାସ୍ତରୀୟ ଚେୟାରମ୍ୟାନ୍ ଟ୍ରଫି ପ୍ରତିଯୋଗିତା



**ରାଉରକେଲା, ୧୯।୨(ସମିସ):** ଯୁବ ପ୍ରବନ୍ଧକଙ୍କ ମଧ୍ୟରେ ପରିଚାଳନାଗତ ଦକ୍ଷତାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଯୁବ ପ୍ରବନ୍ଧକଙ୍କ ପାଇଁ କାରଖାନା ସ୍ତରୀୟ ସିଟିୱାଇଏମ (ଯୁବ ପ୍ରବନ୍ଧକଙ୍କ ପାଇଁ ଚେୟାରମ୍ୟାନ ଟ୍ରଫି) ପ୍ରତିଯୋଗିତା ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚୟନ କମିଟିର ଅଧ୍ୟକ୍ଷ ତଥା ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ସମେତ ଆଇଆଣ୍ଡଏ ବିଭାଗର ସିଜିଏମ କୌଶିକ ସେନଗୁପ୍ତା, ଏଲଆଣ୍ଡଡି ବିଭାଗରର ସିଜିଏମ ପିକେ ସାହୁ ଉପସ୍ଥିତ ଥିଲେ। ଏଥିରେ ଆରଏସପିର ପୂର୍ବତନ ଡିଆଇସି ଡ.ଅତନୁ ଭୌମିକ କମିଟିର ବାହ୍ୟ ବିଶେଷଜ୍ଞ ଥିଲେ। ପ୍ରତିଯୋଗିତାର ବିଜେତା ଦଳ ଡିଆଇସି ଟ୍ରଫି ପାଇବା ସହିତ ରାଞ୍ଚି ସ୍ଥିତ ସେଲ ପରିଚାଳନା ତାଲିମ ପ୍ରତିଷ୍ଠାନରେ ଅନୁଷ୍ଠିତ ହେବାକୁ ଥିବା ୨୦୨୫-୨୬ର ଯୁବ ପ୍ରବନ୍ଧକଙ୍କ ପାଇଁ ଚେୟାରମ୍ୟାନ ଟ୍ରଫି ପ୍ରତିଯୋଗିତାରେ ଆରଏସପି ତରଫରୁ ପ୍ରତିନିଧିତ୍ୱ କରିବେ। ଏଚଏସଏମ-୨ ବିଭାଗର ସିନିୟର ମ୍ୟାନେଜର ଅନୁପ ଅଗ୍ରୱାଲ, ଜଳ ପ୍ରବନ୍ଧନ ବିଭାଗର ସିନିୟର ମ୍ୟାନେଜର ଦୀପକ ଗର୍ଗ, ଏବଂ ଆରଆଣ୍ଡସି ଲାବୋରେଟୋରୀ ବିଭାଗର ମ୍ୟାନେଜର ବଟ କୃଷ୍ଣ ଗିରିଙ୍କୁ ନେଇ ଗଠିତ ଦଳ ୨୦୨୫-୨୬ ଯୁବ ପ୍ରବନ୍ଧକଙ୍କ ପାଇଁ ଡିଆଇସି ଟ୍ରଫିର ବିଜେତା ଭାବେ ଉଭା ହୋଇଥିଲେ। ପ୍ରତିଯୋଗିତାର ପ୍ରଥମ ରନର୍ସଅପ୍ ଭାବେ ବ୍ଲାଷ୍ଟ ଫର୍ଣ୍ଣେସେସ୍ ବିଭାଗର ଏଜିଏମ ଲିବିନ ସି. ଥମାସ, ଇଏମଡି ବିଭାଗର ସିନିୟର ମ୍ୟାନେଜର, ହିମାଂଶୁ ମିଶ୍ର ଏବଂ ଟିଆଣ୍ଡ ଆରଏମ ବିଭାଗର ସିନିୟର ମ୍ୟାନେଜର ଧୀରଜ ହୋଇଥିବା ବେଳେ ଦ୍ୱିତୀୟ ରନର୍ସଅପ୍ ଏସଏମଏସ-୧ ବିଭାଗର ଏଜିଏମ ଏସ୍.ଶ୍ରୀନାଥ, ସିସିଡବ୍ଲ୍ୟୁ ବିଭାଗର ସିନିୟର ମ୍ୟାନେଜର, କବିତା ବିଶୋୟି ଏବଂ ଏସଏମଏସ-୨ ବିଭାଗର ଏମଟିଟି ଆଲୋକ ଯାଦବ ହୋଇଥିଲେ। ଏହି ବର୍ଷର ପ୍ରତିଯୋଗିତାର ବିଷୟବସ୍ତୁ 'ଏକକ ସେଲ ଭାବେ ଏକାଠି କାମ କରିବା: ସହଭାଗିତା, ପ୍ରଦର୍ଶନ ଏବଂ ଉତ୍କର୍ଷତା ହାସଲ' ରହିଥିଲା। ପ୍ରତିଯୋଗିତା ୪୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ଥିଲା। ପ୍ରତିଯୋଗିତା ଆରଏସପିର ଏଲଆଣ୍ଡଡି ଟିମ ସହିତ ବିଭାଗର ଡିଜିଏମ କେକେ ଜୟସ୍ୱାଲ ପରିଚାଳନା କରିଥିଲେ।

## ଆର୍‌ଏସ୍‌ପିର ମହିଳା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୧୯।୨(ସମିସ):** ସନ୍ତୁଳିତ ଆହାର ମାଧ୍ୟମରେ ଶାରୀରିକ ସୁସ୍ଥତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କ ପାଇଁ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ 'ଯତ୍ନରୁ ସମୃଦ୍ଧି: ସୁସ୍ଥତା ପାଇଁ ପୁଷ୍ଟିକାରିତା' ଶୀର୍ଷକ ବକ୍ତବ୍ୟ ଆୟୋଜିତ ହୋଇଯାଇଛି। ଏଲଆଣ୍ଡଡି ବିଭାଗର ସିଜିଏମ ପିକେ ସାହୁ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଅଧିବେଶନରେ ଅଧିକାରୀଙ୍କ ସମେତ ୫୦ରୁ ଅଧିକ ମହିଳା କର୍ମଚାରୀ ଯୋଗ ଦେଇଥିଲେ। ଭେଲୋରର ଖ୍ରୀଷ୍ଟିଆନ୍ ମେଡିକାଲ୍ କଲେଜର ଖାଦ୍ୟ ଏବଂ ପୁଷ୍ଟିସାଧନ ବିଶେଷଜ୍ଞ ତଥା ଡ.ମୋହନଙ୍କ ମଧୁମେହ ସ୍ପେଶାଲିଟିଜ୍ ସେଣ୍ଟରର ପୁଷ୍ଟିସାଧନ ବିଶେଷଜ୍ଞ ଡ.ତନୟା ଚାଟାର୍ଜୀ ଅଧିବେଶନ ସମ୍ପନ୍ନ କରିଥିଲେ। ମତବିନିମୟ ଅଧିବେଶନରେ, ଡ.ଚାଟାର୍ଜୀ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ରୋଗକୁ ରୋକିବାରେ ସନ୍ତୁଳିତ ପୁଷ୍ଟିସାର, ସଚେତନ ଖାଦ୍ୟ ଅଭ୍ୟାସ ଏବଂ ଜୀବନଶୈଳୀ ପରିବର୍ତ୍ତନର ଗୁରୁତ୍ୱ ଦେଇଥିଲେ। ବିଶେଷକରି କର୍ମଜୀବୀ ମହିଳାମାନଙ୍କ ପାଇଁ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଦାୟିତ୍ୱକୁ ସନ୍ତୁଳିତ କରିବା ଉପରେ ସେ ବିଶେଷ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମହିଳା କର୍ମଚାରୀ ଅଂଶଗ୍ରହଣ କରିଥିଲେ ଏବଂ ପୁଷ୍ଟିସାର, ଖାଦ୍ୟ ଯୋଜନା ଏବଂ ସୁସ୍ଥ ଜୀବନଯାପନ ଅଭ୍ୟାସ ଉପରେ ମତ ବିନିମୟ କରିଥିଲେ। ଏଲଆଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଟେକ୍ନୋସ୍ପୋର୍ଟର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ଉଦ୍‌ଘାଟିତ




**ରାଉରକେଲା, ୧୯।୨(ସମିସ):** ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଆକ୍ଟିଭୱେୟାର ବ୍ରାଣ୍ଡ ଟେକ୍ନୋସ୍ପୋର୍ଟ ପକ୍ଷରୁ ରାଉରକେଲାର ପ୍ଲୁଟୋନ ମଲ୍ ଠାରେ ଓଡ଼ିଶାରେ ଏହାର ପ୍ରଥମ ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟଲେଟ (ଇବିଓ)ର ଶୁଭାରମ୍ଭ କରାଯାଇଛି। ୟୁନିଟ୍-୪ ସ୍ଥିତ ମଲ୍‌ର ୨ୟ ମହଲାରେ ୩୪୧୯ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ନୂତନ ସ୍ପୋର୍ଟସ ଷ୍ଟୋରକୁ ଟେକ୍ନୋସ୍ପୋର୍ଟର ସିଇଓ ପୁଷ୍ପେନ ମୈତୀ ଶୁଭାରମ୍ଭ କରିଥିଲେ। ଟେକ୍ନୋସ୍ପୋର୍ଟର ସାରା ଦେଶରେ ୩୫ରୁ ଅଧିକ ଷ୍ଟୋର ରହିଥିବା ବେଳେ ଆଗାମୀ ଦିନରେ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁରରେ ଏହାର ନୂତନ ଷ୍ଟୋର ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଟେକ୍ନୋସ୍ପୋର୍ଟ ଗତବର୍ଷ ଓଡ଼ିଶା ସରକାରଙ୍କ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିବା ସହ ଏକ ଅତ୍ୟାଧୁନିକ ଆକ୍ଟିଭୱେୟାର ମାନୁଫ୍ୟାକ୍ଚରିଂ ଫ୍ୟାସିଲିଟି ସ୍ଥାପନ କରିବା ପାଇଁ ୧୦୦ କୋଟି ଟଙ୍କାର ନିବେଶ ଘୋଷଣା କରିଛି। ଆଗାମୀ ଦିନରେ ଏହାର ୟୁନିଟ ୧୦୦୦ରୁ ଅଧିକ କର୍ମଚାରୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ରାଉରକେଲା ଆଉଟଲେଟରେ ବିଭିନ୍ନ ଋତୁକୁ ଦୃଷ୍ଟିରେ ରଖି ଟେକ୍ନୋସ୍ପୋର୍ଟର ସଦ୍ୟତମ ପ୍ରଦର୍ଶନ ଓ ଆଥଲେଟିକ୍ସ କଲେକ୍ସନକୁ ପ୍ରଦର୍ଶିତ କରାଯାଇଛି।

## କେନ୍ଦ୍ରୀୟ ଦୋଳ ମେଳଣ ସମିତିର ପୂର୍ଣ୍ଣାଙ୍ଗ କମିଟି ଗଠିତ

**ରାଉରକେଲା, ୧୯।୨(ସମିସ):** କେନ୍ଦ୍ରୀୟ ଦୋଳ ମେଳଣ ସମିତିର ଚଳିତ ବର୍ଷ ଦୋଳ ମେଳଣ ପାଳନ ପାଇଁ ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଯାଇଛି। ସେକ୍ଟର-୧୫ ଶ୍ରୀରାଧାକୃଷ୍ଣ ମନ୍ଦିରରେ ଆୟୋଜିତ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାମ ଘୋଷଣା କରାଯାଇଥିଲା। ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ଈଶ୍ୱର ଭଞ୍ଜ, ସୁଶାନ୍ତ ପ୍ରଧାନ, ପର୍ଶୁରାମ ପୋଥାଳ ସମେତ ଗଠିତ ନୂତନ କମିଟିରେ ଅଧ୍ୟକ୍ଷ ଭାବେ ହରିହର ରାଉତରାୟ, ଉପାଧ୍ୟକ୍ଷ ରଜତ ଜେନା, ସଭାପତି ମୁକ୍ତିକାନ୍ତ ବେହେରା, କାର୍ଯ୍ୟକାରୀ ସଭାପତି ଜୟନ୍ତୀ ଦାସ ଓ ମୋତିଲାଲ ମହନ୍ତ, ଉପସଭାପତି ମଣ୍ଡଳୀରେ ଧବଳେଶ୍ୱର ବିଶ୍ୱାଳ, ସଞ୍ଜୀତ ସ୍ୱାଇଁ, ପ୍ରମୋଦ ବେହେରା, ରେଖା କୋଠାରୀ, ସୁନନ୍ଦା ନାୟକ, କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ, ଶ୍ରୀକୃଷ୍ଣ ପରିଡ଼ା, ପୂର୍ଣ୍ଣିମା ମାହାନ୍ତି, ସୁମିତ୍ରା ସ୍ୱାଇଁ ପ୍ରମୁଖ ରହିଛନ୍ତି। ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ଦାସ, ଶ୍ରୀକାନ୍ତ ମହାନ୍ତି, ନରୋତ୍ତମ ବାରିକ, ସୋମନାଥ ଭଞ୍ଜ, ବିପିନ ମହାରଣା, ସଲିଲା ପରିଡ଼ା, ପ୍ରଶାନ୍ତ ନାୟକ,

**ମୁକ୍ତିକାନ୍ତ ସଭାପତି ଓ ପ୍ରଦୀପ ସାଧାରଣ ସମ୍ପାଦକ**

ସଲୀଲ ସାହୁ, କୋଷାଧ୍ୟକ୍ଷ ଭାବେ ଅଶ୍ୱନୀ ଦାସ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ କପିଳେଶ୍ୱର ମିଶ୍ର, ପ୍ରସାରଣ ତଥା ମିଡିଆ ସମ୍ପାଦକ ଭାବେ ସଞ୍ଜୀବ ନାୟକ ରହିଛନ୍ତି। କମିଟିକୁ ସହଯୋଗ କରିବା ପାଇଁ ଗଠିତ ସଂଯୋଜକ କମିଟିରେ କେଦାର ଦାସ, ସତ୍ୟ ପ୍ରଧାନ, ପ୍ରଭାକର ଚୌଧୁରୀ, ସତ୍ୟ ନାରାୟଣ ପାଣି, ସୁଶାନ୍ତ ଦାସ, ବିଶ୍ୱରଞ୍ଜନ ସ୍ୱାଇଁ, ପ୍ରମୋଦ ସାମଲ, କାଳି ପ୍ରସନ୍ନ ସ୍ୱାଇଁ, ସୌମ୍ୟ ଧଳ, ବିକାଶ ବେହୁରିଆ, ସନ୍ତୋଷ ବିରାଟ, ରାକେଶ ନାୟକ, ଆଶିଷ ମହାରଣା, ଲୀନା ନାୟକ, ତନ୍ମୟ ସାମଲ, ଅଭିଳାଷ ପଡିହାରୀ, ରାମଚନ୍ଦ୍ର ଗୌଡ, ଶୁଭେନ୍ଦୁ ଆକାଶ ମାଝୀ ଓ ଚିତ୍ତରଞ୍ଜନ ସେଠୀ ରହିଛନ୍ତି। କମିଟିକୁ ଦୋଳ ମେଳଣ ସଞ୍ଚାଳନରେ ପରାମର୍ଶ ଦେବା ପାଇଁ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ସେଥିରେ ପ୍ରେମଚାନ୍ଦ ପଶାୟତ, ଉତ୍ତମ ସାମଲ, କେଦାର ପରିଡ଼ା ପ୍ରଦୋଷ ସାହୁ, ବୈଦ୍ୟନାଥ ଦାସ, ସୁରେଶ ପ୍ରଧାନ, ପ୍ରଶାନ୍ତ ବେହେରା, ପ୍ରଶାନ୍ତ ସେଠୀ ଓ ଜ୍ଞାନରଞ୍ଜନ ଦାସ ରହିଛନ୍ତି। ଗଠିତ କମିଟି ମାର୍ଚ୍ଚ ୫ ତାରିଖ ସେକ୍ଟର ୭ ଦୁର୍ଗାପୂଜା ପଡ଼ିଆରେ ଦୋଳ ମେଳଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

## ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ସଚେତନତା ଶିବିର

**ବଣାଇଁ, ୧୯।୨(ସମିସ):** ବଣାଇଁ ସିଭିଲ କୋର୍ଟ ପରିସରରେ ବଣାଇଁ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ଗୁରୁବାର ଯୌନ ନିର୍ଯାତନା ସୁରକ୍ଷା ଓ ବାଲ୍ୟବିବାହ ମୁକ୍ତ ଭଳି ବିଭିନ୍ନ ଆଇନଗତ ଦିଗ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଣାଇ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଆଶୁତୋଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ଓ ଏହାର ପ୍ରତିରୋଧ ସମ୍ବନ୍ଧରେ ସଚେତନତା କରିବା ସହିତ ଯୌନ ନିର୍ଯାତନା ଅଧିନିୟମ (ପୋସ ଆକ୍ଟ) ଏବଂ ବାଲ୍ୟବିବାହ ଦୂରୀକରଣର ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ତଥା ସୁନ୍ଦରଗଡ଼ ପକ୍ସୋ ଜଜ୍ ଜ୍ଞାନରଞ୍ଜନ ପଟ୍ଟନାୟକ,



ବଣାଇ ସବ୍ ଜଜ୍ ରଞ୍ଜନ ପ୍ରଧାନ, ଏସଡିଜେଏମ ପ୍ରୀତିସ ମିଶ୍ର, କୋଇଡା ଜେଏମଏଫସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଯୋଗ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ବିଭିନ୍ନ ମକଦ୍ଦମାର ସମାଧାନ ଉପରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ସହକାରୀ ଜିଲ୍ଲାପାଳ ବିକ୍ରାନ୍ତ ପାତ୍ର, ଶିଶୁ ବିକାଶ ନିରିକ୍ଷକ ଅରୁଣା ବାଳା ମିଶ୍ର, ରିଟେନର ମାନସରଞ୍ଜନ ପତି, ଆଇନଜୀବୀ ବିଶ୍ୱଜିତ ନନ୍ଦଙ୍କ ସହ ସମସ୍ତ ପେନାଲ ଲୟର, ଆଇନଜୀବୀ, ପୁଲିସ କର୍ମଚାରୀ, କୋର୍ଟ କର୍ମଚାରୀଙ୍କ ସହିତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

**ମାଟ୍ରିକ ପରୀକ୍ଷା ଆରମ୍ଭ**

# ପ୍ରଥମ ଦିନରେ ୩୧୦ ପରୀକ୍ଷାର୍ଥୀ ଅନୁପସ୍ଥିତ

**ରାଉରକେଲା, ୧୯।୨(ସମିସ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ଗୁରୁବାରରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମାତୃଭାଷା ବିଷୟରେ ପରୀକ୍ଷା ରହିଥିଲା। ତେବେ ପ୍ରଥମ ଦିନରେ ଜିଲ୍ଲାରେ ୩୧୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଆଜି ମୋଟ ୨୪୦୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬୯୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତେବେ ମଧ୍ୟମା ପରୀକ୍ଷାରେ ମୋଟ ୨୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତ ପ୍ରତିଶତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସଓଏସସି ପରୀକ୍ଷାରେ ମୋଟ ୬୮୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୬୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୧୪ ଜଣ ଅନୁପସ୍ଥିତ ଥିଲେ। ଜିଲ୍ଲାର ମୋଟ ୧୧୭ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ୪୦୬ଟି ସ୍କୁଲର ମୋଟ ୨୪, ୦୦୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨୩, ୮୩୯ ଜଣ ରେଗୁଲାର ଏବଂ ୬୭ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଏତଦବ୍ୟତୀତ ମଧ୍ୟମା ପରୀକ୍ଷା ପାଇଁ ଜିଲ୍ଲାରେ ଗୋଟିଏ ଏବଂ ଏସଓଏସସି ପରୀକ୍ଷାର୍ଥୀ ପାଇଁ ୪ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ସୂଚନା ମୁତାବକ ଜିଲ୍ଲାରେ ମୋଟ ୨୦ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖାଯିବାର ବ୍ୟବସ୍ଥା କରାଯାଇଥିଲା। ତନ୍ମଧ୍ୟରେ ସର୍ବାଧିକ ରାଉରକେଲା ମ୍ୟୁନିସିପାଲିଟି ଓ ବିଶ୍ରା ଶିକ୍ଷା ବ୍ଲକରେ ୩ଟି ନୋଡାଲ ସେଣ୍ଟର ରହିଥିବା ବେଳେ ୧୯ଟି ପରୀକ୍ଷା କେନ୍ଦ୍ରରେ ୬୯ଟି ସ୍କୁଲର ୫୧୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଜଣାପଡ଼ିଛି। ରାଉରକେଲା ମହାନଗର ନିଗମ ଏବଂ ବିଶ୍ରା ବ୍ଲକକୁ ଛାଡିଦେଲେ ବୀରମିତ୍ରପୁର ମ୍ୟୁନିସିପାଲିଟି ଏବଂ କୁଆଁରମୁଣ୍ଡା ବ୍ଲକରେ ୨ଟି, ନୂଆଗାଁରେ ୧ଟି ନୋଡାଲ ସେଣ୍ଟର ଖୋଲା ଯାଇଛି।

## ଲହୁଣିପଡ଼ା ବ୍ଲକ୍‌ରେ ୧୨୨୭ ଜଣ ପରୀକ୍ଷା ଦେଲେ

**ଲହୁଣିପଡ଼ା, ୧୯।୨(ସମିସ):** ଲହୁଣିପଡ଼ା ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷର ମାଟ୍ରିକ ବୋର୍ଡ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି। ୫ଟି କେନ୍ଦ୍ରରେ ମୋଟ ୧୨୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ଜଣାପଡ଼ିଛି। ଏଥିପାଇଁ ଶିକ୍ଷା ବିଭାଗ ତରଫରୁ ୫ ଥାକିଆ ପୂର୍ବ ପ୍ରସ୍ତୁତି ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ମାସ ୨ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଲହୁଣିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୩୦୧ ଜଣ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୯ ଜଣ ଅନୁପସ୍ଥିତି ରହିଛନ୍ତି। ସେହିଭଳି ଗୁଡ଼ିଆଳି ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ଠାରେ ୨୩୧ ଜଣ ମଧ୍ୟରୁ ୨୨୯ ଜଣ, ଖୁଣ୍ଟଗାଁ ବାଳିକା ଉଚ୍ଚ ବିଦ୍ୟାଳୟ (ଉଲସୁରେଇ) କେନ୍ଦ୍ର ଠାରେ ୨୬୭ ଜଣ ମଧ୍ୟରୁ ୨୬୪ ଜଣ ଏବଂ ଖୁଣ୍ଟଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ଠାରେ ୩୦୬ ଜଣରୁ ୩୦୨ ଜଣ ପରୀକ୍ଷା ଦେଇଛନ୍ତି। ଲହୁଣୀପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ୧୦୪ ଜଣରୁ ୬୯ ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବମୋଟ ୧୨୨୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୭୫ ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନ ପରୀକ୍ଷା ଦେଇଛନ୍ତି ଓ ୫୨ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତି ଥିବା ଜଣାପଡ଼ିଛି। ଲହୁଣିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଦାୟିତ୍ୱ ଦିଆଯାଇ ଥିବା ସୂଚନା ରହିଛି।

ସକାଳ
THE SAKALA

# ସମ୍ପାଦକୀୟ



ମାନବାଧିକାର ଉଲ୍ଲଙ୍ଘନ ଓ ମର୍ଯ୍ୟାଦାର ହନନ କରୁଥିବା ବାଲ୍ୟବିବାହ ପରମ୍ପରାକୁ ଆମ ସମାଜ ଗ୍ରହଣ କରିନେଇଛି। ଏହାଠାରୁ ବଳି ଦୁର୍ଭାଗ୍ୟଜନକ ବିଷୟ ଆଉ କ'ଣ ହୋଇପାରେ?
-ନୋବେଲ୍ ବିଜେତା କୈଳାସ ସତ୍ୟାର୍ଥୀ

## 'ଗାଲଗୋଟିଆସ'ର ଗୋଳ

ବିଶ୍ୱଗୁରୁ ହେବାର ଆକାଂକ୍ଷା ଓ ବାସ୍ତବତା ମଧ୍ୟରେ ଯେ ଆକାଶପାତାଳ ଫରକ ରହିଛି, ତାହା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍'ରେ ପ୍ରମାଣିତ ହୋଇଛି। ଚୀନ୍‌ରେ ନିର୍ମିତ କୁକୁର ଆକୃତିର ଏକ ରୋବୋଟ୍(ରୋବୋଡଗ୍)କୁ ନିଜସ୍ୱ ନାମ(ଓରିଅନ୍) ଦେଇ ଗାଲଗୋଟିଆସ ବିଶ୍ୱବିଦ୍ୟାଳୟ ନିଜସ୍ୱ ଉତ୍କର୍ଷ କେନ୍ଦ୍ରର ଉଦ୍‌ଭାବନ ବୋଲି ଚଳିତ ବୈଶ୍ୱିକ ଏଆଇ ସମ୍ମିଳନୀରେ ପ୍ରଦର୍ଶିତ କରି ଧରାପଡ଼ିଯିବା ପରେ ସମ୍ମିଳନୀରୁ ବହିଷ୍କୃତ ହୋଇଛି। ଅନୁଷ୍ଠାନର କ୍ଷମାପ୍ରାର୍ଥନା କିମ୍ବା ସ୍ପଷ୍ଟୀକରଣ ଏହି ଅପମାନଜନକ ଘଟଣାରେ ପୂର୍ଣ୍ଣଚ୍ଛେଦ ଟାଣିପାରିନାହିଁ, ବରଂ ଏକ ଅବାଞ୍ଛିତ ଅଧ୍ୟାୟର ଆରମ୍ଭ କରିଛି। ଏହି ଘଟଣା ପରେ ଭବିଷ୍ୟତରେ ଭାରତର ପ୍ରତିଟି ଉଦ୍‌ଭାବନକୁ ବିଶ୍ୱ ସନ୍ଦେହଚକ୍ଷୁରେ ଦେଖିବ ଏବଂ ପ୍ରଶ୍ନ କରିବ - 'ଏହା ତୁମର ନିଜସ୍ୱ ଜ୍ଞାନକୌଶଳ ନା ଅନୁକରଣ?' ସେତେବେଳେ ସମ୍ପୂର୍ଣ୍ଣ ନିଷ୍ଠା ଓ ସାଧୁତାପୂର୍ଣ୍ଣ ଅଧ୍ୟବସାୟରେ ବିକଶିତ ଉତ୍ପାଦର ଉଦ୍ଭାବକଟିର ମନ ଓ ପ୍ରାଣକୁ ଯେଉଁଭଳି ପ୍ରଚଣ୍ଡ ଆଘାତ ଲାଗିବ ତାହାର ଭରଣା କରିବ କିଏ? ଏଆଇରେ ବିଶ୍ୱରେ ତୃତୀୟ ଅଗ୍ରଣୀ ଦେଶ ଭାବରେ ଭାରତ ଖୁବ୍‌ଶୀଘ୍ର ଉଭା ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ଗାଲଗୋଟିଆସର ଗୋଳମାଳିଆ କାରବାର କେବଳ ଫିକା କରିଦେଇନାହିଁ, ବରଂ ବିଶ୍ୱ ଦରବାରରେ ଭାରତକୁ ଲୋକହସା କରିବା ସାର ହୋଇଛି। ଏଥିସହିତ ଜାତୀୟ ସ୍ୱାର୍ଥ ଓ ଭାବମୂର୍ତ୍ତି ଜଡ଼ିତ ଥିବାରୁ ସମ୍ମିଟ୍‌ରୁ ବହିଷ୍କାର ଦଣ୍ଡ ଯଥେଷ୍ଟ ନୁହେଁ, ଦୃଷ୍ଟାନ୍ତମୂଳକ ଭାବେ ଆହୁରି କଠୋର ଦଣ୍ଡବିଧାନର ଆବଶ୍ୟକ ରହିଛି।

ଏହି ସ୍ଥୂଳ ଘଟଣାରୁ ଯେଉଁ ସୂକ୍ଷ୍ମ ଅନୁଭବ ଓ ସନ୍ଦେଶଟିଏ ମିଳୁଛି ତାହା ହେଲା ବ୍ୟାଖ୍ୟାନ ଓ ଦକ୍ଷତା, ପ୍ରଦର୍ଶନ ଓ ଉତ୍ପାଦନ, ଆକାଂକ୍ଷା ଓ ସାମର୍ଥ୍ୟ ଭିତରେ ଅନେକ ଫରକ ରହିଛି। ଉଚ୍ଚତର ଗବେଷଣା ଓ ଅଧ୍ୟୟନ ଲକ୍ଷ୍ୟରେ ବିଶ୍ୱବିଦ୍ୟାଳୟମାନ ଗଠନ କରାଯାଇଛି ଏବଂ ଏଥିପାଇଁ ପ୍ରଧ୍ୟାପକମାନେ ମୋଟା ଅଙ୍କର ଅର୍ଥରାଶି ଦରମା ଆକାରରେ ପାଉଛନ୍ତି। ଏହାଛଡ଼ା ଫେଲୋସିପ୍ ଜରିଆରେ ମିଳୁଥିବା ଅର୍ଥର ମଧ୍ୟ ଅଭାବ ନାହିଁ। କିନ୍ତୁ ଶିକ୍ଷାର ସର୍ବୋଚ୍ଚ ମନ୍ଦିର ରୂପେ ଅଭିହିତ ବିଶ୍ୱବିଦ୍ୟାଳୟଗୁଡ଼ିକ ଯଦି ଗବେଷଣା, ଆବିଷ୍କାର, ଉଦ୍ଭାବନ, ବିକାଶକୁ ଗୁରୁତ୍ୱ ଦେବା ବଦଳରେ ବ୍ୟାଖ୍ୟାନକୁ ଅଗ୍ରାଧିକାର ଦିଅନ୍ତି ତେବେ ଭାରତର ବିଶ୍ୱଗୁରୁ ଘୋଷଣା କେବଳ ପ୍ରହସନ ହୋଇ ରହିଯିବ।

ଏହି ଲଜ୍ଜାଜନକ ଘଟଣା ପରେ ଗାଲଗୋଟିଆସ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି ଯେ ବିଶ୍ୱରେ ଏଆଇ ଓ ରୋବୋଟିକ୍ ଜ୍ଞାନକୌଶଳ କେଉଁ ଉଚ୍ଚସ୍ତରକୁ ଗଲାଣି ତାହା ଦେଖାଇବା ପାଇଁ(ଡେମୋ) ରୋବୋଡଗ୍ ପ୍ରଦର୍ଶନ କରାଯାଇଥିଲା। ବିଶ୍ୱରେ ପ୍ରତିକ୍ଷଣରେ କ'ଣ ଘଟୁଛି ତାହା ଇଣ୍ଟରନେଟ୍ ଯୋଗେ ବିଶ୍ୱ ଜନସମାଜର ସବୁସ୍ତରରେ ପହଞ୍ଚିପାରୁଛି। ତେଣୁ ଗାଲଗୋଟିଆସର ସ୍ପଷ୍ଟୀକରଣରୁ ତା'ର ବିବଶତା, ନିଃସହାୟତା ଓ ହାସ୍ୟାସ୍ପଦ ଆତ୍ମରକ୍ଷା ଉଦ୍ୟମ ବୋଲି କୁହାଯାଇପାରେ। ପୁଣି ଯଦି ବିଶ୍ୱବିଦ୍ୟାଳୟଗୁଡ଼ିକ ଏଭଳି ଡେମୋର ଡ୍ରାମା ପେଣ୍ଡାଲ୍ ବା ନାଟକ ମଞ୍ଚ ହୋଇ ରହିଯିବେ ତେବେ ସେଥିରୁ ବୈଜ୍ଞାନିକ, ଉଦ୍ଭାବକ ବଦଳରେ କେବଳ କଳାକାରମାନେ ବାହାରିବେ, ଯେଉଁମାନେ ଭଲ ବ୍ୟାଖ୍ୟାନ ସୃଷ୍ଟି କରିପାରୁଥିବେ ଏବଂ ସେହି ବ୍ୟାଖ୍ୟାନ ବଳରେ ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାର ସ୍ୱପ୍ନ ଦେଖୁଥିବେ। ଯଦି ଏହି ଦୃଷ୍ଟିକୋଣରେ ଯଥାଶୀଘ୍ର ପରିବର୍ତ୍ତନ ନ ଆସେ ତେବେ ବିଶ୍ୱର ଅଗ୍ରଣୀ ବୈଷୟିକ କମ୍ପାନୀମାନେ ଚାହୁଁଥିବା ଭଳି ଭାରତ ଆହୁରି ଶହେ ବର୍ଷ ପର୍ଯ୍ୟନ୍ତ କେବଳ ଉପଭୋକ୍ତା ଦେଶ ହୋଇରହିଯିବ।

ଆମ ନୀତି ନିର୍ଦ୍ଧାରଣର ଆଉ ଏକ ସମସ୍ୟା ହେଲା ଆମେ ଦୂରଦୃଷ୍ଟିର ଅର୍ଥକୁ କେବଳ ପଠନ ଦୃଶ୍ୟମାନତା ବା ଆଖିର ଦକ୍ଷତାରେ ସୀମିତ କରିଦେଉଛୁ। ଏଆଇ ଯୁଗରେ ଏହି ଚିନ୍ତାଧାରାରେ ପରିବର୍ତ୍ତନ ହିଁ ପ୍ରଥମ ଆବଶ୍ୟକତା। ଭାରତ ଓ ଚୀନ୍ ପ୍ରାୟ ଏକାସମୟରେ 'ମେକ୍ ଇନ୍ ଇଣ୍ଡିଆ' ଓ 'ମେକ୍ ଇନ୍ ଚାଇନା' ଅଭିଯାନ ଆରମ୍ଭ କରିଥିଲେ। ଆଜି ଚୀନ୍ ଆମଠାରୁ ଅଭାବନୀୟ ଅଗ୍ରଣୀ ହାସଲ କରିବା ପଛର କାରଣ ହେଉଛି ଆମେ ଅଧିକରୁ ଅଧିକ ପ୍ରଚାର ପ୍ରସାରରେ ମାତିଥିବା ବେଳେ ଚୀନ୍ ନିରବରେ ଏପରିକି ଗୁପ୍ତରେ ତାହାର ନିର୍ମାଣ ଓ ନବସୃଜନ କାର୍ଯ୍ୟକ୍ରମ ଜାରି ରଖିଥିଲା। ଗାଲଗୋଟିଆସ ଘଟଣା ଏହି ତ୍ରୁଟିକୁ ପଦାରେ ପକାଇ ଦେଇ ଆତ୍ମସମୀକ୍ଷାର ସୁଯୋଗଟିଏ ସୃଷ୍ଟି କରିଛି।

ଏହି ପୃଷ୍ଠଭୂମିରେ ଭାରତ ଡିଜିଟାଲ୍ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଦ୍ରୁତ ଚିନ୍ତା କରିବାର ବେଳ ଆସିଛି। କମ୍ପ୍ୟୁଟର, ମୋବାଇଲ୍ ଫୋନ୍, ନେଭିଗେସନ୍ ସିଷ୍ଟମ୍(ଉପଗ୍ରହ) ଆଦିର ପ୍ରାଣଶକ୍ତି ହେଉଛି 'ଅପରେଟିଂ ସିଷ୍ଟମ୍'(ଓଏସ୍)। ରୁଷ୍, ଚୀନ୍, ଏପରିକି ଇରାନ୍ ଭଳି ଦେଶ ନିଜସ୍ୱ 'ଓଏସ୍' ବିକଶିତ ଓ ବ୍ୟବହାର କରିଆସୁଥିବା ବେଳେ ବିପୁଳ ମେଧାଶକ୍ତି ସମୃଦ୍ଧ ଭାରତ ଏ ପର୍ଯ୍ୟନ୍ତ ଏଥିପ୍ରତି ଦୃଷ୍ଟି ଦେଇନାହିଁ। ଭାରତରେ ବ୍ୟବହୃତ ଶତପ୍ରତିଶତ 'ଓଏସ୍'ର ଚାବିକାଠି ଆମେରିକୀୟ କମ୍ପାନୀଙ୍କ ହାତରେ। ଅର୍ଥାତ୍ ଏବେ ଡିଜିଟାଲ୍ ଇଣ୍ଡିଆ ଆମେରିକାର ହାତମୁଠାରେ। ଯଦି ଆମେରିକା ଦୁଷ୍ଟବୁଦ୍ଧି ପ୍ରୟୋଗ କରେ ନିମିଷକେ ଭାରତର ଆର୍ଥିକ, ସାମରିକ, ପ୍ରଶାସନିକ ଓ ସାମାଜିକ ଜୀବନଯାତ୍ରା ସ୍ଥାଣୁ ହୋଇଯିବ। ସମସ୍ତ ଆନ୍ତର୍ଜାତିକ ନୀତିନିୟମକୁ ଉଲ୍ଲଙ୍ଘନ କରି ଆମେରିକା ଯେଉଁଭଳି ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଅପହରଣ କରିନେଲା ସେହି ଆଧାରରେ 'ଡିଜିଟାଲ୍ ଇଣ୍ଡିଆ'କୁ ଆମେରିକା ସ୍ଥାଣୁ କରିଦେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

ଏଣୁ ବ୍ୟାଖ୍ୟାନରୁ ବାହାରି ଏବେ ବାସ୍ତବତା ଦିଗରେ ଅଧିକ ଦୃଷ୍ଟି ଦେବାର ସମୟ ଉପଗତ। ନୀତି ନିର୍ଦ୍ଧାରକମାନେ ଏ ଦିଗରେ ଅଧିକ ଗୁରୁତ୍ୱ ଦେବେ ବୋଲି ଭାରତୀୟମାନେ ଆଶା କରିବା ସ୍ୱାଭାବିକ। ନୂଆଦିଲ୍ଲୀରେ ଅନୁଷ୍ଠିତ ଏଆଇ ଶିଖର ସମ୍ମିଳନୀ ସଚେତନ ହେବାର ଯେଉଁ ସୁଯୋଗ ଆଣିଛି ତାହାକୁ ଉପେକ୍ଷା ନ କରିବା ହିଁ 'ଡିଜିଟାଲ୍ ଇଣ୍ଡିଆ'ର ସାର୍ବଭୌମତ୍ୱ, ପ୍ରତିଷ୍ଠା ଓ ଆତ୍ମସମ୍ମାନ ପ୍ରତି ଶୁଭସଙ୍କେତ ହେବ।

# ବିଶ୍ୱ ଅର୍ଥନୈତିକ ମଞ୍ଚରେ ଓଡ଼ିଶା

**ନଳିନୀକାନ୍ତ ଧର**

ଗତ ଜାନୁୟାରୀ ୧୯-୨୩ ପାଞ୍ଚଦିନ ବ୍ୟାପୀ ସ୍ୱିଜରଲାଣ୍ଡର ଡାଭୋସ୍‌ଠାରେ ବିଶ୍ୱ ଅର୍ଥନୈତିକ ସଂସ୍ଥାର ୫୬ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ୬୫ ଦେଶର ରାଷ୍ଟ୍ରମୁଖ୍ୟ, ୪୦୦ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିବିଶେଷ, ୮୫୦ ବୃହତ୍ ବ୍ୟବସାୟିକ ସଂସ୍ଥାର ମୁଖ୍ୟ, ରେକର୍ଡ ୧୭୦୦ ପ୍ରତିନିଧି ଯୋଗଦେଇଥିବା ବେଳେ ଭାରତରୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଶିବରାଜ ଚୌହାନଙ୍କ ସହ ୧୦ଟି ରାଜ୍ୟ ପ୍ରତିନିଧିତ୍ୱ କରିଥିଲେ। କେନ୍ଦ୍ର ସରକାରଙ୍କଠାରୁ ମନୋନୀତ ନ ହୋଇପାରିଲେ ମଧ୍ୟ ରାଜ୍ୟମାନେ ନିଜସ୍ୱ ଉଦ୍ୟମରେ ରାଜ୍ୟର ବ୍ୟବସାୟ-ବାଣିଜ୍ୟ ପ୍ରଚାର, ପ୍ରସାର ଓ ବହୁମୁଖୀ ଲକ୍ଷ୍ୟସାଧନ ପାଇଁ ଯୋଗଦାନ କରିପାରିବେ। ଆନ୍ଧ୍ର ସରକାର ଆଉ ଏକ ପାଦେ ଆଗକୁ ଯାଇ ନିଜ ରାଜ୍ୟ ପାଇଁ ଅଧିକ ବିଦେଶୀ ପୁଞ୍ଜି ଆକର୍ଷଣ କରିବା ଉଦ୍ଦେଶ୍ୟରେ ରାଜ୍ୟର ବୈଷୟିକ ପ୍ରତିନିଧି ମଣ୍ଡଳ ସହ ଏକ ପାଭିଲିୟନ ମଧ୍ୟ ସେଠାରେ ସ୍ଥାନିତ କରାଇଥିଲେ।

ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବାର୍ଷିକ ଅଧିବେଶନରେ ବିଶ୍ୱ ଅର୍ଥନୀତି, ସମାଜ, ପରିବେଶ, ବିକାଶ, ରୋଜଗାର, ସରକାରୀ-ବେସରକାରୀ ସହଯୋଗିତା, ଗବେଷଣା, ନେତୃତ୍ୱ ଇତ୍ୟାଦି ବିଷୟ ଉପରେ ଉଚ୍ଚସ୍ତରୀୟ ବିଚାର ବିମର୍ଶ କରାଯାଇଥାଏ। ଅଣଆନୁଷ୍ଠାନିକ ଭାବେ ଏହା ନୀତି ନିର୍ଦ୍ଧାରଣ ଓ ବାଣିଜ୍ୟ-ବ୍ୟବସାୟିକ ନିଷ୍ପତ୍ତିକୁ ପ୍ରଭାବିତ କରିପାରୁଥିବା ବିଶ୍ୱର ସର୍ବୋଚ୍ଚ ମଞ୍ଚ। ତେଣୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସ୍ତରରେ ନିଜର ଦ୍ରୁତ ପ୍ରଭାବ ବିସ୍ତାର ନିମନ୍ତେ ସବୁଦେଶ ଓ ରାଜ୍ୟ ପାଇଁ ଏହା ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଥାଏ। ଏହା ବିଶ୍ୱର ସର୍ବୋଚ୍ଚ ଅଣଆନୁଷ୍ଠାନିକ ଅର୍ଥନୈତିକ ସମ୍ମିଳନୀ ହୋଇଥିବାରୁ ରାଜ୍ୟମାନେ ବିଭିନ୍ନ ଦେଶର ଶିଳ୍ପର ଢାଞ୍ଚା, ନଗର ଯୋଜନା ପ୍ରଣାଳୀ, ଦକ୍ଷତା ବିକାଶ, ଜଳବାୟୁ ନୀତି, ପ୍ରଶାସନ ଓ ସ୍ଥାୟିତ୍ୱ, ବୈଶ୍ୱିକ ମାନଦଣ୍ଡ, ସାଂପ୍ରତିକ ରାଜନୈତିକ ସ୍ଥିତି, ଅର୍ଥନୈତିକ ସ୍ଥିତି, ପୁଞ୍ଜିବଜାର, ଅନ୍ତର୍ଜାତୀୟ ବାଣିଜ୍ୟ ଆଇନ, ବୈଦେଶିକ ନୀତି, ନୂତନ ସମ୍ଭାବନା ଇତ୍ୟାଦି ସମସ୍ତ କ୍ଷେତ୍ରରେ ଜ୍ଞାନ ଓ ଅଭିଜ୍ଞତା ଆହରଣ କରିପାରିବେ, ଯାହାକି ଭବିଷ୍ୟତ କର୍ମପନ୍ଥା ଓ କୌଶଳ ନିରୂପଣ ପାଇଁ ସହାୟକ ହେବ।

ଭାରତରେ ୯୦ ଦଶକରୁ ଉଦାରୀକରଣ, ଜଗତୀକରଣ, ଘରୋଇକରଣ ଅର୍ଥନୀତି ପ୍ରଚଳିତ ହେବା ପରେ ଆମ ଦେଶର ଗଣତାନ୍ତ୍ରିକ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ-ରାଜ୍ୟ ମଧ୍ୟରେ ଶିଳ୍ପ-ବାଣିଜ୍ୟ ସେବା ଆଦି କ୍ଷେତ୍ରରେ ପ୍ରତିଯୋଗିତା ଦିନକୁ ଦିନ ବୃଦ୍ଧି ପାଇଛି ଏବଂ କିଛି ରାଜ୍ୟ ନିଜର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ବ୍ୟବସାୟିକ ଅନୁକୂଳ ନୀତିନିୟମ ପ୍ରଣୟନ, ଅଧିକ ପ୍ରୋତ୍ସାହନ, ଉନ୍ନତ ଭିତ୍ତିଭୂମି ଓ ଆବଶ୍ୟକ ମାନବ ସମ୍ବଳ ଉପଲବ୍ଧି ଯୋଗୁଁ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ନିବେଶ ଆକର୍ଷଣ କରି ଦ୍ରୁତଗତିରେ ବିକାଶ ଲାଭ କରିପାରୁଛନ୍ତି। ଉଦାହରଣ ସ୍ୱରୂପ ମହାରାଷ୍ଟ୍ର, ଗୁଜୁରାଟ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟକୁ ନିଆଯାଇପାରେ। ବର୍ତ୍ତମାନ କିଛିମାତ୍ରାରେ ଉତ୍ତର ପ୍ରଦେଶ, ଆସାମ, ଓଡ଼ିଶା, ଛତିଶଗଡ଼ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି।

ଚଳିତବର୍ଷ ବିଶ୍ୱ ଅର୍ଥନୈତିକ ସମ୍ମିଳନୀରେ ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଉତ୍ତର ପ୍ରଦେଶ, ତାମିଲନାଡୁ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ଆସାମ, ଝାଡ଼ଖଣ୍ଡ ଆଦି ୧୦ଟି ରାଜ୍ୟ ଭାଗ ନେଇ ଶିଳ୍ପ, ଖଣିଜ, ପ୍ରଯୁକ୍ତି ବିଦ୍ୟା, ଅକ୍ଷୟ ଶକ୍ତି ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଥିବା ସୁଯୋଗ ପ୍ରଦର୍ଶିତ କରିବା ସହ ରାଜ୍ୟର ବ୍ୟବସାୟିକ ନୀତି ନିୟମ, ପ୍ରୋତ୍ସାହନ ନୀତି, ମାନବ ସମ୍ବଳ, ଭିତ୍ତିଭୂମି ଇତ୍ୟାଦି ବିଶ୍ୱକୁ ଅବଗତ କରାଇବା ଏବଂ ଅନୁକୂଳ ବ୍ୟବସାୟିକ ବୁଝାମଣାର ପ୍ରତିଶ୍ରୁତି ଦେଇ ନିଜ ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଆଲୋଚନା କରିଥିଲେ। ବର୍ତ୍ତମାନ ସବୁ ରାଜ୍ୟ ଅଧିକ ବିଦେଶୀ ପୁଞ୍ଜି (ଏଫ୍‌ଡିଆଇ), ଗ୍ରାଣ୍ଟ, ସହଭାଗିତା, ଋଣ ମାଧ୍ୟମରେ ଆକୃଷ୍ଟ କରିବା ପାଇଁ ଅମଲାତାନ୍ତ୍ରିକ ସୋପାନ ବା ହସ୍ତକ୍ଷେପକୁ ବାଦ୍ ଦେଇ ସିଧାସଳଖ ବିନିଯୋଗକାରୀଙ୍କ ସହ ଆଲୋଚନା କରି ଆସ୍ଥାଭାଜନ ହୋଇପାରୁଛନ୍ତି।

ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଯେହେତୁ ବିଶ୍ୱର ସମସ୍ତ ଉଚ୍ଚସ୍ତରୀୟ ନେତୃମଣ୍ଡଳ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥା'ନ୍ତି, ଏହାର ସୁପରିଣାମ ବ୍ୟାପକ ହେବା ସହ ପ୍ରଭାବଶାଳୀ ଓ ସୁଦୂରପ୍ରସାରୀ। ଗତ ସମ୍ମିଳନୀରେ ମୁମ୍ବାଇ ମେଟ୍ରୋପଲିଟାନ ରିଜନ୍ ଏମ୍.ଏମ୍.ଆର୍.ଡି.ଏ. କେବଳ ଭିତ୍ତିଭୂମି ବିକାଶ ଭିତ୍ତିକ ପ୍ରକଳ୍ପ ପାଇଁ ୮୭, ୩୦୦ କୋଟି ଟଙ୍କାର ବିଦେଶୀ ପୁଞ୍ଜି ଆକୃଷ୍ଟ କରିବା ପାଇଁ ସକ୍ଷମ ହୋଇପାରିଛି। ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଗୁଗୁଲ୍, ବ୍ଲାକ୍‌ଷ୍ଟୋନ ଭଳି ବିଶ୍ୱର ବୃହତ୍ ସଂସ୍ଥା ଏବଂ ୟୁଏଇ ସହିତ ଭିତ୍ତିଭୂମି, ଦୀର୍ଘମିଆଦୀ ପ୍ଲାଟଫର୍ମ, ମାନୁଫେକ୍‌ଚରିଂ, ଖାଦ୍ୟ ପ୍ରକ୍ରିୟାକରଣ ଇତ୍ୟାଦି କ୍ଷେତ୍ରରେ ଲକ୍ଷାଧିକ କୋଟି ଟଙ୍କାର ରାଜିନାମା ସ୍ୱାକ୍ଷରିତ କରିଛନ୍ତି। ଭାରତର ବିଭିନ୍ନ ରାଜ୍ୟ ଯଥା ଗୁଜୁରାଟ- ଉତ୍ପାଦନ ଶିଳ୍ପ, ବ୍ୟବସାୟ ପରିଚାଳନା ସହାୟତା, କର୍ଣ୍ଣାଟକ-ଷ୍ଟାର୍ଟଅପ୍ ଓ ପ୍ରଯୁକ୍ତି ବିଦ୍ୟା, ତାମିଲନାଡୁ-ଔଷଧ, ଇଲେକ୍ଟ୍ରୋନିକ୍ସ ଓ ଇଭି, ତେଲେଙ୍ଗାନା-ନବସୃଜନ ଓ ପ୍ରାଣିବିଜ୍ଞାନ ସାମଗ୍ରୀ ଇତ୍ୟାଦି କ୍ଷେତ୍ରରେ ନିଜର ବ୍ରାଣ୍ଡ ଓ ଦୃଶ୍ୟମାନ୍ୟତା ବିଶ୍ୱ ଦରବାରରେ ସାବ୍ୟସ୍ତ କରିବାରେ ସକ୍ଷମ ହୋଇପାରିଛନ୍ତି।

୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶତବର୍ଷ ଏବଂ ୨୦୪୭ରେ ଭାରତର ସ୍ୱାଧୀନତାର ଶତବର୍ଷ ପାଳନ ପରିପ୍ରେକ୍ଷୀରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ଏହିପରି ଏକ ପ୍ରଭାବଶାଳୀ ସମ୍ମିଳନୀରେ ଆମ ଯୋଗଦାନ ଗୁରୁତ୍ୱ ବହନ କରେ। ଭବିଷ୍ୟତରେ ବିକଶିତ ଓଡ଼ିଶାର ଆମେ ଯେଉଁ ସ୍ୱପ୍ନ ଦେଖୁଛୁ ତାହା ବୈଦେଶିକ ପୁଞ୍ଜି, ଜ୍ଞାନକୌଶଳ ଓ ବହିର୍ବାଣିଜ୍ୟ ବିନା ସମ୍ଭବପର ନୁହେଁ। ଓଡ଼ିଶା ମଧ୍ୟ ପ୍ରାଧାନ୍ୟ ରଖୁଥିବା କିଛି ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା ଧାତୁ ଓ ବୃହତ୍ ଶିଳ୍ପ, ନବସୃଜନ, ସେମିକଣ୍ଡକ୍ଟର, ଡାଟା ସେଣ୍ଟର, ସବୁଜଶକ୍ତି, ଔଷଧ, ବୟନ, ରସାୟନ ଶିଳ୍ପ ଇତ୍ୟାଦି କ୍ଷେତ୍ରରେ ନିଜର ଗଠନମୂଳକ ଯୋଗଦାନ କରି ବିଶ୍ୱର ନିୟମ ଓ ନିଷ୍ପତ୍ତି ପ୍ରଣୟନକାରୀଙ୍କୁ ପ୍ରଭାବିତ କରି ଅଧିକ ପୁଞ୍ଜି ଆକୃଷ୍ଟ କରିପାରିବ।

ପ୍ରାକୃତିକ ସଂପଦ ଭରା ରତ୍ନଗର୍ଭା ଓଡ଼ିଶା, ବହିର୍ବାଣିଜ୍ୟ ପାଇଁ ଦୀର୍ଘ ୪୦୦ କି.ମି. ବ୍ୟାପୀ ସାମୁଦ୍ରିକ ତଟ, ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ସ୍ଥିତି, ଆବଶ୍ୟକ ମାନବ ସମ୍ବଳ, ସ୍ଥାୟୀ ନୀତି ଇତ୍ୟାଦି ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ଉପଲବ୍ଧି ପାଇଁ ଆମେ ଭାରତର ଯେ କୌଣସି ରାଜ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସମକକ୍ଷ। ତେଣୁ ଓଡ଼ିଶା ବର୍ତ୍ତମାନ ଦ୍ରୁତ ବିକାଶ ଲାଭ କରିବା ଦ୍ୱାରଦେଶରେ ଉପନୀତ ହୋଇଛି। ଅବଶ୍ୟ ଏହାକୁ ବଜାୟ ରଖିବା ସହ ଉତ୍ତୋରତ୍ତର ଉନ୍ନତି ପାଇଁ ନିରନ୍ତର ସମୟୋପଯୋଗୀ ସଂସ୍କାରମୂଳକ ପଦକ୍ଷେପ ନେବା ବାଞ୍ଛନୀୟ।

ଶେଷରେ ଯଦିଓ ଏହିପରି ସମ୍ମିଳନୀରେ ଯୋଗଦାନ ରାଜ୍ୟମାନଙ୍କୁ ଅନେକ କ୍ଷେତ୍ରରେ ଲାଭଦାୟକ ହେବ; କିନ୍ତୁ ତାହାପାଇଁ ଏକ ସୁସଂହତ ଦୂରଦୃଷ୍ଟି ସଂପନ୍ନ ପୂର୍ବପ୍ରସ୍ତୁତି ସହ ଯୋଗଦାନ କରି ପରବର୍ତ୍ତୀ ସମୟରେ ନିଜ ରାଜ୍ୟ ପାଇଁ ସମ୍ଭାବନା ରଖୁଥିବା ସମସ୍ତ ଅଂଶୀଦାରଙ୍କ ସହ ନିରନ୍ତର ଯୋଗସୂତ୍ର ଓ ପ୍ରୟାସ ଜାରି ରଖିବା ଆବଶ୍ୟକ। ଅନେକ ପ୍ରତିଦ୍ୱନ୍ଦ୍ୱୀ ରାଜ୍ୟ ଏହି ସମ୍ମିଳନୀରେ ଭାଗ ନେଉଥିବାରୁ ଆମେ ଅନ୍ୟ ରାଜ୍ୟ ତୁଳନାରେ ଆମର ବୈଶିଷ୍ଟ୍ୟ ପ୍ରତିପାଦନ କରିବାପାଇଁ ସକ୍ଷମ ହେବା ସହ ଅନ୍ୟରାଜ୍ୟର ସ୍ଥିତି, କୌଶଳ, ନିଜସ୍ୱ ଦୁର୍ବଳତା, ନୂତନ ବ୍ୟବସାୟିକ ଜ୍ଞାନ ଇତ୍ୟାଦି ଆହରଣ କରିପାରିବୁ, ଯାହା ଭବିଷ୍ୟତ କର୍ମପନ୍ଥା ନିର୍ଣ୍ଣୟ କରିବା ପାଇଁ ଅନୁକୂଳ ହେବ।

ରାଉରକେଲା, ମୋ: ୯୪୩୭୩୪୪୬୫୪

# ଲୀଳାବତୀ ସୂତ୍ର: ଭାରତୀୟ ଜ୍ଞାନବିଜ୍ଞାନର ସନ୍ତକ

**ଶ୍ରୀବତ୍ସ ନାୟକ**

ଭାରତୀୟମାନେ ଯେତେବେଳେ ପଥର ଉଠାନ୍ତି, ସେତେବେଳେ ଭବ୍ୟ ମନ୍ଦିର ନିର୍ମାଣ କରନ୍ତି; ନଚେତ୍ ଅଲଂଘ୍ୟ ସମୁଦ୍ର ଉପରେ ସେତୁବନ୍ଧ ନିର୍ମାଣ ହୋଇଯାଏ। ସେମାନେ ଯେତେବେଳେ ପ୍ରେମ କରନ୍ତି 'ଗୀତଗୋବିନ୍ଦ' ଓ 'ଲୀଳାବତୀ ସୂତ୍ର' ଭଳି ମହାନ ପରୋପକାର ଗ୍ରନ୍ଥମାନ ରଚନା କରନ୍ତି। ଏହା ହିଁ ହେଉଛି ଭାରତୀୟ ସଂସ୍କୃତିର ବିଶେଷତ୍ୱ।

୧୧୧୪ ମସିହାରେ ମହାରାଷ୍ଟ୍ର ଜନ୍ମିତ ପ୍ରସିଦ୍ଧ ଜ୍ୟୋତିର୍ବିଦ୍ ଓ ଗଣିତଜ୍ଞ ଭାସ୍କରାଚାର୍ଯ୍ୟଙ୍କ କନ୍ୟା ଲୀଳାବତୀ ଥିଲେ ଅସାମାନ୍ୟ ସୁନ୍ଦରୀ ଓ ବୁଦ୍ଧିମତୀ। ଭାସ୍କରାଚାର୍ଯ୍ୟ ଗଣନା କରି ଜାଣିପାରିଲେ ଯେ ଲୀଳାବତୀ ବିବାହ ସିନା କରିବେ, ମାତ୍ର ଖୁବ୍ ଅଳ୍ପଦିନରେ ବିଧବା ହୋଇଯିବେ। ଆହୁରି ଅଧିକ ଗଣନା କରିବା ପରେ ସେ ଜାଣିପାରିଲେ ଯେ ଯଦି ଏକ ନିର୍ଦ୍ଦିଷ୍ଟ ଲଗ୍ନରେ ବିବାହ କାର୍ଯ୍ୟ ସମାପନ କରାଯାଏ, ତେବେ ବିଧବା ଦଶା କଟିଯାଇପାରେ। ସେତେବେଳେ ଆଜିକାଲି ପରି ଘଣ୍ଟା ନଥିଲା। ତେଣୁ ଠିକ୍ ସମୟ ଜାଣିବା ପାଇଁ ଏକ କଣାମାଠିଆକୁ ଏକ ପାଣି ଭର୍ତ୍ତି ପାତ୍ରରେ ଭସାଇଦେଲେ। ସେହି କଣାବାଟେ ମାଠିଆ ଭିତରକୁ ପାଣି ଧୀରେ ଧୀରେ ପଶି ଯେତେବେଳେ ଭର୍ତ୍ତି ହୋଇଯିବ, ସେତେବେଳେ ଏହା ବିବାହର ଠିକ୍ ସମୟ ବୋଲି ଧରାଯିବ। ହେଲେ ବିଧିର ବିଧାନ ବିଚିତ୍ର। ସେଦିନ ଅଳଙ୍କାର ପିନ୍ଧି ଲୀଳାବତୀ କାହିଁକି କେଜାଣି ମାଠିଆ ଭିତରକୁ ଚାହିଁଦେଲେ। ଏତିକିବେଳେ ତାଙ୍କ ମଥାମଣିରୁ ମୁକ୍ତାଟିଏ ଖସି ସେ ମାଠିଆ ଭିତରେ ପଡ଼ି ଛିଦ୍ରଟିକୁ ବନ୍ଦ କରିଦେଲା। ଫଳରେ ସେ ମାଠିଆ ଆଉ ଜଳପୂର୍ଣ୍ଣ ହେଲା ନାହିଁ। ବାହାଘର କାର୍ଯ୍ୟ ସମ୍ପନ୍ନ ହେଲା ଏବଂ ଅଳ୍ପଦିନ ପରେ ଲୀଳାବତୀ ବିଧବା ହୋଇଗଲେ।

ଏହାପରେ ପିତାଙ୍କ ଘରକୁ ଫେରି ଆସି ଲୀଳାବତୀ ପିତାଙ୍କଠାରୁ ଗଣିତ ଜ୍ଞାନ ଆହରଣ କଲେ। ସେସମୟରେ ଭାରତରେ ଗଣିତ ଶିକ୍ଷା ପ୍ରଧାନତଃ ପୁତ୍ରକୈନ୍ଦ୍ରିକ ଥିଲା। ନାରୀମାନଙ୍କର ଭୂମିକା ଅତି ସୀମିତ କିମ୍ବା ପ୍ରାୟ ଅସ୍ତିତ୍ୱହୀନ ଥିଲା। କିନ୍ତୁ ଲୀଳାବତୀ ଜଣେ ବିଚକ୍ଷଣ ପ୍ରତିଭାଧାରୀ ହୋଇଥିବାରୁ ଭାସ୍କରାଚାର୍ଯ୍ୟଙ୍କଠାରୁ ଗଣିତ ଶାସ୍ତ୍ରର ପ୍ରୟୋଗ ତଥା କୌଶଳକୁ ଅକ୍ଳେଶରେ ଗ୍ରହଣ କଲେ। କାଳକ୍ରମେ ଅଙ୍କ ବିଦ୍ୟାରେ ପିତାଙ୍କଠାରୁ ବଳି ଅସାଧାରଣ ଜ୍ଞାନର ଅଧିକାରୀ ହେଲେ ଲୀଳାବତୀ। ପିତା ଓ ପୁତ୍ରୀ ଉଭୟ ମିଶି ବୀଜଗଣିତ ଉପରେ ବିଭିନ୍ନ ଆଲୋଚନା କରି ତା'ର ସମାଧାନ ପାଇଁ ସରଳ ସୂତ୍ରମାନ ନିର୍ଦ୍ଧାରଣ କଲେ। ୧୧୫୦ ଖ୍ରୀଷ୍ଟାବ୍ଦରେ ଭାସ୍କରାଚାର୍ଯ୍ୟ 'ଗଣିତସୂତ୍ର' ନାମକ ପୁସ୍ତକ ଲେଖିଲେ, ଯାହା ପରବର୍ତ୍ତୀ ସମୟରେ 'ଲୀଳାବତୀ ସୂତ୍ର' ନାମରେ ସୁଖ୍ୟାତି ଅର୍ଜନ କଲା।

ଭାସ୍କରାଚାର୍ଯ୍ୟଙ୍କର ମୁଖ୍ୟ ଗ୍ରନ୍ଥ 'ସିଦ୍ଧାନ୍ତଶିରୋମଣି' (ଗ୍ରନ୍ଥମାନଙ୍କର ମୁକୁଟ)ର 'ଲୀଳାବତୀ', 'ବୀଜଗଣିତ', 'ଗ୍ରହଗଣିତ' ଓ 'ଗୋଳାଧ୍ୟାୟ' ନାମରେ ଯେଉଁ ଚାରୋଟି ଖଣ୍ଡ ରହିଛି ତନ୍ମଧ୍ୟରୁ ଭାରତୀୟ ଗଣିତ ପରମ୍ପରାରେ 'ଲୀଳାବତୀ' ସବୁଠାରୁ ପ୍ରଶଂସିତ ଓ ଲୋକପ୍ରିୟ। ଆଧୁନିକ ଗଣିତ ଶାସ୍ତ୍ରର ପ୍ରାୟ ୧୦୦ ବର୍ଷ ପୂର୍ବେ ପାଟି (ମୌଖିକ) ଗଣିତ, ବୀଜ ଗଣିତ, ଜ୍ୟାମିତି, ପରିମିତି, ତ୍ରିକୋଣମିତି, ଅଙ୍କଗଣିତ, ବୀଜଗଣିତ, ଜ୍ୟାମିତି, ମାପନଶାସ୍ତ୍ର ଓ ସଂଖ୍ୟାତତ୍ତ୍ୱ ଆଦିର ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ରୂପେ ଏହା ସର୍ବଜନବିଦିତ ଥିଲା। 'ଲୀଳାବତୀ ସୂତ୍ର' ପ୍ରଧାନତଃ ଅଙ୍କଗଣିତ ଉପରେ ଆଧାରିତ ଏବଂ ଏଥିରେ ୨୭୯ଟି ସଂସ୍କୃତ ପଦ୍ୟ ରହିଛି। ଏଥିରେ ଜଟିଳ ଗାଣିତିକ ସମସ୍ୟାଗୁଡ଼ିକର ସରଳ ସମାଧାନଗୁଡ଼ିକ ପଦର ଲାଳିତ୍ୟରେ ଅତୀବ ଅକର୍ଷଣୀୟ ଓ ମାଧୁର୍ଯ୍ୟମୟ ଢଙ୍ଗରେ ବର୍ଣ୍ଣିତ ହୋଇ ଗଦ୍ୟ ଟୀକା ସହିତ ଉପସ୍ଥାପିତ ହୋଇଛି।

ଆଧୁନିକ ଗଣିତର ମୁଖ୍ୟ ଅଂଶ ହେଉଛି 'ପ୍ରମାଣ'। କିନ୍ତୁ ଭାସ୍କରାଚାର୍ଯ୍ୟ ଏହା ସମ୍ପର୍କରେ ବିଶେଷ ଧାରଣା ରଖିଥିଲେ ବୋଲି ଅନୁଭବ ନହେଲେ ମଧ୍ୟ ତାଙ୍କର ସଂକ୍ଷିପ୍ତ ପଦ୍ୟଗୁଡ଼ିକରେ ଥିବା ନିୟମ ଓ ସାଧାରଣୀକରଣଗୁଡ଼ିକ ଏହାକୁ ସୂଚାଏ ଯେ ସେ ସମୟରେ ମଧ୍ୟ ତାଙ୍କ ମନରେ ନିଶ୍ଚୟ କିଛି ତର୍କ ଓ ବିଚାର ଥିଲା। ତାଙ୍କର ଗାଣିତିକ ସମସ୍ୟା ସମାଧାନର ପ୍ରଣାଳୀ ଥିଲା ସଠିକ୍ ଓ ନିର୍ଦ୍ଦିଷ୍ଟ। ତର୍କକୁ ସ୍ପଷ୍ଟ ଭାବେ ଲେଖିବାକୁ ସେ ଆବଶ୍ୟକ ମନେ କରୁନଥିଲେ ବରଂ ସମ୍ପୂର୍ଣ୍ଣ ଅନୁଭୂତି ଉପରେ ଭରସା କରୁଥିଲେ। ତତ୍କାଳୀନ ସମୟରେ ଗାଣିତିକ ପ୍ରତୀକ ବା ସଂକେତ ପ୍ରଣାଳୀ ନଥିଲା। ଗାଣିତିକ ଚିତ୍ର ଓ ରେଖାଚିତ୍ରର ପ୍ରଚଳନ ହୋଇନଥିଲା। ଅନୁଭୂତି ଆଧାରିତ ଚିନ୍ତା ଓ ଆଲଗୋରିଦମ୍ ପଦ୍ଧତିରେ ନିପୁଣ ଥିବା ଭାସ୍କରାଚାର୍ଯ୍ୟ ରସାତ୍ମକ, ଆନନ୍ଦଦାୟକ ଓ ମନୋରଞ୍ଜନ ଧର୍ମୀ କାବ୍ୟ ମାଧ୍ୟମରେ ସଂଖ୍ୟା ପଦ୍ଧତି, ଯୋଗ ପଦ୍ଧତି, ବିୟୋଗ ପଦ୍ଧତି, ଗୁଣନ ପଦ୍ଧତି, ଭାଗ ପଦ୍ଧତି, ଭାଗାଂଶ, ଶୂନ୍ୟ ଓ ଦଶମିକ ଧାରଣା, ନିୟମ ତ୍ରୟୀ, ସୁଧ ଗଣନା, ଲାଭକ୍ଷତି ଗଣନା, ମିଶ୍ରଣ ପଦ୍ଧତି, ମାପ ଓ ମାପକ, କ୍ଷେତ୍ରଫଳ ଗଣନା, ଘନଫଳ ଗଣନା, ସରଳ ସମୀକରଣ, ଅନୁପାତ ଓ ପ୍ରମାଣ, ସରଳ ଜ୍ୟାମିତି, ପ୍ରଶ୍ନଉତ୍ତର ଆଧାରିତ ପଦ୍ଧତିଗୁଡ଼ିକୁ ଅତି ନିଖୁଣ ଭାବେ ପରିପ୍ରକାଶ କରିଥିଲେ। ଭାସ୍କରାଚାର୍ଯ୍ୟଙ୍କ 'ଲୀଳାବତୀ' ଗ୍ରନ୍ଥରେ ବ୍ୟବହୃତ ଶେଷ ପଦ୍ୟ ଭାସ୍କରାଚାର୍ଯ୍ୟଙ୍କ କାବ୍ୟ ପ୍ରତିଭାକୁ ଆହୁରି ସୁନ୍ଦର ଭାବେ ପ୍ରକାଶ କରେ। ଏହି ପଦ୍ୟଟି ଲୀଳାବତୀ ନାମକ ଜଣେ ସୁସଂସ୍କୃତ କନ୍ୟାଙ୍କ ବର୍ଣ୍ଣନା ପରି ଲାଗେ। କିନ୍ତୁ ଏହାକୁ ଗଣିତ ଗ୍ରନ୍ଥ ରୂପେ ମଧ୍ୟ ବୁଝାଯାଇପାରେ। ଏହି କାରଣରୁ ଭାସ୍କରାଚାର୍ଯ୍ୟଙ୍କୁ 'ଗଣକଚକ୍ରଚୂଡ଼ାମଣି', ଅର୍ଥାତ୍ 'ଗଣିତଜ୍ଞମାନଙ୍କ ମଧ୍ୟରେ ଶିରୋମଣି' ଉପାଧି ଦିଆଯାଇଥିଲା।

ମାକୁୟେଲେ ଇଂରେଜ ଶିକ୍ଷା ଢାଞ୍ଚାରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ପକାଇବା ପୂର୍ବରୁ ସମସ୍ତ ଚାଟଶାଳୀ ଓ ବେଦବିଦ୍ୟାଳୟରେ 'ଗଣିତ' ବୋଇଲେ ଏହି ବିରାଟ 'ଲୀଳାବତୀ ସୂତ୍ର' ହିଁ ପଢ଼ାଯାଉଥିଲା। ଲୀଳାବତୀରେ ବିକଶିତ ଧାରଣା ଓ ପଦ୍ଧତିଗୁଡ଼ିକ ଆଜି ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାର୍ଥୀ, ଶିକ୍ଷକ, ପଣ୍ଡିତ, ଇତିହାସବିଦ୍ ଓ ଗଣିତ ପ୍ରସାରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ ପାଇଁ ଉପକାରୀ। ଭାରତର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ (ଯେଉଁଠାରେ କ୍ୟାଲକୁଲେଟର ଅନୁମତି ନାହିଁ) ଏହି ପୁସ୍ତକଟି ବିଶେଷ ଭାବେ ସହାୟକ। ଏହି ଗୁରୁତ୍ୱପୂର୍ଣ୍ଣ ପାଠ୍ୟଗ୍ରନ୍ଥଟି ପ୍ରାୟ ୮୫୦ ବର୍ଷ ଧରି ଶିକ୍ଷା ଦେବାରେ ବ୍ୟବହୃତ ହୋଇଆସିଛି ଏବଂ ଆଜି ମଧ୍ୟ ଭାରତର ଅନେକ ସଂସ୍କୃତ ବିଦ୍ୟାଳୟରେ ପାଠ୍ୟପୁସ୍ତକ ଭାବେ ବ୍ୟବହୃତ ହେଉଛି। ପାଣ୍ଡିତ୍ୟପୂର୍ଣ୍ଣ, ସୁସ୍ପଷ୍ଟ ଓ ଐତିହାସିକ ଉପସ୍ଥାପନା ଯୋଗୁଁ ଏହି ଗ୍ରନ୍ଥଟି ବିଶ୍ୱର ଅନେକ ଭାଷାକୁ ଅନୂଦିତ ହୋଇଛି।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ

# ପଙ୍ଗପାଳର ଦେବତା

## ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ସ୍ରଷ୍ଟାଙ୍କର ଏ ଅନନ୍ୟ ସୃଷ୍ଟିରେ ଜୀବଜଗତରେ ଦେବତ୍ୱର ଅଂଶକୁ ଉପଲବ୍ଧି କରି ମନୁଷ୍ୟ କାହିଁ କେଉଁ କାଳରୁ ପ୍ରକୃତିର ଉପାସନା କରିଆସୁଛି। ତେଣୁ ମନୁଷ୍ୟ ଦୃଷ୍ଟିରେ କ୍ଷୁଦ୍ରାତିକ୍ଷୁଦ୍ର ପ୍ରାଣୀ ମଧ୍ୟ ପୂଜନୀୟ। ଏହି ଧାରାରେ ଭାରତର କେତେକ ଗ୍ରାମୀଣ ଅଞ୍ଚଳରେ କୃଷିକୁ ଭୟାବହ କ୍ଷତି ପହଞ୍ଚାଉଥିବା ପଙ୍ଗପାଳ ଉଦ୍ଦେଶ୍ୟରେ ପୂଜା କରାଯାଉଛି।

ରାଜସ୍ଥାନର ନାଗୋରସ୍ଥିତ ଜାୟଲ୍ ତହସିଲ୍ ଗ୍ରାମବାସୀମାନେ ଜଣେ ସନ୍ଥଙ୍କୁ ପଙ୍ଗପାଳର ଦେବତା ଭାବେ ପୂଜା କରନ୍ତି। ଗୋପୀନାଥ ମହାରାଜଙ୍କ ଜନ୍ମ ନାଗୋରର ଛୋଟି ଖାଟୁରେ ହୋଇଥିଲା। ସେ ଜାୟଲ୍‌କୁ ନିଜର ତପୋସ୍ଥଳ ଭାବେ ଚୟନ କରିଥିଲେ। ସେ ସେଠାରେ ୬୦ ବର୍ଷ ପର୍ଯ୍ୟନ୍ତ ତପୋସାଧନା କରି ଦିବ୍ୟଶକ୍ତି ପ୍ରାପ୍ତ କରିଥିଲେ। ସନ୍ଥ ଗୋପୀନାଥ ମହାରାଜଙ୍କ ମନ୍ଦିର ଜାୟଲ୍ ତହସିଲ୍‌ର ଘମୋଟିଆବାସଠାରେ ନିର୍ମାଣ କରାଯାଇଛି। ଏଠାକାର ଗ୍ରାମବାସୀଙ୍କର ବିଶ୍ୱାସ ରହିଛି ଯେ ସନ୍ଥଙ୍କ କୃପାରୁ ଆଜିପର୍ଯ୍ୟନ୍ତ ତାଙ୍କର ଫସଲକୁ ପଙ୍ଗପାଳମାନେ କୌଣସି କ୍ଷତି କରିପାରି ନାହାନ୍ତି।

ଏହି ଗଭୀର ବିଶ୍ୱାସ ପଛରେ ଗୋଟିଏ ଲୋକକଥା ମଧ୍ୟ ପ୍ରଚଳିତ। ଏକଦା ଏହି ଗ୍ରାମକୁ ପଙ୍ଗପାଳ ଦଳ ଆସି ଫସଲର ବ୍ୟାପକ କ୍ଷତି କରିଥିଲେ। ଗ୍ରାମବାସୀମାନେ ଅସହାୟ ହୋଇ ସନ୍ଥ ଗୋପୀନାଥ ମହାରାଜଙ୍କ ନିକଟକୁ ଯାଇ ଫସଲକୁ ସୁରକ୍ଷା ଦେବା ପାଇଁ ଆକୁଳ ପ୍ରାର୍ଥନା କଲେ। ଗ୍ରାମବାସୀଙ୍କ ପ୍ରାର୍ଥନା ଗ୍ରହଣ କରି ସନ୍ଥ ଗୋପୀନାଥ ନିଜର ଦିବ୍ୟଶକ୍ତି ଦ୍ୱାରା ଗୋଟିଏ ପଙ୍ଗପାଳକୁ ଧରି ନିଜ ଘୋଡ଼ା ଉପରେ ବସି ବହୁଦୂର ଚାଲିଗଲେ। ଅଲୌକିକ ଭାବେ ସନ୍ଥଙ୍କ ଘୋଡ଼ାକୁ ଅନୁସରଣ କରି ସମସ୍ତ ପଙ୍ଗପାଳ ଉଡ଼ିବାକୁ ଲାଗିଲେ। ସନ୍ଥ ଗୋପୀନାଥ ଉକ୍ତ ପଙ୍ଗପାଳକୁ ତହସିଲ୍ ବାହାରେ ଥିବା ଅନାବଶ୍ୟକ ଭୂମିରେ ଛାଡ଼ି ଦେଇଥିଲେ। କ୍ରମେ ଅନ୍ୟସବୁ ପଙ୍ଗପାଳ ମଧ୍ୟ ସେଠାକୁ ଉଡ଼ି ଆସିଥିଲେ ଏବଂ ଅଦୃଶ୍ୟପ୍ରାୟ ହୋଇଯାଇଥିଲେ। ତା'ପରଠାରୁ କେବେ ମଧ୍ୟ ଏହି ତହସିଲ୍‌ରେ ପଙ୍ଗପାଳ ଦେଖାଯାନ୍ତି ନାହିଁ କିମ୍ବା ପଙ୍ଗପାଳ ଦ୍ୱାରା ଫସଲର କ୍ଷୟକ୍ଷତି ହୋଇନାହିଁ। ତେଣୁ ସେହିଦିନଠାରୁ ଗ୍ରାମବାସୀମାନେ ସନ୍ଥଙ୍କୁ ପଙ୍ଗପାଳର ଦେବତା ଭାବେ ପୂଜା କରିଆସୁଛନ୍ତି।

ସନ୍ଥ ଗୋପୀନାଥଙ୍କ ବିଭିନ୍ନ ଦିବ୍ୟଲୀଳାକୁ ଗ୍ରାମବାସୀମାନେ ଅନୁଭବ କରି ଆସୁଛନ୍ତି। ବର୍ତ୍ତମାନ ସମୟରେ ମଧ୍ୟ ଗ୍ରାମରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେଲେ ସନ୍ଥଙ୍କ ନିକଟରେ ବିବାହ କରୁଥିବା ବ୍ୟକ୍ତି ସ୍ୱହସ୍ତରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଗ ଅର୍ପଣ କରିଥା'ନ୍ତି। ଏଭଳି ନ କରିବା ଦ୍ୱାରା ବିବାହ ଭୋଜିରେ ଯେତେ ଅଧିକ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ନିଅଣ୍ଟ ହୁଏ ବା ଶୀଘ୍ର ସରିଯାଏ ବୋଲି ଜନଶ୍ରୁତି ରହିଛି।

ପ୍ରାଚୀନ ସମୟରେ ଚୀନ୍‌ରେ ମଧ୍ୟ ପଙ୍ଗପାଳଙ୍କ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ପଙ୍ଗପାଳ ମନ୍ଦିର ନିର୍ମିତ ହୋଇଥିଲା, ଯେଉଁଠି ବିଧିପୂର୍ବକ ପୂଜାନୁଷ୍ଠାନ କରାଯାଉଥିଲା। ଏଠାରେ କୌଣସି ଦେବତାଙ୍କୁ କିମ୍ବା କୌଣସି ଜୀବକୁ ନୁହେଁ, ବରଂ ପଙ୍ଗପାଳର ଆତଙ୍କରୁ ରକ୍ଷା ପାଇବା ପାଇଁ ବିଶ୍ୱାସର ସହ ପାରମ୍ପରିକ ଭିତ୍ତିରେ ପ୍ରାର୍ଥନା ବା ଦୃଢ଼ତାର ସହ ସ୍ମରଣ କରାଯାଉଥିଲା। ଏହାର କେତେକ ଐତିହାସିକ ପ୍ରମାଣ ମଧ୍ୟ ଅଛି। କେତେକ ଗ୍ରନ୍ଥରେ ପ୍ରାୟ ୧୩୬୦ ଖ୍ରୀଷ୍ଟାବ୍ଦରେ ଚୀନ୍‌ରେ ପଙ୍ଗପାଳ ଦେବତାଙ୍କ ପୂଜା କରାଯାଉଥିଲା ବୋଲି ଉଲ୍ଲେଖ ରହିଛି। ବାଇବେଲ୍‌ରେ ପଙ୍ଗପାଳକୁ ବିନାଶ ଓ ବିପତ୍ତିର ପ୍ରତୀକ ବୋଲି କୁହାଯାଇଛି। ତେଣୁ ତାହାର ଦୌରାତ୍ମ୍ୟକୁ ହ୍ରାସ ବା ନିୟନ୍ତ୍ରଣ କରିବା ପାଇଁ ଈଶ୍ୱରଙ୍କୁ ପ୍ରାଥନା କରାଯିବା ଉଚିତ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବିଶ୍ୱର କେତେକ ଅଞ୍ଚଳରେ ଲୋକକଥା, ପରମ୍ପରା, ସଂସ୍କୃତି ଓ ବିଶ୍ୱାସ ଭିତ୍ତିରେ ପଙ୍ଗପାଳକୁ ସୌଭାଗ୍ୟ, ପ୍ରଗତି ଓ ନୂତନ ଆରମ୍ଭର ପ୍ରତୀକ ଭାବେ ଗ୍ରହଣ କରାଯାଉଛି। ତେଣୁ ପଙ୍ଗପାଳର ସମ୍ମାନାର୍ଥେ କେତେକ ସାମାନ୍ୟ ପୂଜା ମଧ୍ୟ କରାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବ୍ରିଟେନର ପୂର୍ବତନ...

ଘନିଷ୍ଠ ବନ୍ଧୁତା ଥିବା କଥା ପୂର୍ବରୁ ସାମ୍ନାକୁ ଆସିଥିଲା। ଏହି ନେଟୱର୍କରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି ନାବାଳିକାଙ୍କୁ ଯୌନ ଶୋଷଣ କରୁଥିବା ଅଭିଯୋଗ ରହିଛି । ଏନେଇ ବିବାଦ ବଢ଼ିବା ପରେ ପ୍ରିନ୍ସ ଆଣ୍ଡ୍ରୁଙ୍କ ଠାରୁ ସାମରିକ ପଦବୀ ଓ ରାଜକୀୟ ସମ୍ମାନ ପ୍ରତ୍ୟାହାର କରାଯାଇଥିଲା । ବର୍ତ୍ତମାନ ସେ ଗିରଫ ହେବା ବ୍ରିଟିଶ ରାଜପରିବାର ପାଇଁ ଏକ ବଡ଼ ଅଡୁଆ ସୃଷ୍ଟି କରିଛି । ବ୍ରିଟେନର ସୁରକ୍ଷା ଏଜେନ୍ସି ଓ ପୁଲିସ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତଦନ୍ତ ଜାରି ରଖିଛନ୍ତି । ତେବେ ଏପର୍ଯ୍ୟନ୍ତ ଏହି ମାମଲାରେ ପ୍ରିନ୍ସ ଆଣ୍ଡ୍ରୁଙ୍କ ପକ୍ଷରୁ କୌଣସି ବୟାନ ଆସିନାହିଁ । କିନ୍ତୁ ସେ ପୂର୍ବରୁ ସବୁ ଅଭିଯୋଗକୁ ବରାବର ଅସ୍ୱୀକାର କରି ଆସିଛନ୍ତି ।

## ବିଧାନସଭା ଅଚଳ...

ମହାପାତ୍ରଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତର ମଧ୍ୟ ମନ୍ତ୍ରୀ ରଖିଥିଲେ। ମାତ୍ର ପ୍ରବଳ ହୋ ହଲ୍ଲା ଯୋଗୁଁ କିଛି ଶୁଣା ଯାଉ ନ ଥିଲା ଓ ୫ ମିନିଟ୍ ପରେ ବାଚସ୍ପତି ବାଚସ୍ପତି ଗୃହକୁ ୧୧ଟା ୩୦ ଯାଏଁ ମୁଲତବୀ ରଖିଥିଲେ। ଗୃହକାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ପରେ ସମାନ ଢଙ୍ଗରେ ବିରୋଧୀ ନିଜର ପ୍ରତିବାଦ ଜାରି ରଖିଥିଲେ। ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଅଧିରାଜ ପାଣିଗ୍ରାହୀ, ମାଧବ ଧଡ଼ା ପ୍ରମୁଖ ବାଚସ୍ପତିଙ୍କ ଆସନ ନିକଟକୁ ଯିବାକୁ ପ୍ରୟାସ କରିଥିଲେ। ବାଚସ୍ପତିଙ୍କ ସୁରକ୍ଷା କର୍ମୀ ସେମାନଙ୍କୁ ଅଟକାଇଥିଲେ। ଗୃହର ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ୧୧ଟା ୩୬ ମିନିଟରୁ ଅପରାହ୍ନ ୪ଟା ଯାଏଁ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ। ଅପରପକ୍ଷେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଆଦୌ ଭାଗ ନେଇନଥିବା ବେଳେ ମୁଖ୍ୟମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ଉଭୟ କଂଗ୍ରେସ ଓ ବିଜେଡି ସଦସ୍ୟ ଗୃହ ମଧ୍ୟରେ ପ୍ରବଳ ହୋ ହଲ୍ଲା ଜାରି ରଖିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ରାଜ୍ୟପାଳଙ୍କ ଅଭିଭାଷଣ ପୁସ୍ତିକାକୁ ଚିରି ପ୍ରତିବାଦ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ଉଭୟ ବିରୋଧୀ କକ୍ଷତ୍ୟାଗ କରିଥିଲେ।

ଗୃହ ବାହାରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସରକାରଙ୍କ ଅପାରଗତାକୁ ତୀବ୍ର ସମାଲୋଚନା କରିଥିଲେ। ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ଇସ୍ତଫା ଦାବି କରିବା ସହ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ ଚାଷୀ ଧାନ ନେଇ ମଣ୍ଡିରେ ବସିଛି । ସରକାର ମଉଜ କରୁଛନ୍ତି । ଜାଣିଶୁଣି ଧାନ କେମିତି କିଣାଯିବନି ସରକାର ଷଡଯନ୍ତ୍ର କରୁଛନ୍ତି । ଆଳୁ ଠାରୁ ଧାନ ପର୍ଯ୍ୟନ୍ତ ସବୁଠି ଯୋଗାଣମନ୍ତ୍ରୀ ବିଫଳ ବୋଲି ସେ କହିଥିଲେ। ଅନୁରୂପ ଭାବରେ ସାରଦା ପ୍ରସାଦ ଜେନା ଓ ବିଧାୟକ ଡଃ ବ୍ୟୋମକେଶ ରାୟ ମଧ୍ୟ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ ସରକାରଙ୍କ କାର୍ଯ୍ୟ ଓ ଭାଷାକୁ କଟୁ ସମାଲୋଚନା କରିଥିଲେ । ସେ କହିଥିଲେ ଯେ ସରକାର ଚାଷୀ ପ୍ରତି ନକଲି ଓ ନୌଟଙ୍କି ଭଳି ଭାଷା ପ୍ରୟୋଗ କରୁଛନ୍ତି । ଚାଷୀଙ୍କ କଥା ନ ଶୁଣିବା ସରକାରଙ୍କ ଅଭ୍ୟାସ ହୋଇ ଗଲାଣି । ୩୦୦ ୟୁନିଟ ମାଗଣା ବିଜୁଳି କଥା ସରକାର କହିଥିଲେ । ହେଲେ ତାହା ବି ଲୋକଙ୍କୁ ମିଳିନି । ଏହାକୁ ବିରୋଧ କରି ଆମେ ଗୃହ ରେ ବାରମ୍ବାର ଏ ପ୍ରସଙ୍ଗ ଉଠାଉଛୁ, ସରକାର ଶୁଣୁନାହାନ୍ତି ବୋଲି ସେ କହିଛନ୍ତି । ଅନ୍ୟପଟେ ବିଜେପି ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ, ବିଧାନସଭା ନ ଚାଲିଲେ ସରକାରୀ ଦଳର ଲାଭ। ସରକାରକୁ ଉତ୍ତର ଦେବାକୁ ପଡିବନି । ସେ ବିରୋଧୀ ଦଳ ନେତା ଥିବାବେଳେ ସବୁବେଳେ ଆଲୋଚନା କରିଥିଲେ । ସରକାରୀ ଦଳକୁ ସମାଲୋଚନା କରୁଥିଲେ । ଯାହା କହିବା କଥା ସେମାନେ ବିଧାନସଭାରେ କହି ସରକାରକୁ ଘେରି ପାରନ୍ତେ। ଗୃହ ଅଚଳ କରି, ସେ ସୁଯୋଗ ବିରୋଧୀ ହାତଛଡ଼ା କରୁଛନ୍ତି ବୋଲି ସେ କହିଛନ୍ତି ।

## ସବୁ ଧାନ କିଣିବେ...

ପ୍ରଶାସନିକ ଅନାଗ୍ରହର ପ୍ରତୀକ ନୁହେଁ; ସୁଦୃଢ଼, ପାରଦର୍ଶୀ ଓ ଚାଷୀକଲ୍ୟାଣ ସଂଗ୍ରହ ବ୍ୟବସ୍ଥାର ପ୍ରମାଣ। ଚାଷୀଙ୍କଠାରୁ ସରକାର ସବୁଧାନ କିଣିବେ, ଏଥିରେ କୌଣସି ଶଙ୍କା ନାହିଁ ବୋଲି ବିଧାନସଭାରେ ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ "ସମୃଦ୍ଧ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପିତ "ବିକଶିତ ଭାରତ'ର ଗ୍ରୋଥ ଇଞ୍ଜିନ ହେବା । ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ରାଜ୍ୟକୁ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟ ମଧ୍ୟରେ ସ୍ଥାନ ଦେବା । ଏହା କେବଳ ଏକ ପରିକଳ୍ପନା ନୁହେଁ, ଏହା କରଣୀୟ ଏବଂ ଆମେ କରିବୁ । ରାଜ୍ୟପାଳ ନିଜ ଅଭିଭାଷଣରେ ଆମ ରାଜ୍ୟକୁ ଏକ ସମୃଦ୍ଧ, ଶକ୍ତିଶାଳୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଭିଜନକୁ ଦର୍ଶାଇଛନ୍ତି । ଏହି ଦୂରଦୃଷ୍ଟି ସମ୍ପନ୍ନ ଅଭିଭାଷଣ ଆଗାମୀ ଦିନରେ ଆମ ରାଜ୍ୟ ପାଇଁ ଏକ ମାର୍ଗଦର୍ଶିକା ସଦୃଶ ହେବ ।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାକୁ ଦୃଢ଼ ସମର୍ଥନ କରୁଛନ୍ତି। ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଚାଲୁ ରହିଥିବା ବେଳେ, ଗତ ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ମଞ୍ଜୁର ହୋଇଛି । ରାଜ୍ୟ ସରକାର ମଧ୍ୟ ୫ ବର୍ଷରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ସଂକଳ୍ପ କରିଛନ୍ତି । ନୂଆ ଏୟାରପୋର୍ଟ, ହେଲିପୋର୍ଟ, ବନ୍ଦର ଆଦି ନିର୍ମାଣ କରାଯାଇ ଓଡ଼ିଶାକୁ ସଡ଼କ ପଥ, ରେଳପଥ, ଜଳପଥ ଓ ଆକାଶପଥ- ସବୁ ସମ୍ଭାବିତ ମାର୍ଗରେ ବିଶ୍ୱସ୍ତରୀୟ ଯୋଗାଯୋଗ ଦ୍ୱାରା ପୂର୍ବ ଭାରତର ଗେଟ୍-ୱେ କରିବା ପାଇଁ ଆମ ସରକାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରିଛନ୍ତି । କ୍ୟାପିଟାଲ ରିଜିଅନ ରିଂଗ ରୋଡ , ଭୁବନେଶ୍ୱର -କଟକ-ପୁରୀ -ପାରାଦୀପ ଇକୋନୋମିକ ରିଜିଅନ ଜରିଆରେ ଏହି ଅଞ୍ଚଳକୁ ଦେଶର ଏକ ଗ୍ରୋଥ ହବ୍ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି । ଓଡ଼ିଶା ଏବେ କେବଳ ଦେଶ ନୁହେଁ, ସାରା ବିଶ୍ୱର ଶିଳ୍ପ ସଂସ୍ଥା ଓ ନିବେଶକ ମାନଙ୍କର ଆସ୍ଥାର ପାତ୍ର ହୋଇଛି । ଓଡ଼ିଶାକୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଛି । ତନ୍ମଧ୍ୟରୁ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଙ୍ଗ୍ ହୋଇ ସାରିଛି । ଏହାଦ୍ୱାରା ପ୍ରାୟ ୨ ଲକ୍ଷ ନିଯୁକ୍ତି ଆମେ ସୃଷ୍ଟି କରିସାରିଛୁ ।

ସେ ଆହୁରି ମଧ୍ୟ କହିଥିଲେ ଯେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ମଧ୍ୟ ଆମ ସରକାର ଯେଉଁ ପଦକ୍ଷେପ ନେଇଛି, ତାହା ନିଶ୍ଚିତ ଭାବେ ପୂର୍ବରୁ କେହି କେବେ ଦେଖି ନାହାନ୍ତି । କୋଟିଏ ମା'ଙ୍କ ଆକାଉଣ୍ଟକୁ ବର୍ଷକୁ ୧୦ ହଜାର କୋଟି ଟଙ୍କା ଯାଉଛି । ୧୭ ଲକ୍ଷ ଲକ୍ଷପତି ଦିଦି ହେଉଛନ୍ତି ଆମ ମହିଳା ସଶକ୍ତିକରଣର ଏକ ସୁଦୃଢ଼ ପରିଚୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶାସକ ଦଳ ପକ୍ଷରୁ ଆଲୋଚନାରେ ବିଧାୟକ ଟଙ୍କଧର ତ୍ରିପାଠୀ, ଇରାଶିଷ ଆଚାର୍ଯ୍ୟ, ପ୍ରତାପ ଚନ୍ଦ୍ର ନାଏକ ଓ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଭାଗ ନେଇଥିଲେ ।

## ମାଗଣା ସୁବିଧା...

କାଲକୁଲେସନ୍ ଆଉଥରେ କରିବାକୁ ପଡୁଛି । କେବଳ ତାମିଲନାଡୁ ନୁହେଁ, ଦେଶର ଅଧିକାଂଶ ରାଜ୍ୟ ନିଅଣ୍ଟିଆ ବଜେଟ୍‌ରେ ଚାଲୁଛନ୍ତି, ତଥାପି ସେମାନେ ବିକାଶମୂଳକ କାର୍ଯ୍ୟକୁ ଅଣଦେଖା କରି ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଯେଉଁମାନେ ବିଜୁଳି ବିଲ୍ ଦେଇପାରିବେ ନାହିଁ, ସେମାନଙ୍କୁ କଲ୍ୟାଣକାରୀ ଯୋଜନା ଅଧୀନରେ ଆଶ୍ୱସ୍ତି ପ୍ରଦାନ କରିବା ଗ୍ରହଣୀୟ। କିନ୍ତୁ ସକ୍ଷମ ଓ ଅକ୍ଷମଙ୍କ ମଧ୍ୟରେ ପାର୍ଥକ୍ୟ ନକରି ସମସ୍ତଙ୍କୁ ମାଗଣା ସୁବିଧା ଦେବା- ଏହା କ'ଣ ରାଜନୈତିକ ତୁଷ୍ଟୀକରଣ ନୀତି ନୁହେଁ କି?

ସୂଚନାଯୋଗ୍ୟ ଯେ, ତାମିଲନାଡୁ ପାୱାର ଡିଷ୍ଟ୍ରିବ୍ୟୁସନ କର୍ପୋରେସନ ପକ୍ଷରୁ ଦାୟର ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁଣାଣି କରୁଥିଲେ । କମ୍ପାନୀ ୨୦୨୪ ବିଦ୍ୟୁତ (ସଂଶୋଧନ) ନିୟମାବଳୀ ଧାରା ୨୩କୁ ଚ୍ୟାଲେଞ୍ଜ କରିଛି । ଯେଉଁଥିରେ ଉପଭୋକ୍ତାଙ୍କ ଆର୍ଥିକ ସ୍ଥିତି ନିର୍ବିଶେଷରେ ସମସ୍ତଙ୍କୁ ମାଗଣା ବିଜୁଳି ଦେବାକୁ ପ୍ରସ୍ତାବ ଦିଆଯାଇଛି । ରାଜ୍ୟ ସରକାର ଘରୋଇ ଗ୍ରାହକଙ୍କୁ ପ୍ରତି ଦୁଇମାସରେ ପ୍ରାୟ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ବିନା କୌଣସି ସର୍ତ୍ତରେ ପ୍ରଦାନ କରୁଛନ୍ତି । ଅର୍ଥାତ ଉପଭୋକ୍ତା ଯେତେ ବିଜୁଳି ବ୍ୟବହାର କଲେ ମଧ୍ୟ ପ୍ରଥମ ୧୦୦ ୟୁନିଟ ପାଇଁ ସେମାନଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼େ ନାହିଁ। ଏହି ମାମଲାରେ କୋର୍ଟ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି । ବିଜୁଳି ଦର ଘୋଷଣା କରିବା ପରେ ତାମିଲନାଡୁ କମ୍ପାନୀ କାହିଁକି ହଠାତ୍ ମାଗଣା ବିଜୁଳି ଦେବାକୁ ନିଷ୍ପତ୍ତି ନେଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି ।

## ସୋର ତହସିଲଦାରଙ୍କୁ...

କିଛି ଦିନ ତଳେ ବାଗୁଡ଼ି ପଥର ଖାଦାନରୁ ପଥର ଚୋରି ହେଉଥିବା ନେଇ ତହସିଲଦାର ଶ୍ରୀ ମଲ୍ଲିକ ଖବର ପାଇଥିଲେ । ଗତ ୧୧ ତାରିଖରେ ତହସିଲଦାର ସଦଳବଳେ ସେଠାରେ ଚଢ଼ଉ କରି ୫ଟି ବେଆଇନ ପଥର ବୋଝେଇ ଟ୍ରକକୁ ଜବତ କରିଥିଲେ । କିନ୍ତୁ, ପରବର୍ତ୍ତୀ ସମୟରେ ଟ୍ରକ୍‌ଗୁଡ଼ିକୁ ଛାଡ଼ିବାକୁ ତହସିଲଦାର ଶ୍ରୀ ମଲ୍ଲିକ ଟ୍ରକ୍ ମାଲିକଙ୍କୁ ୧ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ଟଙ୍କା ନଦେଲେ ଗାଡ଼ିଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରିଦେବେ ଏବଂ ସେଠାରେ ଅଧିକ ଜରିମାନା ଦେବାକୁ ପଡ଼ିବ ବୋଲି କହି ଧମକାଇଥିଲେ । ଏ ସଂପର୍କରେ ଟ୍ରକ୍ ମାଲିକ ଗତ ୧୨ତାରିଖରେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା । ପ୍ରଥମେ ଭିଜିଲାନ୍ସ ତହସିଲଦାର ଓ ଟ୍ରକ୍ ମାଲିକ ମଧ୍ୟରେ ମୂଲଚାଲର ଫୋନ୍ ବାର୍ତ୍ତାଳାପ ରେକର୍ଡିଂ କରିଥିଲା । ୪୦ ହଜାର ଟଙ୍କାରେ କଥା ଛିଡ଼ିଥିଲା । ଏହି ଲାଞ୍ଚ ଟଙ୍କା ଟ୍ରକ ମାଲିକ ଆସୋସିଏସନ୍‌ର ଉପସଭାପତି ଦୟାନିଧି ଜେନାଙ୍କ ମାଧ୍ୟମରେ ଦେବାକୁ ତହସିଲଦାର ଶ୍ରୀ ମଲ୍ଲିକ କହିଥିଲେ । ଆଜି ତହସିଲ ଅଫିସ୍ ପରିସରରେ ତହସିଲଦାର ଦୟାନିଧିଙ୍କଠାରୁ ଉକ୍ତ ୪୦ହଜାର ଲାଞ୍ଚ ଟଙ୍କା ନେବା ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ୬ଜଣ ଅଧିକାରୀ ଦୁହିଁଙ୍କୁ କାବୁ କରିନେଇଥିଲେ। ପରେ ଦୁହିଁଙ୍କୁ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ଭିଜିଲାନ୍ସ ତହସିଲଦାରଙ୍କୁ ଗିରଫ କରିଥିବା ବେଳେ ଦୟାନିଧିଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ଜଣାପଡ଼ିଛି । ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତହସିଲଦାର ଶ୍ରୀ ମଲ୍ଲିକଙ୍କ ସୋରସ୍ଥିତ ସରକାରୀ କାର୍ଯ୍ୟାଳୟ, ସୋରସ୍ଥିତ ଭଡ଼ାଘର ଏବଂ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଭଡ଼ା ଘରେ ଏକକାଳୀନ ଚଢ଼ଉ କରିଛି । ଏନେଇ ବାଲେଶ୍ୱର ଭିଜିଲାନ୍ସରେ ୫/୨୬ରେ ଏକ ମାମଲା ରୁଜୁ କରାଯାଇଛି ।

ଭିଜିଲାନ୍ସ ଏସ୍‌ପି ଅରୁଣ କୁମାର ନାୟକଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ଉରେ ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ସିକନ୍ଦର ହେମ୍ବ୍ରମ, ଦୁଷ୍ମନ୍ତ ନାୟକ, ଇନ୍ସପେକ୍ଟର ରବୀନ୍ଦ୍ର ସାହୁ, ଚିତ୍ରଗୁପ୍ତ ଚମ୍ପତିଙ୍କ ସମେତ ୬ ଜଣିଆ ଭିଜିଲାନ୍ସ ଟିମ୍ ସାମିଲ ଥିଲେ । ଖବର ଲେଖା ହେବା ବେଳକୁ ୩ଟି ସ୍ଥାନରେ ଚଢ଼ଉ ଜାରି ରହିଛି ।

## ଏଆଇରେ ୧୦ ଲକ୍ଷ କୋଟି...

କ୍ଷୁଦ୍ର ବ୍ୟବସାୟ, ସ୍କୁଲ, ହସ୍ପିଟାଲ୍ ଓ ଚାଷଜମି ପର୍ଯ୍ୟନ୍ତ ପହଞ୍ଚିପାରିବ । ଜିଓ ଏଆଇ ଭାରତୀୟ ଭାଷାମାନଙ୍କରେ କାମ କରିବ, ଯାହା ଫଳରେ ଚାଷୀ, ଯୁବକ, ଛାତ୍ରଛାତ୍ରୀ ଓ ଛୋଟ ବ୍ୟବସାୟୀମାନେ ନିଜ ଭାଷାରେ ଏହାର ଲାଭ ନେଇପାରିବେ । ଏହି କ୍ରମରେ ଶିକ୍ଷା ପାଇଁ ଜିଓ ଶିକ୍ଷା ଏଆଇ, ସ୍ୱାସ୍ଥ୍ୟ ପାଇଁ ଜିଓ ଆରୋଗ୍ୟ ଏଆଇ, କୃଷି ପାଇଁ ଜିଓ କୃଷି ଏବଂ ସାଧାରଣ ବ୍ୟବହାର ପାଇଁ ଜିଓ ଭାରତ ଆଇକ୍ୟୁ ପରି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି, ଯାହା ସ୍ଥାନୀୟ ଭାଷାରେ ଏଆଇ ଆଧାରିତ ସହାୟତା ଉପଲବ୍ଧ କରାଇବ ।

ଅମ୍ବାନୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ, ଯଦି ପ୍ରଯୁକ୍ତି ସୁଲଭ ଏବଂ ଦେଶର ଆବଶ୍ୟକତା ଅନୁରୂପ ବିକଶିତ କରାଯିବ ତେବେ ଭାରତ ଏକବିଂଶ ଶତାବ୍ଦୀରେ ଅଗ୍ରଣୀ ଏଆଇ ଶକ୍ତି ହୋଇପାରିବ ।

## ୩୦୦ ମ୍ୟୁଲ ଆକାଉଣ୍ଟରେ...

ରହିଛି । ଏହି ଘଟଣାରେ ମୋଟ ୫୨ ଜଣଙ୍କୁ ଅଟକ ରଖାଯାଇଛି । ସାଇବର ଠକେଇରେ ସମ୍ପୃକ୍ତ ଥିବା ୨୦ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଅନ୍ୟ ୩୨ ଜଣଙ୍କୁ ନୋଟିସ ଦେଇ ତଦନ୍ତ ପରିସରଭୁକ୍ତ କରାଯାଇଛି ।

ଅପରସେନ ସାଇବର କବଚରେ ଜିଲ୍ଲାର ସଦର ଥାନାରେ ୩, ଟାଉନ ଥାନାରେ ୫, ଅଇଁଠାପାଲି ୫, ବୁର୍ଲା ୩, କ୍ଷେତରାଜପୁରରେ, ରେଙ୍ଗାଲି, ରେଢାଖୋଲ ଓ କତରବଗା ଥାନାରେ ଗୋଟାଏ ଲେଖାଏଁ ମାମଲା ରୁଜୁ ହୋଇଛି । ଅଟକ ୫୨ଜଣଙ୍କ ବ୍ୟାଙ୍କ ଖାତାରେ ୭୫ କୋଟିରୁ ଅଧିକ ଟଙ୍କା ଟ୍ରାଞ୍ଜାକ୍ସନ୍ ହୋଇଛି । ଲୋକେ ଟିକେ ଅସାବଧାନ ହେଲେ ବ୍ୟାଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ଏହି ସାଇବର ଲୁଟେରା ଆଖି ପିଛୁଳାକେ ଲୁଟି ନେଉଛନ୍ତି । ତେଣୁ ଲୋକେ ସାବଧାନ ନ ହେଲେ ଏହି ରାକେଟରେ ରୋକ ଲାଗିପାରିବନି ବୋଲି ସମ୍ବଲପୁର ଏସପି କହିଛନ୍ତି ।

## ବିନା ଫିଟନେସରେ...

ପ୍ରମାଣ ପତ୍ର ବା ପିୟୁସିସି ଗତ ଡିସେମ୍ବର ୨୨ ତାରିଖରୁ ସରିଗଲାଣି ବୋଲି ସୂଚନା ଦିଆଯାଇଛି। ତେବେ ଏହି ତଥ୍ୟ ସହ ଏଣିକି ବିନା ଫିଟ୍‌ନେସ୍‌ରେ ଗାଡ଼ି ଚଳାଚଳ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସ୍କୁଲ ବସର ଫିଟନେସ ଓ ପିୟୁସିସି ଆବଶ୍ୟକ । ଏସବୁର ଯାଞ୍ଚ ହେବ । କିଛି ଗାଡି ଉପରେ କାର୍ଯ୍ୟାନୁଷ୍ଠାନ ହେଲାଣି । ବାରମ୍ବାର ଅମାନିଆ ହେଲେ ସେହି ଗାଡିଗୁଡିକର ଆର୍‌ସି ବାତିଲ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି ।

## ରଙ୍ଗ ଗେରୁଆ...

ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଯାହା ୨୦୨୪-୨୫ରେ ଅଭିବୃଦ୍ଧି ୭.୨% ଏବଂ ଜାତୀୟ ହାର ୭.୪%ଠାରୁ ଅଧିକ। ମୁଣ୍ଡପିଛା ଆୟ କ୍ଷେତ୍ରରେ ମଧ୍ୟ ରାଜ୍ୟ ଜାତୀୟ ହାର ସହିତ ରହିଥିବା ଏହା ଆୟ ବ୍ୟବଧାନକୁ ସ୍ଥିର ଭାବରେ ହ୍ରାସ ଘଟାଇବାରେ ଲାଗିଛ, ଯାହା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତିକୁ ପ୍ରତିଫଳିତ କରିଛି । ଓଡିଶା ପାଇଁ ଶିଳ୍ପ ଅଭିବୃଦ୍ଧି ପ୍ରମୁଖ ବାହକ ହୋଇଛି । ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟରେ ଶିଳ୍ପ କ୍ଷେତ୍ରର ଯୋଗଦାନ ୪୧.୩ ପ୍ରତିଶତ ରହିଛି, ଯାହାର ମୂଲ୍ୟ ୩.୬ ଲକ୍ଷ କୋଟି ଟଙ୍କା। ଶିଳ୍ପ କ୍ଷେତ୍ରରେ ରାଜ୍ୟ ୬.୪% ପ୍ରତିଶତ ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଉତ୍ପାଦନ ଜାତୀୟ ହାରଠାରୁ ୮.୩ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି। ୨୦୨୫ରେ ରାଜ୍ୟ ୫.୬୬ ଲକ୍ଷ କୋଟିର ନିବେଶ ସହିତ ୨୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯାହା ୩.୩୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରଖିଛି ।

ରିପୋର୍ଟ ଅନୁସାରେ ଓଡ଼ିଶା ତାର ଦୃଢ଼ ବିତ୍ତୀୟ ଶୃଙ୍ଖଳାକୁ ବଜାୟ ରଖିଛି । ରାଜ୍ୟର ଋଣ-ଜିଏସ୍‌ଡିପି ଅନୁପାତ ୧୩.୬ ପ୍ରତିଶତ ରହିବା ନେଇ ବଜେଟରେ ଆକଳନ କରାଯାଇଛି। ପୁଞ୍ଜି ବ୍ୟୟ ଜିଏସ୍‌ଡିପିର ୬.୬ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଦ୍ଧିତ ନିବେଶ, ଦୃଢ଼ ଶିଳ୍ପ ଅଭିବୃଦ୍ଧି, ଉନ୍ନତ ଭିତ୍ତିଭୂମି ଏବଂ ବିଚକ୍ଷଣ ଆର୍ଥିକ ପରିଚାଳନା ରାଜ୍ୟକୁ ଆଗାମୀ ବର୍ଷଗୁଡ଼ିକରେ ନିରନ୍ତର ଉଚ୍ଚ ଅଭିବୃଦ୍ଧି ଏବଂ ସାଂରଚନିକ ପରିବର୍ତ୍ତନ କ୍ଷେତ୍ରରେ ଲାଭଦାୟକ ହେବ ବୋଲି ସର୍ଭେରେ କୁହାଯାଇଛି । ଡିଜିଟାଲ୍ ଅର୍ଥନୀତିର କେନ୍ଦ୍ର ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ବିଶ୍ୱସ୍ତରୀୟ କ୍ଷମତା କେନ୍ଦ୍ର ଭଳି ଉଦୀୟମାନ କ୍ଷେତ୍ର ଉପରେ ସରକାରଙ୍କ ଧ୍ୟାନକୁ ସର୍ଭରେ ଉଲ୍ଲେଖ କରାଯାଇଛି । ରାଜ୍ୟର କୃଷି କ୍ଷେତ୍ର ସ୍ଥିର ରହିଛି, ଅର୍ଥନୀତିକୁ ଏହାର ଯୋଗଦାନ ୧୯.୬ ପ୍ରତିଶତ ରହିଛି, ଯାହା ଜାତୀୟ ହାର ୧୬.୮ ପ୍ରତିଶତଠାରୁ ଅଧିକ । ଏହି କ୍ଷେତ୍ର ୫.୩ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି। ସେହିପରି ୯୨.୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି, ଯାହା ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ସବ୍‌ସିଡି ମାଧ୍ୟମରେ ପ୍ରାୟ ୨୦ ଲକ୍ଷ ଚାଷୀଙ୍କୁ ଲାଭ ଦେଇଛି। ରାଜ୍ୟ ଏହାର ଜଳସେଚନ କ୍ଷମତାକୁ ୭୪.୨ ଲକ୍ଷ ହେକ୍ଟରକୁ ବୃଦ୍ଧି କରିଛି। ଓଡିଶାର ରେଳ ନେଟୱର୍କ ବଢ଼ିଛି। ରାଜ୍ୟକୁ ଚଳାଚଳ କରୁଥିବା ବିମାନ ସଂଖ୍ୟା ୧୨୦୦କୁ ବୃଦ୍ଧି ପାଇଛି। ବନ୍ଦର କ୍ଷମତା ମଧ୍ୟ ବୃଦ୍ଧି ପାଇଛି। ଦେଶର ମୋଟ ମାଲ ପରିବହନର ପ୍ରାୟ ୧୮% ପାରାଦୀପ ବନ୍ଦର ଜରିଆରେ ହେଉଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି

## ଦୁଇ ଦିନରେ...

ଲକ୍ଷ୍ୟ ବୋଲି ଉଲ୍ଲେଖ କରିଥିଲେ। ମାତ୍ର ଦୁଇଦିନ ପରେ ରାଜ୍ୟ ସରକାର ବିଧାନସଭାରେ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟର ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ୭ ହଜାର ବୃଦ୍ଧି ପାଇ ୧.୮୭ ଲକ୍ଷ ଟଙ୍କାରେ ପହଞ୍ଚିଛି । ରିପୋର୍ଟରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟରେ ମୁଣ୍ଡପିଛା ଆୟ ୧.୮୭ ଲକ୍ଷ ଥିବା ଉଲ୍ଲେଖ ରହିଛି । ତେବେ ମାତ୍ର ଦୁଇଟି ଦିନ ବ୍ୟବଧାନରେ ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ୭ ହଜାର ଟଙ୍କା କିପରି ବଢ଼ିଗଲା ତାହା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି ।

### ସଂଶୋଧନ

ତା.୧୯.୦୨.୨୦୨୬ରିଖରେ ସମ୍ବାଦପତ୍ର 'ସକାଳ'ରେ ମୋ ନାମରେ ପ୍ରକାଶିତ "ହଜିଛି" ସ୍ତମ୍ଭରେ ମୋର ନାମକୁ ଶ୍ରୀମତୀ ରେଖା ଦାଶ ପରିବର୍ତ୍ତେ **ଶ୍ରୀମତୀ ରଶ୍ମୀ** ରେଖା ଦାଶ ପଢ଼ିବାକୁ ଅନୁରୋଧ ।


**WANTED**

A well-established firm invites applications for the following positions:

1. **Senior Accountant - (1 No.)** Experience : 10 yrs. above
2. **Junior Accountant - (1 No.)** Experience : 2-5 yrs. above
3. **Supervisor - (2 Nos.)** Experience : 2-5 yrs. above
4. **Sales Executive - (1 No.)** Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707


### OFFICE OF THE EXECUTIVE ENGINEER RWS&S DIVISION, RAIRANGPUR

25001/200/2526

Email:-eerwss_rai@nic.in, eerwss.rai@gmail.com

QUOTATION CALL NOTICE NO- 03 OF 2025-26

The Superintending Engineer, RWS&S Division, Rairangpur on behalf of Government of Odisha invites sealed Quotation for the following works as stated below from authorized dealer/ Distributor / Supplier under following terms and conditions.

| | | |
|---|---|---|
| 1 | Nature of work | ISI marked steel tubes used in water wells of type electric resistance welder (ERW) confirming to IS-4270/2001 with subsequent amendments if any having length of 3.05 mtrs cutting tolerance (-0.00mtr. + 0.05 mtr) and both sides beveled. The angle of bevel shall be 15º in one end and 45º in other end. Nominal Bore 5" (125 mm dia) ERW MS Casing Pipe having wall thickness 5.40 mm |
| 2 | No of item | 1 (One) |
| 3 | The Quotation document will be available in O/o The Superintending Engineer, RWS&S, Division, Rairangpur | From 23.02.2026 (10 AM) to 05.03.2026 (5.00 PM) |
| 4 | Last date and time for submission of Quotation papers in the Quotation box kept in the O/o the Superintending Engineer, RWS&S, Division, Rairangpur | Dt- 06.03.2026 up to 5:00 PM |
| 5 | Date and time of opening of Quotation | Dt. 07.03.2026 at 11.00 AM in the Office of Superintending Engineer, RWS&S, Division, Rairangpur |

Subsequent corrigendum if any shall appear in the office notice board of the undersigned.

OIPR-25001/25010/1/25-26/0017

Superintending Engineer RWS&S Division, Rairangpur

### GOVERNMENT OF ODISHA OFFICE OF THE PANCHAYAT SAMITI, JODA

19001/37/2526

*NOTICE INVITING TENDER e-Procurement*

*Online Bid ID No. 02 -Joda (KJR/ 2025-2026)*

The Block Development Officer, Joda, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 4 (Four) Nos. |
| Estimated Cost | Rs. 65.93 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 08 (Eight) calendar months |
| Availability of Bid Documents | From 07.03.2026 to 18.03.2026 during office hours in Website (www.tenderorissa.gov.in) |
| Period of receipt of Bid through online | From 07.03.2026 to 18.03.2026 through online. |
| Date of Opening of Technical Bid Documents | At 11.00 A.M. on 19.03.2026 in the office chamber of the Panchayat Samiti, Joda, Keonjhar |
| Date of Lottery | At 11.00 A.M. on 24.03.2026 in the office chamber of the Panchayat Samiti, Joda, Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT: | the Panchayat Samiti, Joda, Keonjhar At/Po-Banaikala, Dist- Keonjhar Pin-758038. E-Mail ori-joda@nic.in |

Further Details can be seen from the web site : www.tendersorissa.gov.in

OIPR-19001/19122/1/25-26/0001

Block Development Officer Joda, Block

### NOTICE INVITING TENDER

13001/301/2526

OFFICE OF THE MUNICIPAL COUNCIL, NAYAGARH
NAYAGARH(ODISHA), PIN-752069
e-Mail: nacnayagarh@yahoo.co.in
Tender Call Notice No. 357 dt. 16.02.2026
E-Procurement Notice No.

| | | |
|---|---|---|
| 1 | Name of the Work | Supplying, Installation, Testing and Commissioning of Decorative Lights at Balangi Park and other places in Nayagarh Municipality. |
| | | Holder of MV/HT License of ELBO with Authorized Dealer |
| 2 | Class of Bidder | |
| 3 | Nos. of Tender | 01no. |
| 4 | Date of Publication | Dt.17.02.2026 |
| 5 | Date and Time of availability of Document | From Dt.18.02.2026 at 10.00 AM to Dt.06.03.2026 up to 5.00 PM |
| 6 | Last date of submission of original documents in this office | On or before 5.00 P.M. on Dt.10.03.2026 by Registered Post / Speed Post (Not allowed in other mode) |
| 7 | Date and Time of opening Bid | Dt.11.03.2026 at 11.30 AM at Municipality Office, Nayagarh |
| 8 | Address and address of the office inviting bid | -Sd- Executive officer, Nayagarh Municipality |

OIPR-13001/13134/1/25-26/0017

Executive officer, Nayagarh Municipality

### OFFICE OF THE NOTIFIED AREA COUNCIL, TARBHA

13001/295/2526

"e" Procurement Notice

BID Identification No: TRV-NAC-03/2025-26
TENDER ID: 2026_ORULB_126021
Tender Call Notice No. 198 / Date 13.02.2026

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of works : 09 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date &Time of Bidding : From Dt.16.02.2026 from 11.00 A.M.
6. Last Date & Time for Receipt of tenders through online : On or before Dt.26.02.2026 up to 05.00 PM
7. Bids received online shall be opened on : On Dt.27.02.2026 at 11.00 AM
8. Name and address of the Officer inviting Bid : Executive Officer,Tarbha NAC

Further details can be seen from the procurement portal i.e. www.tendersodisha.gov.in

OIPR-13001/13199/1/25-26/0036

Executive Officer Tarbha NAC

### ସାର୍ବଜନୀନ ସୂଚନା

ଏହା ଘୋଷଣା କରାଯାଉଛି ଯେ, ଜି.ଏ. ପ୍ଲଟ୍ ନଂ.ଡି–୨୩ (ଅଂଶ) ସମ୍ବନ୍ଧୀୟ ଦିନାଙ୍କ ୧୧.୦୩.୨୦୨୨ ରେ କରାଯାଇଥିବା ଏକ ରେଜିଷ୍ଟର୍ଡ ବିକ୍ରୟପତ୍ର, ଡକ୍ୟୁମେଣ୍ଟ ନଂ. ୧୧୦୮୨୨୦୩୫୮୫, ଯାହା ଶ୍ରୀ ଧନୁଷଧାରୀ ମିଶ୍ର ଓ ଆର୍.ସି.ବି.ଇନ୍ଫ୍ରା ପ୍ରାଇଭେଟ ଲିମିଟେଡ୍ (RCB Infra Pvt. Ltd.) ମଧ୍ୟରେ, ତାଙ୍କ ଅଧିକୃତ ସ୍ୱାକ୍ଷରକାରୀ ଶ୍ରୀ ତାପସ କୁମାର ସ୍ୱାଇଁ ମାଧ୍ୟମରେ ସମ୍ପାଦିତ ହୋଇଥିଲା, ଅଜାଣତରେ ହଜିଯାଇଛି ।

ଏହି ପରିସ୍ଥିତିରେ ସାଧାରଣ ଜନସାଧାରଣଙ୍କୁ ଜଣାଯାଉଛି ଯେ, ଉକ୍ତ ଡକ୍ୟୁମେଣ୍ଟନଂ. ୧୧୦୮୨୨୦୩୫୮୫ ବର୍ତ୍ତମାନ ହଜିଯାଇଛି ଏବଂ କୌଣସି ପକ୍ଷଙ୍କ ନିକଟରେ ଉପଲବ୍ଧ ନାହିଁ । ଏହା ସମ୍ବନ୍ଧରେ ଶ୍ରୀ ତୁଷାର ରଞ୍ଜନ ନନ୍ଦ, ଯିଏ ଦିନାଙ୍କ ୦୪.୧୦.୨୦୨୫ ଠାରୁ ଉକ୍ତ ପ୍ଲଟ୍‌ର ପରବର୍ତ୍ତୀ କ୍ରେତା, ବଡ଼ଗଡ଼ ଥାନାରେ ଏକ ଏଫ୍‌ଆଇଆର ଦାଖଲ କରିଛନ୍ତି ।

ଯଦି କାହାରି ପାଖରେ ଉକ୍ତ ହରାଇଯାଇଥିବା ଡକ୍ୟୁମେଣ୍ଟ ସମ୍ବନ୍ଧରେ କୌଣସି ସୂଚନା ରହିଥାଏ, ଦୟାକରି ବଡ଼ଗଡ଼ ଥାନା କିମ୍ବା ଏମ୍/ଏସ୍. ଟି.ଏମ୍. କନ୍‌ଷ୍ଟ୍ରକ୍ସନ୍ସ, (M/s. TM Constructions) ଠିକଣା: ଡି-୨୦, ବି.ଜେ.ବି. ନଗର, ଭୁବନେଶ୍ୱର -୭୫୧୦୧୪ ସହିତ ଯୋଗାଯୋଗ କରିବେ । ଡକ୍ୟୁମେଣ୍ଟ ମିଳିଲେ ତାହା ଜମାକରିବେ ବୋଲି ଶ୍ରୀନନ୍ଦ ଦାୟିତ୍ୱଗ୍ରହଣ କରିଛନ୍ତି ଏବଂ ସମ୍ପତ୍ତି ରେକର୍ଡ ସୁରକ୍ଷା ପାଇଁ ସାଧାରଣ ଲୋକଙ୍କ ସହଯୋଗ ଅଭିଳାଷା କରୁଛନ୍ତି ।

ଯଦି କୌଣସି ବ୍ୟକ୍ତିଙ୍କର ଏହା ସମ୍ବନ୍ଧରେ କୌଣସି ଆପତ୍ତି ଥାଏ, ତେବେ ଶ୍ରୀ ତ୍ରିଲୋଚନ ପୃଷ୍ଟି, ଅଧିବକ୍ତାଙ୍କ ସହିତ ମୋବାଇଲ୍ ନଂ. ୮୨୪୯୬୭୬୫୨୭ ରେ ୩୦ ଦିନ ମଧ୍ୟରେ ଯୋଗାଯୋଗ କରିବେ ।


**VEHICLE FOR SALE**

1. LEYLAND 3118 TRUCK , Model - 2017, Registration No-OD-21-F-4905, in as is where is condition, Contact: M/S Sundaram Finance Limited, BHUBANESWAR BRANCH, Ph:0674-2544772 within 7 days

**WANTED**

A well-established firm invites applications for the following position

**Tele Sales Executive**

Out Bound Uk process

Good English Speaking

Salary: 10k to 20k depend upon experience

Interested candidates can send their CV to Email: pin24u@gmail.com

9776245778 7752003261

Location: Bhubaneswar


### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. MCSW-Brake-Van-25-26-29

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଏବଂ ୱାଲ୍ଟିୟର ମଣ୍ଡଳରେ ନିର୍ଦ୍ଦିଷ୍ଟକାଳିକ ଓଭରହଲିଙ୍ଗ ସମୟରେ ବ୍ରେକ୍ ଭ୍ୟାନଗୁଡ଼ିକରେ ସମନ୍ୱୟ ଯୋଗ୍ୟ ଗାର୍ଡ ଚେୟାର ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧାଗୁଡ଼ିକର ବ୍ୟବସ୍ଥା ଏବଂ ବ୍ରେକ୍ ଭ୍ୟାନଗୁଡ଼ିକର ଉନ୍ନତୀକରଣ ।

**ବିଜ୍ଞାପିତ ମୂଲ୍ୟ :** ₹ 9,40,51,120.50, EMD : ₹ 6,20,300/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.02.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.03.2026ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର

PR-1138/Q/25-26

### AFFIDAVIT

**Jyostnarani Panda,** W/o: Saroj Kumar Panda, Resident At/ PO: Ekadal, Chandrapur, PS: Kanpur-754037, Odisha, declare by this Affidavit No: 4034, Date: 17.02.2026, that now onwards I shall be known as **Jyotsnarani Panda** for all future purposes.

### AFFIDAVIT

By virtue of an affidavit sworn before **Executive Magistrate, Rayagada, dtd 19.02.2026,** I, **Sri Gopinath Kulisika,** resident of Vill- Nimjhola, P.O.- Majhiguda, P.S.- Kalyansinghpur, Dist-Rayagada, Odisha-765017, hereby declare that the name of my minor daughter has been changed from "Rani Karkaria" to "Sameer Kulisika". Henceforth, she shall be known as **"Sameer Kulisika"** for all purposes.

**Sri Gopinath Kulisika**

### AFFIDAVIT

By virtue of an affidavit sworn before **Executive Magistrate, Rayagada, dtd 19.02.2026,** I, **Sri Madan Karkaria,** resident of Vill-Nimajhola, P.O.- Majhiguda, P.S.- Kalyansinghpur, Dist-Rayagada, Odisha-765017, hereby declare that the name of my minor daughter has been changed from "Rani Karkaria" to "Estar Karakaria". Henceforth, she shall be known as **"Estar Karakaria"** for all purposes.

**Sri Madan Karkaria**

### AFFIDAVIT

By virtue of an affidavit sworn before **Notary public Bhubaneswar on dated 18.02.2026,** I, **Pradeep Kumar Jena**, resident of At-Baulachauka, Po-Jopan, PS-Balanga, Rudradeipur, Dist-Puri, Odisha, Pin-752105 declare that I have changed my name from **Pratap Kumar Jena to Pradeep Kumar Jena.** Henceforth, I shall be known as **PRADEEP KUMAR JENA** for all purposes.

**(PRADEEP KUMAR JENA)**

### AFFIDAVIT

I, Lalchand Jain, S/o- Dhanraj Jain @ Bucha, resident Meria Bazar, Dist- Cuttack, PIN-753001, Odisha declare by this affidavit No. 27, dtd- 19/02/2026 that now onwards I shall be known as **LALCHAND JAIN** for all future purpose. Henceforth, **Lalchand Jain** and **Rakesh Jain** is the same and one person who is myself.

### AFFIDAVIT

By virtue of an affidavit sworn before Executive Magistrate Kanas, No- 579, dated-17/2/2026. I, Sri **Prakash kumar Jena,** resident of At-Khuntiabanpur, Po- Olhan, Ps- Gadisagoda, Block-Kanas, Dist- Puri, Odisha, Pin- 752019 declare that I have changed the name of my Son's from **Abhinna Jena** to **Abhin Kumar Jena.** Henceforth, he shall be known as **Abhin Kumar Jena** for all purpose.

**Prakash Kumar Jena**

### ଚାଷୀଙ୍କ ଅଭିନବ ପ୍ରତିବାଦ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ରୋଷେଇ କରି ଦାବି ଜଣାଇଲେ

**ଝାରସୁଗୁଡ଼ା, ୧୯।୨(ସମିସ)**

ଧାନ ବିକ୍ରି ସମସ୍ୟାର ସମାଧାନ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପରିଲକ୍ଷିତ ହୋଇଛି । ଚାଷୀ ଚାଷ କରିବା ପରିବର୍ତ୍ତେ ଧାନ ବିକ୍ରି ପାଇଁ ଚିନ୍ତାରେ ରହିଛନ୍ତି । ଏନେଇ ପ୍ରଶାସନ ନିକଟରେ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅନୁରୋଧ କରିଛନ୍ତି । ଧାନ ବିକ୍ରି ସମସ୍ୟା ସହିତ ସମ୍ପୂର୍ଣ୍ଣ ଟାର୍ଗେଟ ଦାବି କରି ଗୁରୁବାର ସକାଳେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଉପାୟରେ ଚାଷୀ ଆନ୍ଦୋଳନ କରିଛନ୍ତି ।

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ରେମତା ଓ କଣ୍ଡେଇକେଲା ସମବାୟ ସମିତିର ଚାଷୀ ମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ରୋଷେଇ କରି ଖାଇଛନ୍ତି । ରେମତା ଓ କଣ୍ଡେଇକେଲା ପଞ୍ଚାୟତର ମୋଟ ୫୭୮ ଚାଷୀ ରେମତା ସମବାୟ ସମିତିରେ ପଞ୍ଜିକୃତ ହୋଇଛନ୍ତି । ତେବେ ବର୍ତ୍ତମାନ ଯାଏ ୫୦୨ ଚାଷୀ ୧୮୮୯୫ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି । ୭୬ ଜଣ ଚାଷୀଙ୍କ ୧୧୭ଟି ଟୋକନ ଦିଆଯାଇ ନାହିଁ । ସମବାୟ ସମିତିରେ ୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରିର ଟାର୍ଗେଟ ଅଛି ଓ ମାତ୍ର ଯୋଗାଣ ବିଭାଗ ମାତ୍ର ୧୫ଶହ କ୍ୱିଣ୍ଟାଲ ଟାର୍ଗେଟ ଦେଇଛି । ଫଳରେ ଚାଷୀଙ୍କୁ ଧାନ ବିକ୍ରିରେ ସମସ୍ୟା ହେଉଛି । ପ୍ରତିବାଦରେ ଆଜି ଉଭୟ ପଞ୍ଚାୟତର ଶତାଧିକ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାତହାଣ୍ଡି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏପରିକି ଯେ ପର୍ଯ୍ୟନ୍ତ ୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ପ୍ରଦାନ କରା ନ ଯିବ ସେ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଜିଲ୍ଲା କୃଷକ ସଂଘ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେରେ ଧାରଣାରେ ବସିଥିଲେ । ଚାଷୀ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଧାରଣାରେ ବସିଥିବା



ବେଳେ ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ସେମାନଙ୍କ ସହିତ ଆଲୋଚନା ପାଇଁ ଆସି ନ ଥିଲେ । ଏଥିରୁ ଚାଷୀ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଥିଲେ । ଚାଷୀ ଧାରଣାରୁ ବିରତ ନ ହୋଇଥିବା ବେଳେ ବାଧ ହୋଇ ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରା ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ସୋମବାର ମଧ୍ୟରେ ସମସ୍ତ ଟାର୍ଗେଟ ପ୍ରଦାନ କରାଯିବ ଏବଂ ଧାନ ବିକ୍ରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଚାଷୀ ଧାରଣାରୁ ଉଠିଥିଲେ । ଆଜିର କାର୍ଯ୍ୟକ୍ରମରେ ମାଁ ଦୁର୍ଗା କୃଷକ ସଂଘ ସଭାପତି ଜଗବନ୍ଧୁ ସା, ଅନିଲ ବାରିକ, ଶ୍ରୀନିବାସ ପ୍ରଧାନ, ଅଜିତ ବାରିକଙ୍କ ସହିତ ଜିଲ୍ଲା କୃଷକ ସଙ୍ଗଠନରେ ସଭାପତି ଦିଲ୍ଲୀପ ବଡ଼େଇ, ଉପସଭାପତି ଶରତ ପଟେଲ, ସମ୍ପାଦକ ହେମନ୍ତ ସାଗର କୁମୁରା, କୋଷାଧକ୍ଷ ଲକ୍ଷ୍ମଣ ସାହୁଙ୍କ ସହିତ ଶତାଧିକ ଚାଷୀ ଏହି ଧାରଣାରେ ସାମିଲ ରହିଥିଲେ ।

# ବାଣ ବିସ୍ଫୋରଣରେ ୩ ଶିଶୁ ଗୁରୁତର

**ଦେବଗଡ଼, ୧୯।୨(ସମିସ):** ବାରକୋଟ ଥାନା ଅଧୀନ ଦଣ୍ଡାସିଂହା ଗାଁରେ ବାଣ ବିସ୍ଫୋରଣରେ ଗୁରୁବାର ୩ ଜଣ ନାବାଳକ ଆହତ ହୋଇଥିବା ଜଣାପଡ଼ିଛି । ସେମାନଙ୍କ





ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ଅନୁଯାୟୀ ଆଜି ଅପରାହ୍ଣ ପ୍ରାୟ ୪ଟାରେ ଦଣ୍ଡାସିଂହା ଲୁହୁରାସାହିର ଜୟରାମ ଲୁହୁରାଙ୍କ ପୁଅ କାଳିଆ ଲୁହୁରା (୩), ଯୋଗେଶ୍ୱର ଲୁହୁରାଙ୍କ ପୁଅ ବଳିଆ ଲୁହୁରା (୧୨) ଏବଂ ଅଫିନ ଲୁହୁରାଙ୍କ ପୁଅ ବିବେକ ଲୁହୁରା (୮) ଗାଁ ଦାଣ୍ଡରେ ପଡ଼ିଥିବା ଏକ ଅଫୁଟା ବାଣରେ ନିଆଁ ଲଗାଉଥିଲେ । ଏହି ସମୟରେ ବାଣଟି ହଠାତ ବିସ୍ଫୋରିତ ହେବାରୁ ତିନି ଜଣଯାକ ଆହତ ହୋଇଥିଲେ । ପରିବାର ଲୋକ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ତୁରନ୍ତ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର କାଳିଆ ଅଧିକ ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାକୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟପକ୍ଷରେ ବଳିଆ ଓ ବିବେକ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି ।

### ମାଟ୍ରିକ ପରୀକ୍ଷା ଆରମ୍ଭ

# ପ୍ରଥମ ଦିନରେ ୪୧୦୮ ଜଣ ପରୀକ୍ଷା ଦେଲେ

**ଦେବଗଡ଼, ୧୯।୨ (ସମିସ):** ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ନିମନ୍ତେ ଜିଲ୍ଲାରେ ୩୩ଟି ସେଣ୍ଟର କରାଯାଇଛି । ଆଜି ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ୪୨୨୬ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୪୧୦୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ଏବଂ ୧୧୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ୪୦୫୧ ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୪ ଜଣ ଅନୁପସ୍ଥିତ ରହିବାରୁ ୩୯୮୭ ଜଣ ପରୀକ୍ଷା ଦେଇଛନ୍ତି । ସେହିପରି ଏକ୍ସ ରେଗୁଲାରରେ ୬୧୪୦ ଜଣ ଏସଆଇଓଏସ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪ ଜଣ ଅନୁପସ୍ଥିତ ରହିଥିଲେ ଓ ୮୬ ଜଣ ପରୀକ୍ଷା ଦେଇଥିଲେ । ସେହିପରି ମଧ୍ୟମାରେ ୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ପ୍ରଥମ ଦିନରେ ଜଣେ ବି ପରୀକ୍ଷାର୍ଥୀ କପି କରି ଧରାପଡ଼ି ନଥିବା ସୂଚନା ମିଳିଛି ।

# ବେଲପାହାଡ଼ କଲେଜରେ ଉପଭୋକ୍ତା ସଚେତନତା କର୍ମଶାଳା

**ଝାରସୁଗୁଡ଼ା, ୧୯।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ବେଲପାହାଡ କଲେଜ ଠାରେ ଗୁରୁବାର ସାମାଜିକ ଅନୁଷ୍ଠାନ ଇଜେଭି ଫାଉଣ୍ଡେସନ ପକ୍ଷରୁ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଓ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ଅତିଥିଗଣ ଉପଭୋକ୍ତା ଆଇନ ତଥା ଅଧିକାର ବିଷୟରେ ବୁଝାଇଥିଲେ । ଉପଭୋକ୍ତା ବୋର୍ଡ ସହନିୟନ୍ତ୍ରକ ଆଶା ମିଞ୍ଜ ଉପଭୋକ୍ତା ଆଇନ୍ ବାବଦରେ ମାର୍ଗଦର୍ଶନ କରିଥିଲେ । ସେହିପରି ଗଗନ ମାରାଣ୍ଡି, କଲେଜ ପ୍ରିନ୍ସିପାଲ ସୁରେନ୍ଦ୍ର ଭୋଇ, ମାନସୀ ପଣ୍ଡା, ରାଜେଶ ପାଢ଼ୀ, ଅଞ୍ଜଳି ପଟନାୟକ, ହେମନ୍ତ ମେହେର ପ୍ରମୁଖ ସଚେତନ କରାଇଥିଲେ । ଆୟୋଜିତ କର୍ମଶାଳାରେ କଲେଜର ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ମାଁ ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଦେବଗଡ଼, ୧୯।୨(ସମିସ):** ଦେବଗଡ଼ ପୌରାଞ୍ଚଳ ୱାର୍ଡ ନମ୍ବର ୧ ଅଧୀନ ଖପରସାହି ଠାରେ ମାଁ ମହାମାୟୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଗୁରୁବାର ଭବ୍ୟ କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂଜକ ମନୋରଞ୍ଜନ ଶତପଥୀଙ୍କ ଦ୍ୱାରା ପାରମ୍ପରିକ ପୂଜାର୍ଚ୍ଚନା ପରେ ପ୍ରଧାନପାଟ ଜଳପ୍ରପାତରୁ ଜଳ ସଂଗ୍ରହ କରି ଶତାଧିକ ମହିଳା ଓ ଯୁବତୀ କଳସ ଶୋଭାଯାତ୍ରାରେ ଆସି ପୂଜାମଣ୍ଡପରେ ପହଞ୍ଚିଥିଲେ । ଶଙ୍ଖ ଧ୍ୱନୀ, ହରିନାମ ସଙ୍କୀର୍ତ୍ତନ ଓ ବେଦ ମନ୍ତ୍ରୋଚ୍ଚାରଣରେ ନଗର ପରିକ୍ରମା ସହିତ କଳସ ଶୋଭାଯାତ୍ରା ମନ୍ଦିରରେ ପହଞ୍ଚିବା ପରେ କଳସ ସ୍ଥାପନ କରାଯାଇଥିଲା । ଉମାଶଙ୍କର ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସନ୍ଧ୍ୟାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଠାରୁ ଦୁଇ ଦିନ ଧରି ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି ।

### ସରକାରୀ ସେବାରେ ଏଆଇର ପ୍ରୟୋଗ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଶିବିର

**ଝାରସୁଗୁଡ଼ା, ୧୯।୨(ସମିସ):** ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓକାକ୍‌ର ମିଳିତ ଆନୁକୂଲ୍ୟରେ ଝାରସୁଗୁଡ଼ା




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ପ୍ରଶାସନିକ ଦକ୍ଷତା ପାଇଁ କୃତ୍ରିମ ବୁଦ୍ଧିମତା ଉପକରଣ (ଏଆଇ ଟୁଲ୍ସ ଫର ଅପରେସ୍ନାଲ ଏକ୍ସିଲେନ୍ସ)' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡିଜିଟାଲ୍ ରୂପାନ୍ତରଣ ଏବଂ ସରକାରୀ କାର୍ଯ୍ୟଧାରାରେ ଅଧିକ ସ୍ୱଚ୍ଛତା ତଥା କ୍ଷିପ୍ରତା ଆଣିବା ଲକ୍ଷ୍ୟରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ବିଭାଗରୁ ଆସିଥିବା ୩୦ରୁ ଅଧିକ ପ୍ରଶାସନିକ

**୩୦ରୁ ଅଧିକ ପ୍ରଶାସନିକ ଅଧିକାରୀଙ୍କୁ ତାଲିମ**

**ଫାଇଲ୍ ପରିଚାଳନା ଓ ଚିଠିପତ୍ର ପ୍ରସ୍ତୁତିରେ ଏଆଇ ବ୍ୟବହାର**

ଅଧିକାରୀ ଓ କର୍ମଚାରୀମାନେ ଏଠାରେ ଯୋଗ ଦେଇଥିଲେ । ବିଶେଷ କରି 'ଜେନେରେଟିଭ୍ ଏଆଇ' ଏବଂ 'ଡାଟା ଆନାଲିଟିକ୍ସ' ବ୍ୟବହାର କରି କିଭଳି ସରକାରୀ ଫାଇଲ୍ ପରିଚାଳନା ଓ ଜନସେବା କ୍ଷେତ୍ରକୁ ସହଜ କରାଯାଇପାରିବ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । କର୍ମଶାଳାର ପ୍ରାୟୋଗିକ ଅଧିବେଶନରେ କିଭଳି ଏଆଇ ମାଧ୍ୟମରେ ସ୍ୱୟଂଚାଳିତ ଫାଇଲ୍ ସଂରକ୍ଷଣ, ବଡ ବଡ ଦସ୍ତାବିଜର ସଂକ୍ଷିପ୍ତ ସାରାଂଶ ପ୍ରସ୍ତୁତି ଏବଂ ସରକାରୀ ଚିଠି ପତ୍ରର ଚିଠା ଅତି କମ୍ ସମୟ ମଧ୍ୟରେ କରାଯାଇପାରିବ, ସେ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ କର୍ମଶାଳାର ଜିଲ୍ଲା ନୋଡାଲ ଅଫିସର ତଥା ଡେପୁଟି କଲେକ୍ଟର ସୌମ୍ୟେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଏହା ବ୍ୟତୀତ ବିଭିନ୍ନ ବିଭାଗର ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ କାର୍ଯ୍ୟାଳୟ କର୍ମଚାରୀମାନେ ଓଡ଼ିଶା ସରକାରଙ୍କ ଏହି ଦକ୍ଷତା ବିକାଶ ଅଭିଯାନରେ ଅଂଶଗ୍ରହଣ କରିଥିଲେ ।

# ଷଡବଂଶୀୟ ଗୋଣ୍ଡ ସମାଜର ମିଶ୍ରଣ ପର୍ବ



**ଝାରସୁଗୁଡ଼ା, ୧୯।୨(ସମିସ):** ଜିଲ୍ଲା ରାଜପୁର ବାରପାଲି ତୁଳସୀ ବଡଗୁଡି ଲୋଇସିଂହ ଗୁଡି ଜଙ୍ଗାଲିଙ୍ଗା ମନ୍ଦିରର ପ୍ରାଙ୍ଗଣରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଆଜି ଦ୍ୱିପ୍ରହରରେ ଗଣ୍ଡଘୋରା ମୂଳଗୁଡିରୁ ପ୍ରାୟ ୨୦ ଗୋଣ୍ଡବାନା ପରିବାର ଆସି ଷଡବଂଶୀୟ ଗୋଣ୍ଡ ସମାଜରେ ସାମିଲ ହୋଇଛନ୍ତି । ଗୋଣ୍ଡବାନା ସମାଜ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୁଅ ଝିଅଙ୍କ ବାହାଘର ପାଇଁ ଅସୁବିଧା ଏବଂ ଅନ୍ୟାନ୍ୟ ସମସ୍ୟା ହେଉଥିବାରୁ ଆଜି ଜିଲ୍ଲା ସର୍କଲ ଗୁଡି ସଭାପତି ଉଗ୍ରେସନ ଧ୍ରୁଆ, ସର୍କଲ ଗୁଡି ବୃନ୍ଦାମାଲ ସମ୍ପାଦକ ହରି ଧ୍ରୁଆ, ଲୋଇସିଂହ ଗୁଡି ସଭାପତି ଜଗିନ୍ଦ୍ର ନେଟି, ସମ୍ପାଦକ ବିଶ୍ୱଲୋଚନ ଭୋଇ, ଉପସମ୍ପାଦକ ତ୍ରିଲୋଚନ ମାଝୀ, ଉପସଭାପତି ସୁବାଷ ନାୟକ, କୋଷାଧକ୍ଷ ସାମନ୍ତ ଧ୍ରୁଆ ଓ ଗ୍ରାମ୍ୟ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଗଣ୍ଡଘୋରା, ଖଲିଆମାଲ, ନୂଆଡିହି, ବଢ଼େଇକଣ୍ଟାର ସପରିବାର ସହ ଲୋଇସିଂହ ଗୁଡିରେ ଜଙ୍ଗା ଭଗବାନଙ୍କୁ ପୂଜା କରି ମିଶିଥିଲେ ।

# ବଢ଼େଇମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଝାରସୁଗୁଡ଼ା, ୧୯।୨(ସମିସ):** ବଢ଼େଇମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ପଲ୍ଲୀଶ୍ରୀ ପ୍ରୀତି ନନ୍ଦା ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ହିମାଂଶୁ ଶେଖର ବଡପଣ୍ଡା, ଲିଙ୍ଗରାଜ ବେହେରା ସିଆରସିସି ଓ ପରିଚାଳନା କମିଟିର ସଭାପତି ପ୍ରତିମା ସାହାରା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଲକ୍ଷ୍ମୀ ନାରାୟଣ କଲେଜର ଅର୍ଥନୀତି ବିଭାଗର ଅଧ୍ୟାପକ ତପନ ବାରିକ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ କାଉନସିଲର ବବିତା ରଣବିଡା, ସମାଜସେବୀ ସବିତା ପ୍ରଧାନ ଓ ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ପୁଝାରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ଗାରିମା ଗୋଖର ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ମୈତ୍ରୀ ପଟେଲ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣୀ କାର୍ଯକ୍ରମକୁ ପରିଚାଳନା କରିଥିଲେ । ଶିକ୍ଷକ ଶ୍ରୀରେଖା ବଲ୍ଲଭ ସା ଧନ୍ୟବାଦ ଅର୍ପଣ କରିଥିଲେ । ଅଷ୍ଟମ ଶ୍ରେଣୀର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା ବୈଠକ

**ଝାରସୁଗୁଡ଼ା, ୧୯।୨(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରଗୁଡିକରେ କାର୍ଯ୍ୟକାରୀ ହେଉଥିବା ଟ୍ୟାପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ବିଶେଷ କରି 'ବସୁଧା' ଯୋଜନାରେ ହେଲ୍ପଲାଇନ ଓ




ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ପିଇବା ପାଣିର ସମସ୍ୟା ଦେଖାଯାଉଥିବା ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ଜଳ ଯୋଗାଣ ଓ ନୂତନ ନଳକୂପ ସ୍ଥାପନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ପଞ୍ଚମରାଜ୍ୟ ଅର୍ଥ କମିଶନ ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ମେଗା ପାନୀୟ ଜଳ ପ୍ରକଳ୍ପ (ପିୱ ମେଗା ପିଡବ୍ଲ୍ୟୁଏସ୍) ଏବଂ ଜିଲ୍ଲାର ୪୨ଟି ପଞ୍ଚାୟତରେ ବ୍ଲକୱାରୀ ଜଳ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ପିଡବ୍ଲ୍ୟୁଡି, ଆର୍‌ଡି ଏବଂ ଏନ୍‌ଏଚ୍ କାମ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପାଇପଲାଇନ ଗୁଡିକର ତୁରନ୍ତ ମରାମତି କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମେଗା ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ବ୍ଲକ ଏବଂ ସମ୍ପୃକ୍ତ ବିଭାଗର ପଦାଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ହାଇୱା ଓଲଟି ଖଲାସୀ ମୃତ

**ଦେବଗଡ଼, ୧୯।୨(ସମିସ):** ଦେବଗଡ଼ ଥାନା ଅଧୀନ କାଉଁଶିବାହାଳ ଛକରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ହାଇୱା ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ଏହାର ଖଲାସୀଙ୍କର ମୃତ୍ୟୁ ଘଟିଛି । ମୃତ ଖଲାସୀ ଜଣକ ବିଜୟନଗର ଗାଁର ଦୀପକ ବେହେରା (୨୨) ବୋଲି ଜଣାପଡ଼ିଛି । ପୁଲିସର ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତ୍ରିରେ ଏକ ହାଇୱା ଟ୍ରକ ବାରକୋଟ ପଟୁ ଦେବଗଡ଼ ଆଡକୁ ଆସୁଥିଲା । କୌଣସି କାରଣରୁ ଚାଳକ ହଠାତ ଭାରସାମ୍ୟ ହରାଇବାରୁ ହାଇୱାଟି କାଉଁଶିବାହାଳ ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ କଡରେ ଓଲଟି ପଡ଼ିଥିଲା । ଫଳରେ ଖଲାସୀ ଦୀପକ ହାଇୱାର କ୍ୟାବିନ ମଧ୍ୟରେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ । ସୂଚନା ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଦୀର୍ଘ ସମୟର ପରିଶ୍ରମ ପରେ କ୍ୟାବିନକୁ ଭାଙ୍ଗି ତାଙ୍କୁ ବାହାରକୁ ବାହାର କରିଥିଲେ । ଗୁରୁତର ଅବସ୍ଥାରେ ଉଦ୍ଧାର ପରେ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା । ହେଲେ ଡାକ୍ତର ସେଠାରେ ଦୀପକଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତକଙ୍କ ଭାଇ ଇଶ୍ୱର ବେହେରା ଆଜି ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏଥିସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

# ଚାନ୍ଦିନୀମାଲ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

**ଝାରସୁଗୁଡ଼ା, ୧୯।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଚାନ୍ଦିନୀମାଲରେ ୫ ଦିନ ଧରି ଚାଲିଥିବା ଧନୁଯାତ୍ରା କଂସ ବଧ ସହିତ ଉଦ୍‌ଯାପିତ ହୋଇଯାଇଛି । କଂସ ବଧ ସହିତ କଂସ ରାଜୁତିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ।



ଏହାସହ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହୋଇ ମହାରାଜ ଉଗ୍ରସେନଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମ ଶେଷ ଦିନରେ ଅନୁଷ୍ଠିତ ହୋଇଥିଲା । ନାଟ୍ୟାଭିନୟ କ୍ରମରେ କୃଷ୍ଣ ବଳରାମଙ୍କ ମଥୁରା ଭ୍ରମଣ କରିଥିବା ବେଳେ ଗୋପପୁର ଉମାଶଙ୍କର ମନ୍ଦିରରୁ ମଥୁରା ନଗରୀ ଚାନ୍ଦିନୀମାଲ ଯାତ୍ରାପଡ଼ିଆ ପର୍ଯ୍ୟନ୍ତ କୃଷ୍ଣ ବଳରାମଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । କୃଷ୍ଣ ନିଧନ କଳ୍ପନାରେ ମସଗୁଲ ରହି ଧନୁଯାତ୍ରା ଦେଖାଇବା ଆଳରେ ମହାରାଜ କଂସଙ୍କ ନିର୍ଦ୍ଦେଶରେ ଅକ୍ରୁର କୃଷ୍ଣ ବଳରାମଙ୍କୁ ମଥୁରା ନଗରୀକୁ ଘେନି ଆସିଥିଲେ । ଶୋଭାଯାତ୍ରାରେ ତେଲିପାଲିର କର୍ମା ନୃତ୍ୟ, ସୋନପୁରର ଦୁଲଦୁଲି ବାଜା, ଭଦ୍ରକର ଲଉଡି ଖେଳ, ମୟୁରଭଞ୍ଜର ଛଉ ନୃତ୍ୟ ଓ ପୁରୀ ଜିଲ୍ଲା କାକଟପୁରର ଘୋଡା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଶୋଭାଯାତ୍ରା ଗୋପପୁରରୁ ବାହାରି ପଞ୍ଚାୟତ କାର୍ଯ୍ୟାଳୟ, ଗାଁ ଯଜ୍ଞ ମଣ୍ଡପ, ଆଶ୍ରମ ସ୍କୁଲ୍ ଛକ ହୋଇ ମଥୁରାପୁର ଅଭିମୁଖେ ବାହାରିଥିଲା । ମହାରାଜ କଂସ ଦରବାରରେ ରାଜ ଅତିଥି ଭାବେ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର, ଝାରସୁଗୁଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୀଲ ଆଚାର୍ଯ୍ୟ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ ପ୍ରମୁଖ ଯୋଗ ଦେଇଥିଲେ । ରାଜସଭାରେ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର ଅତିଥି ଗଣଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କମିଟି ସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ପର୍ଶୁରାମ ରୋହିଦାସ, କୋଷାଧକ୍ଷ ଲିଙ୍ଗରାଜ ରୋହିଦାସ ଉପସ୍ଥିତ ଥିଲେ । ଗୋପପୁର ଓ ମଥୁରା ନଗରୀରେ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ ଜମିଥିଲା । କଂସ ଦରବାରରେ ନନ୍ଦରାଜା ଭୂମିକାରେ ଅଭିନୟ କରିଥିବା ଦିଲୀପ ବଡ୍ଡାଇ, ଚାନ୍ଦିନୀମାଲ ପଞ୍ଚାୟତର ଆଶା କର୍ମୀ ଏବଂ ମଥୁରା ଓ ଗୋପପୁରର ସମସ୍ତ କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା । ଆଞ୍ଚଳିକ ଧନୁଯାତ୍ରା କମିଟି ତଥା ଅଞ୍ଚଳର ସ୍ୱେଚ୍ଛାସେବୀଙ୍କ ତତ୍ତ୍ୱାବଧାନରେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଶେଷରେ ଯାତ୍ରା ପଡ଼ିଆରେ ୫୦ ଫୁଟ୍ ଉଚ୍ଚତାର କଂସ ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ରାଜପୁର-ବଲଙ୍ଗିବାହାଲ ରାସ୍ତାରେ ଭାରୀଯାନ ଚଳାଚଳକୁ ବିରୋଧ

**ଝାରସୁଗୁଡ଼ା, ୧୯।୨(ସମିସ)**

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଗାନ୍ଧୀଛକର ରାଜପୁର ଦେଇ ବଲଙ୍ଗିବାହାଲ ରାସ୍ତାରେ ପ୍ରତିଦିନ ହଜାର ହଜାର ଭାରୀଯାନ ଚଳାଚଳ ବନ୍ଦ କରିବା ଏବଂ ଏକ ନୂତନ ବିକଳ୍ପ ରାସ୍ତା ନିର୍ମାଣ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଓ ଗ୍ରାମବାସୀଙ୍କ ତରଫରୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି । ରାଜପୁର ଗାଁରେ ଅନେକ ବାଲି ବୋଝେଇ ଟ୍ରକ୍ ଓ କୋଇଲା ଗାଡିର ଅହରହ ଚଳାଚଳ ଗ୍ରାମବାସୀଙ୍କ ସମେତ ଅନ୍ୟ ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି । ଏହା ସହିତ ପ୍ରଦୂଷଣ ଓ ପ୍ରତିଦିନ ଛୋଟବଡ ଦୁର୍ଘଟଣାରେ ଅତିଷ୍ଠ ହୋଇ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ସମସ୍ୟା ବିଷୟରେ ଅବଗତ କରାଇଛନ୍ତି । ଆଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରାଯାଇଛି । ନହେଲେ ରାସ୍ତା ଅବରୋଧ ସହିତ



**ଜିଲ୍ଲାପାଳଙ୍କୁ ଦାବିପତ୍ର**

**୭ ଦିନରେ ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ**

ଜନଆନ୍ଦୋଳନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରାଜପୁର ଗାଁର ଏହି ମୁଖ୍ୟ ରାସ୍ତାଟି ଅପେକ୍ଷାକୃତ ସଙ୍କୀର୍ଣ୍ଣ । ହେଲେ ଏହି ରାସ୍ତା ଦେଇ ନିତିଦିନ ବହୁ ଭାରୀଯାନ ଦିନରାତି ଚଳାଚଳ କରୁଛି । ଏପରିକି ଏହିରାସ୍ତାଦେଇ ଏନଟିପିସି ଓ ତୁଲିଙ୍ଗା କୋଇଲା ଖଣିର ଭାରୀଯାନ ଚଳାଚଳ ସହିତ ବେଆଇନ ବାଲି ବୋଝେଇ ଟ୍ରକ ଚଳାଚଳ କରୁଛି । ପୂର୍ବରୁ ଅନେକ ଥର ଅଭିଯୋଗ କରାଯାଇଥିଲେ ସୁଦ୍ଧା ଦୁର୍ଭାଗ୍ୟବଶତଃ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭାରୀଯାନ ନିମନ୍ତେ ଏକ ସ୍ୱତନ୍ତ୍ର 'ବାଇପାସ୍ ରାସ୍ତା' ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆ ନଗଲେ ଗ୍ରାମବାସୀ ରାଜପଥ ଅବରୋଧ କରିବା ସହ ଏକ ବଡ ଧରଣର ଗଣଆନ୍ଦୋଳନକୁ ଓହ୍ଲାଇବେ ବୋଲି ରାଜପୁର ସରପଞ୍ଚ ଏବଂ ଗ୍ରାମବାସୀ ଦାବିପତ୍ରରେ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ, ରାଜୀବ ପାଟଯୋଶୀ, ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀଙ୍କ ସମେତ ୱାର୍ଡ ମେମ୍ବର ଭଗବତୀ ମାଝୀ, ଦ୍ରୋପଦି ପ୍ରଧାନ ଓ ଅନୁ କିଷାନ ପ୍ରମୁଖ ଉପସ୍ଥିତ ଥିଲେ । ଦାବିପତ୍ରର ନକଲ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ ଏବଂ ସ୍ଥାନୀୟ ପୁଲିସ ପ୍ରଶାସନକୁ ମଧ୍ୟ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି ।

ମାଟ୍ରିକ ପରୀକ୍ଷା ପ୍ରଥମ ଦିନ

# ଶାନ୍ତି ଶୃଙ୍ଖଳାରେ ପ୍ରଥମ ଦିନର ପରୀକ୍ଷା ସରିଲା

**ଭବାନୀପାଟଣା, ୧୯ ।୨(ସମିସ)**

ଗୁରୁବାର ଠାରୁ ସମଗ୍ର ରାଜ୍ୟ ତଥା କଳାହାଣ୍ଡି ଜିଲ୍ଲାରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଦିନ ସାହିତ୍ୟ ବିଷୟରେ ଥିବା ପରୀକ୍ଷାରେ କଳାହାଣ୍ଡି ଜିଲ୍ଲାରେ ୪୨୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଚଳିତବର୍ଷ ରେଗୁଲାରରେ ୨୧, ୧୦୩ ଜଣ, ଏକ୍ସ ରେଗୁଲାରରେ ୧୦୬ ଜଣ କରେସପଣ୍ଡେନ୍ସ କୋର୍ସରେ ୩୪ ଜଣ ଓ ରାଜ୍ୟର ମୁକ୍ତ ସ୍କୁଲ ଅଧିନରେ ୨୬୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ରେଗୁଲାରରେ ୨୧, ୧୦୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦, ୬୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଅବଶିଷ୍ଟ ୪୨୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ନ ଥିଲେ।

**ଜିଲ୍ଲାରେ ୪୨୨ ପରୀକ୍ଷାର୍ଥୀ ଅନୁପସ୍ଥିତ**

ସେହିପରି ରାଜ୍ୟମୁକ୍ତ ସ୍କୁଲ ଅଧିନରେ ୨୬୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୨ ଜଣ ପରୀକ୍ଷା ଦେଇଥିଲେ ଅବଶିଷ୍ଟ ୬୭ ଛାତ୍ରୀଛାତ୍ର ପରୀକ୍ଷା ଦେଇନଥିଲେ। "ଜିଲ୍ଲାରେ ୧୪ଟି ନୋଡାଲ ସେଣ୍ଟର ସହ ୧୩୦ଟି କେନ୍ଦ୍ରରେ ଛାତ୍ରୀଛାତ୍ର



ପରୀକ୍ଷା ଦେଉଥିବାବେଳେ ରାଜ୍ୟ ମୁକ୍ତ ସ୍କୁଲ ନିମନ୍ତେ ଭବାନୀପାଟଣା ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଚଳିତବର୍ଷ ତୁର୍କେଲ ବ୍ରିଜରେ ଯାନବାହାନ ଚଳାଚଳ ବନ୍ଦ ଥିବା ଯୋଗୁଁ ବୋର୍ଡାଠାରେ ଅତିରିକ୍ତ ନୋଡାଲ ସେଣ୍ଟର କରାଯାଇଛି। ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୫ ଜଣ ଟିମ୍ ନିୟୋଜିତ ହୋଇଛନ୍ତି। ପରୀକ୍ଷା ପରିଚାଳନା ପାଇଁ ୧୩୧ ଜଣ ପର୍ଯ୍ୟବେକ୍ଷକ, ୩ଟି ବିଇଓ ସ୍କ୍ୱାର୍ଡ, ଗୋଟିଏ ବୋର୍ଡ ସ୍କ୍ୱାର୍ଡ ଓ ଜିଲା ପ୍ରଶାସନର ଗୋଟିଏ ସ୍କ୍ୱାର୍ଡ କପି ରୋକିବା ପାଇଁ ନିୟୋଜିତ ରହିଛନ୍ତି। ସମସ୍ତ ନୋଡାଲ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରମାନଙ୍କରେ ଏଆଇ କ୍ୟାମେରା ସିସିଟିଭି ଲଗାଯାଇଛି। କପି ରୋକିବା ଓ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ଏଆଇ କ୍ୟାମେରା ନିୟୋଜିତ ରହିଛି। ପ୍ରଥମ ଦିନରେ କେହି ପରୀକ୍ଷାର୍ଥୀ କପି କରି ଧରାପଡ଼ିନଥିବା ବେଳେ ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ଶେଷ ହୋଇଛି।

## ନୂଆପଡ଼ା ଜିଲ୍ଲାରେ ୨୩୪ ପରୀକ୍ଷାର୍ଥୀ ଅନୁପସ୍ଥିତ

**ନୂଆପଡ଼ା, ୧୯ ।୨(ସମିସ):** ଚଳିତ ୨୦୨୫-୨୬ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷାର ପ୍ରଥମ ଦିନରେ ଜିଲ୍ଲାବ୍ୟାପି ୬୦ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ପ୍ରଥମ ଦିନରେ ୨୩୪ଜଣ ପରୀକ୍ଷାର୍ଥୀ ବିଭିନ୍ନ କାରଣରୁ ଅନୁପସ୍ଥିତ ଥିବାବେଳେ ଜଣେ ହେଲେ କପି କରୁଥିବା ଧରାପଡ଼ିନାହାନ୍ତି। ପ୍ରକାଶ ଯେ ପୂର୍ବ ନିର୍ଦ୍ଧାରିତ ସମୟ ସାରଣୀ ଅନୁସାରେ ଗୁରୁବାର ପୂର୍ବାହ୍ନ ୯ଟାରୁ ପରୀକ୍ଷା ଆରମ୍ଭ ହୋଇଥିଲା। ଠିକ ଅଧ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ର ଗୁଡିକରେ ଛାତ୍ରଛାତ୍ରୀମାନେ ପ୍ରବେଶ କରିଥିଲେ। କୌଣସି ପ୍ରକାର ଅଘଟଣକୁ ଏଡାଇବାକୁ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡିକରେ ସିସିଟିଭି ଖଞ୍ଜାଯାଇଥିଲା। ପରୀକ୍ଷା ଠିକ ପୂର୍ବାହ୍ନ ସାଢେ ୧୧ଟାବେଳେ ଶେଷ ହୋଇଥିଲା। ସୂଚନାଯୋଗ୍ୟ ଯେ ମାଟ୍ରିକ ବୋର୍ଡ ପରୀକ୍ଷାର୍ଥୀ ୯୫୬୮ ମଧ୍ୟରୁ ୨୨୭ଜଣ ଅନୁପସ୍ଥିତ ଥିବାବେଳେ ଏସଓଏସି ପରୀକ୍ଷାର୍ଥୀ ୫୮ ଜଣଙ୍କ ମଧ୍ୟରୁ ୭ଜଣ ଅନୁପସ୍ଥିତ ଥିଲେ। ଜିଲ୍ଲାବ୍ୟାପି ୨ଟି ସ୍କ୍ୱାର୍ଡରେ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଜିଲ୍ଲାବ୍ୟାପି ବିଭିନ୍ନ ପରୀକ୍ଷାକେନ୍ଦ୍ର ବୁଲି ଦେଖିଥିବା ବେଳେ ଅନ୍ୟ ଏକ ସ୍କ୍ୱାର୍ଡରେ ଡ.ଶିବ ପ୍ରସାଦ ବେହେରା ଏବଂ ସଞ୍ଜୟ କୁମାର ପଣ୍ଡା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପରୀକ୍ଷାକୁ ଅବାଧ ଏବଂ ଶାନ୍ତିପୂର୍ଣ୍ଣ କରିବାକୁ ସବୁ ପ୍ରକାର ପଦକ୍ଷେପ ନିଆଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ଡ.ମହାନ୍ତି କହିଛନ୍ତି।



## ଲାଞ୍ଜିଗଡ଼ ବ୍ଲକ୍‌ରେ ୩୯ ଜଣ ଅନୁପସ୍ଥିତ

**ଲାଞ୍ଜିଗଡ଼, ୧୯ ।୨(ସମିସ):** ଲାଞ୍ଜିଗଡ଼ ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରରେ ଗୁରୁବାର ମାଟ୍ରିକ ପରୀକ୍ଷା ଦେଲେ ୧୩୨୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତି ୩୯ । ବ୍ଲକର ୮ଟି ପରୀକ୍ଷା କେନ୍ଦ୍ର ମଧ୍ୟରେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଲାଞ୍ଜିଗଡ଼, ପୋଖରିବନ୍ଧ ଓ ଲାଞ୍ଜିଗଡ଼ ରୋଡ ଉଚ୍ଚ ବିଦ୍ୟାଳୟର ୧୮୩ ଜଣ ଛାତ୍ରଛାତ୍ରୀ, ଲାଞ୍ଜିଗଡ଼ ଉଚ୍ଚ ବିଦ୍ୟାଳୟରେ ୧୬୭ ଜଣ ଛାତ୍ରଛାତ୍ରୀ, ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ବିଦ୍ୟାଳୟରେ ୨୬୪ ଜଣ ଛାତ୍ର ଛାତ୍ରୀ, ଲାଞ୍ଜିଗଡ଼ ରୋଡ ଉଚ୍ଚ ବିଦ୍ୟାଳୟରେ ୧୪୪ ଜଣ ଛାତ୍ର ଛାତ୍ରୀ, ବେନଗାଁ ଉଚ୍ଚ ବିଦ୍ୟାଳୟରେ ୧୧୬ ଜଣ ଛାତ୍ରଛାତ୍ରୀ, ମୂଷାନାଳ ଉଚ୍ଚ ବିଦ୍ୟାଳୟରେ ୧୧୫ ଜଣ ଛାତ୍ରଛାତ୍ରୀ, ମଧୁପୁର ଉଚ୍ଚ ବିଦ୍ୟାଳୟରେ ୧୯୨ ଜଣ ଛାତ୍ର ଛାତ୍ରୀ ଏବଂ ଯୋଡ଼ାବନ୍ଧ ଉଚ୍ଚ ବିଦ୍ୟାଳୟରେ ୧୮୩ ଜଣ ଛାତ୍ରଛାତ୍ରୀ ସମେତ ମୋଟ ୧୩୬୪ ଜଣ ପରୀକ୍ଷାର୍ଥୀଙ୍କ କେନ୍ଦ୍ର ଚୟନ ହୋଇଥିଲା। ପ୍ରଥମ ଦିନରେ ଓଡ଼ିଆ ପରୀକ୍ଷା ଥିବାବେଳେ ୧୩୬୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୨୫ ଜଣ ପରୀକ୍ଷା ଦେଇଥିବା ବେଳେ କୌଣସି କାରଣରୁ ୩୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଲାଞ୍ଜିଗଡ଼ ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରର ନୋଡାଲ ସେଣ୍ଟର ଭାବେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, କରା ଯାଇଥିବା ବେଳେ ନୋଡାଲ ଅଫିସର ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର ଏବଂ ଶିକ୍ଷା ବିଭାଗ ବିଇଓ ରୁଷିଆ ମେହେର ଦାୟିତ୍ୱରେ ଥିବା ବେଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୨୪ ଘଣ୍ଟିଆ ପୋଲିସ ପହରା ଦେଉଥିବା ଲାଞ୍ଜିଗଡ଼ ଶିକ୍ଷା ବିଭାଗ ବିଇଓ ରୁଷିଆ ମେହେରଙ୍କ ଠାରୁ ସୂଚନା ମିଳିଛି।

### ୬ଟି କେନ୍ଦ୍ରରେ ୮୩୫ ପରୀକ୍ଷାର୍ଥୀ

## ପ୍ରଥମ ଦିନ ୨୯ ଅନୁପସ୍ଥିତ

**ଥୁଆମୂଳରାମପୁର, ୧୯ ।୨(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକରେ ମାଟ୍ରିକ୍ ପରୀକ୍ଷାକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ୬ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ୬ଟି କେନ୍ଦ୍ରରେ ମୋଟ ୮୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ନିର୍ଦ୍ଧାରିତ ଅଛନ୍ତି। ପ୍ରଥମ ଦିନର ପରୀକ୍ଷାରେ ମୋଟ ୨୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି, ଯାହାକୁ ନେଇ ଶିକ୍ଷା ବିଭାଗ ଚିନ୍ତା ପ୍ରକାଶ କରିଛି। ଥୁଆମୂଳ ରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ପ୍ରଥମ ଦିନ ୫ ଜଣ ଅନୁପସ୍ଥିତ ଥିଲେ। ସେହିପରି ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୦୭ ଜଣଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଆସିନଥିଲେ। ଶିରିମସ୍କା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୭୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ଅନୁପସ୍ଥିତ ରହିଥିବାବେଳେ, ଏସ୍.ଏସ୍.ଡି ହାଇସ୍କୁଲ ତୁମେରପଦରରେ ୧୬୦ ଜଣଙ୍କ ମଧ୍ୟରୁ ୫ ଜଣ ପରୀକ୍ଷା ଦେଇନଥିଲେ। ଏହାସହ ଏସ୍.ଏସ୍.ଡି ହାଇସ୍କୁଲ ଗୁଣପୁରରେ ୧୬୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯ ଜଣ ଏବଂ ଏସ୍.ଏସ୍.ଡି ବାଳକ ଉଚ୍ଚ ବିଦ୍ୟାଳୟ ଗୋପାଳପୁର କେନ୍ଦ୍ରରେ ୮୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ମାତ୍ର ଅନୁପସ୍ଥିତ ଥିଲେ। ପ୍ରଥମ ଦିନ ଏତେ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ନେଇ ଶିକ୍ଷା ବିଭାଗ ପକ୍ଷରୁ କାରଣ ତଦନ୍ତ ଆରମ୍ଭ ହୋଇଛି। ଅସୁସ୍ଥତା, ଯାତାୟାତ ସମସ୍ୟା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ କାରଣ ଯୋଗୁଁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇପାରିନଥିବା ସନ୍ଦେହ କରାଯାଉଛି। ଏନେଇ ସଠିକ୍ ତଥ୍ୟ ସଂଗ୍ରହ କରାଯାଇ ଆଗାମୀ ଦିନରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶିକ୍ଷା ଅଧିକାରୀମାନେ ସୂଚନା ଦେଇଛନ୍ତି।

## ପଦ୍ମ ଧରିଲେ ଲାଞ୍ଜିଗଡ଼ ବ୍ଲକ୍ ଅଧ୍ୟକ୍ଷା

**ଲାଞ୍ଜିଗଡ଼, ୧୯ ।୨(ସମିସ):** ଗୁରୁବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପଦ୍ମ ଧରିଛନ୍ତି ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର। ବ୍ଲକ ଅଧ୍ୟକ୍ଷାଙ୍କ ସହିତ ଭଟାଙ୍ଗପଦର ସମିତିସଭ୍ୟ ରୂପେନ୍ଦ୍ର ଛତ୍ରିଆ, ବେନଗାଁ ସମିତିସଭ୍ୟା ଯଶୋବନ୍ତୀ ନାଏକ, ବସନ୍ତପଡ଼ା ସମିତିସଭ୍ୟ ପୁଙ୍ଗରି ମାଝୀ, ଛତ୍ରପୁର ସମିତିସଭ୍ୟ ସନ୍ୟାସୀ ମାଝୀ, ଲାଞ୍ଜିଗଡ଼ ରୋଡ଼ ସମିତିସଭ୍ୟା ମୁକ୍ତା ଭୋଇ, ବେଡାଗାଁ ସମିତିସଭ୍ୟ ମୁନି ମାଝୀ, ସମାଜସେବୀ ହରିଶଙ୍କର ପାତ୍ର, ତ୍ରିନାଥ ମାଝୀ ପ୍ରମୁଖ ଆଜି ବିଜେପି ଦଳରେ ସାମିଲ ହୋଇଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ କୁମାର ନାଏକ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଡ଼, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ମାଝୀ, ବିଜେପି ନେତା ଭବାନୀଶଙ୍କର ନିଆଲଙ୍କ ଉପସ୍ଥିତିରେ ସେମାନେ ଦଳରେ ସାମିଲ ହୋଇଥିଲେ। ଦଳ ତରଫରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ସହିତ ସ୍ୱାଗତ କରାଯାଇଥିଲା।

### ବୌଦ୍ଧ ଜିଲ୍ଲାରେ ୬୬୧୦ଜଣ ଦେଲେ ପରୀକ୍ଷା

## ୮୫ ଛାତ୍ରଛାତ୍ରୀ ଅନୁପସ୍ଥିତ

**ବୌଦ୍ଧ, ୧୯ ।୨(ସମିସ):** ମାଟ୍ରିକ ପରୀକ୍ଷା ସାରାରାଜ୍ୟରେ ଗୁରୁବାର ଠାରୁ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ବୌଦ୍ଧଜିଲ୍ଲାରେ ୬୬୧୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୮୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସୂଚନା ଅନୁଯାଇ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବା ପାଇଁ ବୌଦ୍ଧଜିଲ୍ଲାରେ ୬୬୯୫ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲଫ କରିଥିଲେ। ସେଥିମଧ୍ୟରୁ ୬୬୪୩ ଜଣ ଛାତ୍ରଛାତ୍ରୀ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ଦେବା ପାଇଁ ପର୍ମ ଫିଲପ କରିଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ୫୨ ଫର୍ମ ପୂରଣ କରିଥିଲେ। ଆଜି ପ୍ରଥମ ଦିନରେ ମାତୃଭାଷା ଓଡିଆ ଥିବା ବେଳେ ୬୬୪୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୫୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ୫୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୩ ଜଣ ଅନୁପସ୍ଥିତ ଥିଲେ। ପ୍ଲାଇଁ ସ୍କାର୍ଡ ୫ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ସ୍ୱତନ୍ତ୍ର ସ୍କାର୍ଡ ମଧ ୫ଟି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲାରେ ୩୨ଟି କେନ୍ଦ୍ରରେ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ହେଉଥିବା ବେଳେ ୧ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଅନୁଷ୍ଠିତ ହେଉଛି।

### ବିଦ୍ୟୁତ୍ ଆଘାତରେ ଜଳନ୍ଧର ମଝି ମୃତ୍ୟୁ ଘଟଣା

## ଜିଲ୍ଲାପାଳ ଓ ବିଦ୍ୟୁତ୍ କମ୍ପାନୀକୁ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆରସି

**ଭବାନୀପାଟଣା, ୧୯ ।୨(ସମିସ):** ୨୦୨୫ ମାର୍ଚ୍ଚ ୧୯ ତାରିଖରେ ସଦର ଥାନା ଅନ୍ତର୍ଗତ ତେନ୍ତୁଳୀଖୁଣ୍ଟି ଗ୍ରାମର ଜଳନ୍ଧର ମାଝୀ ଚାଷ ଜମିକୁ ଯାଉଥିବା ବେଳେ ରାସ୍ତାରେ ଓହଳି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶ ରେ ଆସି ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ ଆଜି କଳାହାଣ୍ଡି ଜିଲ୍ଲାପାଳ, ଓଡ଼ିଶାର ଶକ୍ତି ବିଭାଗ ସଚିବ ଏବଂ ଟାଟା ପାୱାର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ତଲବ କରିଛନ୍ତି।ଘଟଣା ଘଟିବା ବାବଦରେ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲା (କେଶ ନମ୍ବର ୧୫୧୭ /୧୮ /୬ /୨୦୨୫ ) ର ଶୁଣାଣି ୧୯ ଫେବୃଆରୀ ୨୦୨୬ ରେ ଅନୁଷ୍ଠିତ ହୋଇଥିଲା ଏବଂ ଏହାର ଗୁରୁତ୍ୱ ଉପଲବ୍ଧି କରି ମାନବାଧିକାର କମିଶନ ନୋଟିସ ଜାରି କରିଛନ୍ତି। ନୋଟିସ ପ୍ରାପ୍ତିର ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ସମସ୍ତ ଅଧିକାରୀ ମାନଙ୍କୁ କମିଶନ ତାଗିଦ କରିଛନ୍ତି।

## ସୁନା ଚୋରି ମାମଲାରେ ଛତିଶଗଡ଼ର ୬ ମହିଳା ଗିରଫ


**ଲାଞ୍ଜିଗଡ଼, ୧୯ ।୨(ସମିସ):** ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ବନ୍ଧପାରୀ ପଞ୍ଚାୟତ ଅଞ୍ଚଳରେ ସୁନା ଚୋରି ମାମଲାରେ ଛତିଶଗଡ଼ ରାଜ୍ୟର ୬ଜଣ ମହିଳାଙ୍କୁ କୋର୍ଟ ଚାଲାଣ କରିଛି ବିଶ୍ୱନାଥପୁର ପୁଲିସ। ଲାଞ୍ଜିଗଡ଼ ଅଞ୍ଚଳକୁ ବିଭିନ୍ନ ରାଜ୍ୟର ଲୋକେ ବ୍ୟବସାୟ କରିବା ପାଇଁ ଆସିଥାନ୍ତି। ହେଲେ ଏହି ଅଞ୍ଚଳର ସରଳନିରୀହ ଲୋକଙ୍କୁ ସରଳତାର ସୁଯୋଗ ନେଇ ଟଙ୍କା ପଇସା ଓ ସୁନା ଗହଣା ଲୁଟି ନେଇଥାନ୍ତି ସେହି ବାହାର ରାଜ୍ୟର ଅଣ ଓଡିଆ ଲୋକେ।ଏଭଳି ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ବନ୍ଧପାରୀ ଓ ଲାଞ୍ଜି ପଞ୍ଚାୟତ ଅଞ୍ଚଳରେ। ସୂଚନାଯୋଗ୍ୟ ଛତିଶଗଡ଼ ରାଜ୍ୟର ୬ ଜଣ ମହିଳା ଚୁଡି, ଶଙ୍ଖା ବିକ୍ରି କରିବା ସହିତ ପୁରୁଣା ସୁନାକୁ ସଫାକରି ନୂଆଁ କରି ଚମକ ଦେବା ଓ ପୁରୁଣା ମଙ୍ଗଳ ସୂତ୍ରକୁ ନୂଆ ସୁତା ଗୁନ୍ଥା ଦେବା ବାହାନାରେ ଲୋକଙ୍କ ଶୁଦ୍ଧ ଅସଲି ସୁନା ବଦଳରେ ନକଲି ସୁନା ଦେଇ ଚକମା ଦେଉଥିବା ଖବର ଅଞ୍ଚଳରେ ପୂର୍ବରୁ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ତେବେ ବୁଧବାର ବେନଗାଁ ପଞ୍ଚାୟତ ସ୍ଥିତ ଧଡେଲ ଗାଁରେ ପୁଣିଥରେ ସେହି ୬ ଜଣ ମହିଳା ଆସି ଏହିଭଳି ସୁନା ଗହଣା ଠକି ନେଉଥିବା ଉଦ୍ୟମ କରୁଥିବା ବେଳେ ଅଞ୍ଚଳବାସୀ ଏହି ମହିଳାମାନଙ୍କୁ କାବୁଟରି ନିର୍ଭ୍ରମ ମାଡ଼ ମାରି ବିଶ୍ୱନାଥପୁର ପୁଲିସକୁ ଫୋନ୍ କରି ଯିମା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ତଦନ୍ତ ପରେ ୬ ଜଣ ମହିଳା ଛତିଶଗଡ଼ ରାଜ୍ୟ ବୁଟି ଗିରି, କିରଣ ଗିରି, ମମତା ଗିରି, ବଶମତି ଗିରି, ସୁନିତା ଗିରି, ରାମ କୁମାରୀ ଗିରିଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଉମା ଗିରି ଗର୍ଭ ଧାରଣ କରିଥିବାରୁ ତାଙ୍କୁ ଭବାନୀପାଟଣା ସଖି ଗୃହକୁ ସ୍ଥାନାନ୍ତରିତ କରିଥିବା ବିଶ୍?ନାଥପୁର ପୁଲିସ ପକ୍ଷରୁ ସୂଚନା ମିଳିଛି।



### ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମାନ ଉଦ୍‌ଘାଟିତ

## ଉତ୍ତମ ସମାଜ ଗଠନ ପାଇଁ ସମାଜମୁଖୀ ହେବା ଆବଶ୍ୟକ

**ଭବାନୀପଟ୍ଟଣା, ୧୯ ।୨ (ସମିସ):** ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ପକ୍ଷରୁ '୨୧ତମ ଶତାବ୍ଦୀର ସମାଜ: ଗଠନ, ଅସମାନତା ଓ ସ୍ଥାୟୀ ଭବିଷ୍ୟତ' ବିଷୟରେ ଦ୍ୱିଦିବସୀୟ ଆନ୍ତର୍ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡ. ବିରେନ୍ଦ୍ର ସୁନା ଆବାହକ ଦାୟିତ୍ୱ ନିଭାଇଥିବା ବେଳେ ସହକାରୀ ପ୍ରଫେସର ଅଶ୍ୱିନୀ ଗୋମାଙ୍ଗୋ ସମ୍ମାନର ସଞ୍ଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଉଦଘାଟନୀ ଅଭିଭାଷଣରେ କହିଥିଲେ ଯେ, ୨୧ତମ ଶତାବ୍ଦୀରେ ସାମାଜିକ ଅସମାନତା ଓ ଗଠନାନକ ପରିବର୍ତ୍ତନକୁ ବୁଝିବା ପାଇଁ ଗଭୀର ଗବେଷଣା ଅତ୍ୟାବଶ୍ୟକ। ସେ ଗବେଷକମାନଙ୍କୁ ସମାଜମୁଖି ଅଧ୍ୟୟନରେ ଅଧିକ ସକ୍ରିୟ ହେବାକୁ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୁକ୍ତରାଷ୍ଟ୍ରର ଆଇଟି ବିଶେଷଜ୍ଞ ସଞ୍ଜୟ କୁମାର ଦାସ ତାଙ୍କ ଅଭିଭାଷଣରେ ପ୍ରଯୁକ୍ତିବିଦ୍ୟା ଓ ସମାଜର ସମ୍ପର୍କକୁ ଉଲ୍ଲେଖ କରି କହିଥିଲେ ଯେ, ସ୍ଥାୟୀ ଭବିଷ୍ୟତ ପାଇଁ ଡିଜିଟାଲ୍ ଅନ୍ତର୍ଭୁକ୍ତି ଆବଶ୍ୟକ। ସମ୍ମାନୀତ ଅତିଥି ପ୍ରଫେସର ରୋଲାଣ୍ଡ ହାର୍ଡେନବର୍ଗ (ଫ୍ରୋବେନିଉସ୍ ଇନଷ୍ଟିଚ୍ୟୁଟ, ଜର୍ମାନୀ) ସମାଜ ଓ ସାଂସ୍କୃତିକ ଗଠନ ଓ ଆନ୍ତର୍ଜାତୀୟ ପରିପ୍ରେକ୍ଷୀରେ ଅସମାନତା ବିଷୟରେ ଆଲୋଚନା କରିଥିଲେ। ଅନ୍ୟ ଜଣେ ସମ୍ମାନିତ ଅତିଥି ପ୍ରଫେସର ପିଟର ବର୍ଗର (ଗ୍ରୋନିଙ୍ଗେନ ବିଶ୍ୱବିଦ୍ୟାଳୟ, ନେଦରଲ୍ୟାଣ୍ଡ) ଧର୍ମ, ସଂସ୍କୃତି ଓ ସମାଜର ପରିବର୍ତ୍ତନଶୀଳ ଚରିତ୍ର ଉପରେ ତାଙ୍କ ମତ ପ୍ରକାଶ କରିଥିଲେ। ପ୍ରଫେସର ଦୀପ୍ତି ରଞ୍ଜନ





ସାହୁ ସମାଜବିଜ୍ଞାନର ଭୂମିକା ଓ ସମାନତାମୂଳକ ସମାଜ ଗଠନ ପାଇଁ ଗବେଷଣାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ପ୍ରଫେସର ଅରବିନ୍ଦ ଅନସାରୀ (ଜାମିଆ ମିଲିଆ ଇସ୍ଲାମିଆ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ) ସାମାଜିକ ନ୍ୟାୟ ଓ ଶିକ୍ଷାର ଭୂମିକା ଉପରେ ମନ୍ତବ୍ୟ ରଖିଥିଲେ। ସହଯୋଗୀ ପ୍ରଫେସର ରାଜକିଶୋର ମହାନା ସମାଜ ଓ ଲୋକସ୍ୱାସ୍ଥ୍ୟ ବିଷୟରେ ତାଙ୍କ ଅନୁଭବ ବ୍ୟକ୍ତ କରିଥିଲେ। ଉପକୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଭାଷା ଓ ସାହିତ୍ୟ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି ହୋଇପାରିବ ବୋଲି ନିଜର ଅଭିମତ ପ୍ରକାଶ କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ରବୀନ୍ଦ୍ର ଗରଡା ମୁଖ୍ୟବକ୍ତା ରୂପେ ଉପସ୍ଥିତ ହୋଇ ୨୧ତମ ଶତାବ୍ଦୀରେ ସାମାଜିକ ପରିବର୍ତ୍ତନ ଓ ଅସମାନତାର ନୂତନ ଆୟାମ ବିଷୟରେ ଗଭୀର ବିଶ୍ଳେଷଣ କରିଥିଲେ। ପରିଶେଷରେ ସହକାରୀ ପ୍ରଫେସର ଡକ୍ଟର ପ୍ରିୟରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମାଜବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସୁବଳ ତାଣ୍ଡି, ଡକ୍ଟର ରୋଜାଲିନ ବେହେରା, ଶ୍ରୀ ଆରିଫ ରାଜା ତଥା ଗବେଷକ, ଗବେଷିକା ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ସମ୍ମାନଟି ଅନୁଷ୍ଠିତ ହୋଇଥିଲା।

## ଚିକିତ୍ସା ଅଭାବରୁ ୧୨ବର୍ଷର ବାଳକର ମୃତ୍ୟୁ

**ଥୁଆମୂଳରାମପୁର, ୧୯ ।୨ (ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଦୁର୍ଗମ ସିଲେଟ ପଞ୍ଚାୟତର ଦାଣ୍ଡପଦର ଗ୍ରାମରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସାରା ଅଞ୍ଚଳକୁ ଶୋକାକୁଳ କରିଛି। ଏକ ଗରିବ ପରିବାରର ୧୨ ବର୍ଷର ଶିଶୁ ନିରଞ୍ଜନ ନାଏକ ଦୀର୍ଘଦିନ ଧରି ରକ୍ତଶୂନ୍ୟତା ଓ ଟିବି ରୋଗରେ ପୀଡ଼ିତ ଥିଲେ। ଚିକିତ୍ସାର ଅଭାବ ଓ ଆର୍ଥିକ ଅନାଟନ ତାଙ୍କ ଜୀବନକୁ ଶେଷରେ କାଢ଼ିନେଲା। ନିରଞ୍ଜନଙ୍କ ପିତା ଘାସିରାମ ନାଏକଙ୍କ ୮ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ବିଧବା ମାଆ ମୁଲା ନାଏକ ଦିନମଜୁରୀ କରି ତିନି ଛୁଆଙ୍କୁ ନେଇ ଦୟନୀୟ

- ଆୟୁଷ୍ମାନ କାର୍ଡ ନଥିବା ହେଲା କି ମୃତ୍ୟୁର କାରଣ
- ଆର୍ଥିକ ଅନାଟନର ଦାରୁଣ ଚିତ୍ର



ଜୀବନ କାଟୁଛନ୍ତି। ତିନି ଛୁଆଙ୍କ ମଧ୍ୟରେ ନିରଞ୍ଜନ ଥିଲେ ସାନପୁଅ। ପୁଅର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବା ମାଆ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ତଥାପି କିଛି ଧନ ଯୋଗାଡ଼ କରି ସମ୍ପର୍କୀୟଙ୍କ ସହାୟତାରେ ସେ ନିରଞ୍ଜନକୁ ବ୍ରହ୍ମପୁରର ଏମ୍‌କେସିଜି. ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଅତ୍ୟଧିକ ସଂକ୍ରମଣ ହେତୁ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ହୋଇ ପଡ଼ିବା ପରେ ୧୬ ତାରିଖ ସୋମବାର ଦିନ ଡାକ୍ତର ଗୁରୁତର ନିରଞ୍ଜନକୁ ଉତ୍ତମ ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ କହିଥିଲେ। ଅର୍ଥ ଅଭାବ ଯୋଗୁଁ ଉପାୟ ଶୂନ୍ୟ ହୋଇ ଘରକୁ ନେଇ ଆସୁଥିବା ବେଳେ ବାଟରେ ନିରଞ୍ଜନର ମୃତ୍ୟୁ ଘଟିଥିଲା। ଗରିବ ଓ ଅସହାୟଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ପୂର୍ବତନ ବିଜୁ ଜନତା ଦଳ ସରକାର ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଚାଲୁ ଥିଲା, ଯାହା ଦ୍ୱାରା ଅନେକ ଗରିବ ପରିବାର ମୁକ୍ତ ଓ ଉନ୍ନତ ଚିକିତ୍ସାର ସୁଯୋଗ ପାଇଥିଲେ। କିନ୍ତୁ ନିରଞ୍ଜନଙ୍କ ପରିବାର ପାଖରେ ଆୟୁଷ୍ମାନ ଭାରତ କାର୍ଡ ନଥିବାରୁ ଭଲ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ସମ୍ଭବ ହୋଇନଥିଲା ବୋଲି ପରିବାର ଲୋକେ କହିଛନ୍ତି। ପରିବାରର ମତାନୁସାରେ, ଯଦି ସମୟରେ ସରକାରୀ ସ୍ୱାସ୍ଥ୍ୟ କାର୍ଡ ମିଳିଥାନ୍ତା, ତେବେ ସମ୍ଭବତଃ ଏହି ଦୁଃଖଦ ଘଟଣାକୁ ରୋକାଯାଇପାରିଥାନ୍ତା। ଏହି ଘଟଣା ଆଜି ମଧ୍ୟ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ସଚେତନତା ଓ ସରକାରୀ ଯୋଜନାର ପହଞ୍ଚ କେତେ ଅପର୍ଯ୍ୟାପ୍ତ, ତାହାର ଏକ କଠୋର ଚିତ୍ର ଦେଖାଇଦେଇଛି।

ରେଲୱେରେ ଚାକିରି କରାଇବା ନାରେ ଠକେଇ

## ପୁଲିସରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ

**ଭବାନୀପାଟଣା, ୧୯ ।୨(ସମିସ)**

ରେଳ ବିଭାଗରେ ଚାକିରି କରାଇ ଦେବି ବୋଲି କଳାହାଣ୍ଡି ଜିଲ୍ଲାରେ ନିରୀହ ଯୁବକମାନେ ଠକ ହାବୁଡ଼ରେ ପଡ଼ି ମୁଣ୍ଡରେ ହାତଦେଇ ବସିଛନ୍ତି। ଚାକିରି ଆଶା ଦେଖାଇ ଲକ୍ଷ ଲକ୍ଷ ଟଙ୍କା ହଡପ କରିଦେବା ଭଳି ସଙ୍ଗୀନ ଘଟଣା ପୁଲିସ ହାଲକାଭାବେ ନେଇ ଚୁପ୍ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଟଙ୍କା ଠକେଇ ମାମଲା ନେଇ ଭବାନୀପାଟଣା ସଦର ପୁଲିସ ପାଖରେ ଗତ ବର୍ଷ ଏପ୍ରିଲ ୧ରେ ଏତଲା ହୋଇଥିଲେ ବି ପୁଲିସ ତଦନ୍ତ ଆଗକୁ ବଢୁନାହିଁ। ଏମିତି କି ଏସପିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସଦର ପୁଲିସ ଠକ୍ ନିକଟରେ ପହଁଞ୍ଚିଚ ପାରିନି।ପ୍ରକାଶ ଯେ କେସିଙ୍ଗା ଠକେଇରେ ଶିକାର ହୋଇଥିବା ପାଷ୍ଟିକୁଡ଼ିର ରାମ ମୃତ୍ୟୁଞ୍ଜୟ। କେସିଙ୍ଗା ବ୍ଲକ ରେଙ୍ଗାଲୀ ଗାଁ ପଙ୍କଜ ମାଝୀ ଓ ନାସି ଗାଁ ଆପୁଆ ପଡ଼ା ରମେଶ ଜାନୀ ଗତ ୭.୧୨.୨୨ ରେ ତାଙ୍କ ଘରକୁ ଆସି ରେଲୱେରେ ଚାକିରି ଜିଏମ୍ କୋଟାରେ ହେବ ବୋଲି କହିଥିଲେ। ପରେ ସେମାନେ ଏଥିପାଇଁ ୮ ଲକ୍ଷ ୨୦ହଜାର ଟଙ୍କା ଦାବି କରିଥିଲେ। ସେମାନେ ତାଙ୍କର ଏଜେଣ୍ଟ ବୋଲି କହି ବିଭିନ୍ନ ପର୍ଯ୍ୟାୟରେ ଫୋନ ପେ ମାଧ୍ୟମରେ ୪ ଲକ୍ଷ ୯୩ ହଜାର ୬୯୦ ଟଙ୍କ ନେଇ ହଡପ କରିଥିବା ଏତାଲାରେ ଦର୍ଶାଯାଇଛି। ମୃତ୍ୟୁଞ୍ଜୟଙ୍କୁ ଛାଡି ଶିରିପୁରର ଜଗଜିତ ପ୍ରଧାନ ୪ଲକ୍ଷ, ଚହଗାଁର ତିରୁପତି ସାହା ୬ଲକ୍ଷ, କେନ୍ଦୁପାଟି ର କରୁଣା ମାଝୀ ୩ଲକ୍ଷ ନେଇଛନ୍ତି।ଟଙ୍କା ନେଇ ଚାକିରୀ କରେଇଥିବା ଏଜେଣ୍ଟ ମାନେ।ଟଙ୍କା ନେଇ ମିଛର କଲିକତା ନେଇ ବିଭିନ୍ନ ସରକାରୀ କାଗଜପତ୍ର ଦେଖାଇ ଫେରାଇ ଆଣିଥିଲେ।ଏହି ଏଜେଣ୍ଟଙ୍କ ମଧ୍ୟରେ ଗଂଜାମ ବୁଗୁଡା ର ଚନ୍ଦନ ପ୍ରଧାନ ମଧ୍ୟ ସାମିଲ ରହିଛନ୍ତି। ଠକେଇ ହୋଇଥିବା ଜାଣିବା ପରେ ଏମାନେ ଟଙ୍କା ଦେଇଥିବା ପଙ୍କଜ ମାଝୀ ଓ ରମେଶ ଜାନୀଙ୍କୁ ଟଙ୍କା ମାଗିଥିଲେ। ହେଲେ ଏହି ଦୁଇଜଣ ଧରା ଛୁଆଁ ଦେଲେ ନାହିଁ।ଖାଲି ତିରୁପତିଙ୍କ ଟଙ୍କା ନେଇଥିବା ରମେଶ ତାଙ୍କ ପୁଅଙ୍କ ଏକାଉଣ୍ଟ ରେ ନେଇଥିବା ଏବଂ ତାଙ୍କ ପୁଅ ପୋଲିସ ରେ କନେଷ୍ଟବଳ ଚାକିରୀ କରୁଥିବାରୁ କାଳେ ଚାକିରେରେ ଅସୁବିଧା ହେବ ବୋଲି ତିରୁପତି କିଛି ଟଙ୍କା ଫେରସ୍ତ କରିଥିଲେ। ହେଲେ ବାକି ଯୁବକଙ୍କୁ ଏମାନେ ନେଇଥିବା ଟଙ୍କା ଫେରସ୍ତ ନ କରି ଭୁଆଁ ବୁଲାଉଛନ୍ତି।ଏଥିରେ ଅତିଷ୍ଠ ହୋଇ ମୃତ୍ୟୁଞ୍ଜୟ ଭବାନୀପାଟଣା ସଦର ଥାନାରେ ଏତଲା ଦେଲେ ବି କାର୍ଯ୍ୟାନୁଷ୍ଠାନ କିଛି ନାହିଁ।ଏମିତି କି ମୃତ୍ୟୁଞ୍ଜୟ କଳାହାଣ୍ଡି ଏସ୍ପି ଙ୍କୁ ଦୁଇ ଥର ଭେଟିବା ଏବଂ ଏସ୍ପି ନିର୍ଦ୍ଦେଶ ଦେଲେ ବି ପୋଲିସ କିଛି ପଦକ୍ଷେପ ନେଉ ନାହିଁ। ଚଳିତ ମାସର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ପୁଣି ନ୍ୟାୟ ପାଇଁ ଅଭିଯୋଗ କରିଛନ୍ତି। ଏସ୍ପି ଭବାନୀପାଟଣା ସଦର ଏସ୍‌ଡିପିଓଙ୍କୁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚାକିରି ପାଇଁ ଟଙ୍କା ଦେଇ ଠକେଇ ହୋଇଥିବା ୫ଜଣ ମଧ୍ୟରୁ ଏବେ ୩ ଜଣ ଧାର କରଜ କରି ଦେଇଥିବା ଟଙ୍କା ସୁଝିବା ପାଇଁ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି ବୋଲି ଫୋନରେ କହିଛନ୍ତି।ଏ ସମ୍ପର୍କରେ ଭବାନୀପାଟଣା ସଦର ଏସ୍‌ଡିପିଓ ନରେଶ ପ୍ରଧାନ ଘଟଣା ସତ ଆମେ ଆମେ ସେମାନଙ୍କୁ ଖୋଜୁଛୁ ବୋଲି କହିଥିଲେ।ଟଙ୍କା ନେଇଥିବା ଦୁଇ ଜଣଙ୍କ ମଧ୍ୟରୁ ରମେଶ ଜାନୀଙ୍କୁ ଫୋନ ଯୋଗେ ପଚାରିବାରୁ ଟଙ୍କା ନେବା କଥା ସ୍ୱୀକାର କରି କଥା ବୁଲାଇ ଥିଲେ।ଟଙ୍କା ଠକେଇର ଶିକାର ହୋଇଥିବା ଯୁବକମାନେ ଟଙ୍କା ନ ମିଳିଲେ ଶେଷରେ ଆତ୍ମହତ୍ୟା କରିବୁ ଏବଂ ପୁଲିସ ଦାୟୀ ରହିବ ବୋଲି କହିଛନ୍ତି। ଏହି ଘଟଣାରେ ଏକ ବଡ ରାକେଟ କାମ କରୁଥିବା ଅନୁମାନ କରାଯାଉଛି।

## ପାଟଣାଗଡ଼ ଡାକ୍ତରଖାନା ନିରାମୟ କେନ୍ଦ୍ରରେ ମାତାଲ କର୍ମଚାରୀ

# ମଦ ପିଇ ଭୁଲ ଔଷଧ ଦେଲେ



ପାଟଣାଗଡ଼, ୧୯।୨ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଡାକ୍ତରଖାନାର ନିରାମୟ କେନ୍ଦ୍ରରେ ଜଣେ ମାତାଲ କର୍ମଚାରୀ ରୋଗୀଙ୍କ ସମ୍ପର୍କୀୟଙ୍କୁ ଭୁଲ୍ ଔଷଧ ଦେଉଥିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତ୍ରିରେ

### ଭିଡିଓ ଭାଇରାଲ

ପାଟଣାଗଡ଼ କୋଦୋପଡ଼ାର ବୃଦ୍ଧା ସୁକାନ୍ତୀ ବାଗ(୭୫)ଙ୍କୁ ତାଙ୍କ ନାତି ଅମର ଖରସେଲ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ବୃଦ୍ଧାଙ୍କୁ ଏକ ଟିଟି ଇଞ୍ଜେକ୍ସନ୍ ଓ ଅନ୍ୟ ଔଷଧ ଦେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଅମର ଔଷଧ ଆଣିବାକୁ ଡାକ୍ତରଖାନାର ନିରାମୟ କେନ୍ଦ୍ରକୁ ଯାଇଥିଲେ। କିନ୍ତୁ, ସେଠାରେ ଦାୟିତ୍ୱରେ ଥିବା କର୍ମଚାରୀଜଣଙ୍କ ମଦ ପିଇ ମାତାଲ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଏତେ ମାତ୍ରାରେ ସେ ମଦ ପିଇଥିଲେ ଯେ ନିଶା ଯୋଗୁଁ ଚଲାବୁଲା ବି କରିପାରୁନଥିଲେ। ଏପରିକି, ତାଙ୍କୁ ଭୁଲ୍ ଔଷଧ ମଧ୍ୟ ଦେଇଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଅମର ଏହାର ଏକ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏ ସଂପର୍କରେ ପାଟଣାଗଡ଼ ଏସ୍‌ଡିଏମ୍‌ଓ ସରୋଜ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ କର୍ମଚାରୀଜଣଙ୍କ ପୂର୍ବରୁ ଖପ୍ରାଖୋଲରେ ଥିଲେ। ଗତ ଡିସେମ୍ବରରେ ଏଠାକୁ ଆସିଛନ୍ତି। ତେବେ ଅଭିଯୋଗ ଆସିବା ପରେ ତାଙ୍କୁ ନିରାମୟ କେନ୍ଦ୍ରରୁ ହଟାଇ ଦିଆଯାଇଛି। ଏହାସହ ଘଟଣାର ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି।

# ଭାଲୁ ସହ ଲଢ଼ି ସ୍ୱାମୀଙ୍କ ଜୀବନ ବଞ୍ଚାଇଲେ



■ କରଞ୍ଜିଆ, ୧୯।୨ (ସମିସ): ଭାଲୁ ସହ ଲଢ଼ି ସ୍ୱାମୀଙ୍କ ଜୀବନ ବଞ୍ଚାଇଲେ ସ୍ତ୍ରୀ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ କାଡଡିହ ସେକ୍ସନ୍‌ର ମିଲୁ ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ଭାଲୁ ଆକ୍ରମଣର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଗ୍ରାମର ମାଲଦେ ସୋରେନ(୪୫)। ତାଙ୍କର ମୁଣ୍ଡ ଉପରିଭାଗ ଚର୍ମ ସଂପୂର୍ଣ୍ଣ ଉଠିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ମିଲୁ ଗ୍ରାମକୁ ଲାଗି ହାତୀସାଲବେଡ଼ା ଜଙ୍ଗଲ ରହିଛି। ଆଜି ଦିନ ପ୍ରାୟ ୧୧ଟାରେ ଉକ୍ତ ଜଙ୍ଗଲରେ ୬ଟି ଭାଲୁ ଘୁରି ବୁଲୁଥିଲେ। ଏହି ସମୟରେ ମାଲଦେ ଓ ତାଙ୍କ ସ୍ତ୍ରୀ ଲିଲି ଜଙ୍ଗଲକୁ ପତ୍ର ଗୋଟାଇବାକୁ ଯାଇଥିବା ବେଳେ ଗୋଟିଏ ଭାଲୁ ମାଲଦେଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଭାଲୁଟି ମାଲଦେଙ୍କ ମୁଣ୍ଡକୁ ବିଦାରି ପକାଇବା ସହ ଚମ ଉତାରି ଦେଇଥିଲା। ଏହା ଦେଖି ଲିଲି ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଭାଲୁକୁ ଆକ୍ରମଣ କରିଥିଲେ। ତାକୁ ଟେକାପଥର ମାଡ଼ କରିବା ସହ ଏକ ବାଡ଼ିରେ ପିଟିବାରୁ ଭାଲୁଟି ଜଙ୍ଗଲ ଭିତରକୁ ଯାଇଥିଲା। ପରେ ଲିଲିଙ୍କଠାରୁ ଖବର ପାଇ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି।

# ଦୁଷ୍କର୍ମ ପୀଡ଼ିତା ନାବାଳିକା ଗର୍ଭବତୀ

ମୋହନା, ୧୯।୨ (ସମିସ): ଜଣେ ଦୁଷ୍କର୍ମ ପୀଡ଼ିତା ୧୩ ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଘଟଣାକୁ ନେଇ ମୋହନା ଥାନା ଅଞ୍ଚଳରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ଥାନାରେ ଅଭିଯୋଗ ହେବାରୁ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଗିରଫଦାରୀ ଭୟରେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସେ ହେଲା ତାରିଣୀ ପ୍ରଧାନ। ପୁଲିସ ସୂଚନାନୁସାରେ, ନାବାଳିକାର ବାପା-ମା' ଦିନ ମଜୁରିଆ। ସେମାନେ ପ୍ରତିଦିନ କାମ କରିବାକୁ ବାହାରକୁ ଚାଲିଯିବା ପରେ ତାରିଣୀ ତାଙ୍କ ଘରକୁ ଯାଇ ନାବାଳିକା ଝିଅକୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ଧମକ ଚମକ ଦେଇ ବାରମ୍ବାର ଦୁଷ୍କର୍ମ କରି ଆସୁଥିଲା। ତେବେ କିଛି ଦିନ ତଳେ ନାବାଳିକାର ଶାରୀରିକ ପରିବର୍ତ୍ତନ ଦେଖି ମା' ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଝିଅ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଖବର ପାଇ ମୋହନା ଚାଇଲ୍ଡ ଲାଇନ ସଦସ୍ୟ ପହଞ୍ଚି ନାବାଳିକାକୁ ଉଦ୍ଧାର କରିବା ସହ ମୋହନା ଥାନାକୁ ନେଇଥିଲେ। ପୁଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ତାରିଣୀ ଫେରାର ହୋଇଯାଇଛି। ନାବାଳିକାକୁ ମୋହନାସ୍ଥିତ ସୁଧାରଗୃହରେ ରଖାଯାଇଛି। ଶୁକ୍ରବାର ତାକୁ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯିବ ବୋଲି ଜଣାଯାଇଛି।

ତାରିଣୀ ନାମରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ରହିଛି। ୨୦୧୯ ମସିହାରେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ଯୁବତୀଙ୍କ ସହ ଅବୈଧ ସମ୍ପର୍କ ରଖିଥିବା ନେଇ ଅଭିଯୋଗ ପରେ ଉକ୍ତ ଗ୍ରାମର ଲୋକେ ତାରିଣୀର ଘର ଭାଙ୍ଗି ଦେଇଥିଲେ। ଅଭିଯୁକ୍ତକୁ ଅତିଶୀଘ୍ର ଗିରଫ କରି କଠୋର ଦଣ୍ଡ ଦେବାକୁ ନାବାଳିକାର ପରିବାରବର୍ଗ ଏବଂ ଗ୍ରାମବାସୀ ଦାବି କରିଛନ୍ତି।

# ଥାଇଲାଣ୍ଡରେ ଫସିଛନ୍ତି ୬ ଓଡ଼ିଆ

ଭୁବନେଶ୍ୱର,୧୯।୨ (ସମିସ): ସୁଦୂର ଥାଇଲାଣ୍ଡରେ ଫସିଛନ୍ତି ୬ଜଣ ଓଡ଼ିଆ ଶ୍ରମିକ। ସେଠାରେ ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ସହ ଦରମା ମଧ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ଏହି ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଏବେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ସହାୟତା ଲୋଡ଼ିଛନ୍ତି।

### ବୈଦେଶିକ ମନ୍ତ୍ରଣାଳୟର ସହାୟତା ଲୋଡ଼ିଲେ ରାଜ୍ୟ ସରକାର

ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଜରିଆରେ ଶ୍ରମିକମାନେ ନିଜର ଦୁଃଖ କାହାଣୀ ଜଣାଇଥିଲେ। ସେମାନଙ୍କ କହିବା ଅନୁଯାୟୀ, ଥାଇଲାଣ୍ଡର ଏକ ପ୍ଲାଏଉଡ୍ କମ୍ପାନୀରେ ସେମାନେ କାମ କରୁଥିଲେ। ମାତ୍ର ଗତ ୩ ମାସ ହେବ ସେମାନଙ୍କୁ କୌଣସି ପାରିଶ୍ରମିକ ମିଳିନାହିଁ। ଦରମା ମାଗିଲେ ମାଲିକ ଓଲଟା ଧମକଚମକ ଦେଉଛନ୍ତି। ଏବେ ସେମାନଙ୍କ ପାଖରେ ଖାଇବାକୁ ମଧ୍ୟ ଟଙ୍କା ନାହିଁ ଏବଂ ସେମାନେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା 'ଓଡ଼ିଶା ପରିବାର' ନିର୍ଦ୍ଦେଶକଙ୍କଠାରୁ ଏ ବାବଦରେ ସୂଚନା ପାଇବା ପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ପ୍ରମୁଖ ଆବାସିକ କମିଶନର ବିଶାଲ ଗଗନ ଓ ରାଜ୍ୟ ଶ୍ରମ କମିଶନରଙ୍କ ପକ୍ଷରୁ ଏନେଇ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବଙ୍କୁ ଏକ ଚିଠି ଲେଖି ବିସ୍ତୃତ ସୂଚନା ଦେବା ସହ ସହାୟତା ଲୋଡ଼ିଛନ୍ତି। ଶ୍ରମିକମାନଙ୍କୁ ତୁରନ୍ତ ସେଠାରୁ ଉଦ୍ଧାର କରିବା ସହ ସେମାନଙ୍କର ବାକି ସମସ୍ତ ପ୍ରାପ୍ୟ ଓ ଦରମା ପ୍ରଦାନ ପାଇଁ କୂଟନୈତିକ ସ୍ତରରେ ପଦକ୍ଷେପ ନିଆଯାଉ ବୋଲି ରାଜ୍ୟ ସରକାର ନିବେଦନ କରିଛନ୍ତି। ଏହାସହ ସେମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାକୁ ବ୍ୟବସ୍ଥା କରାଯାଉ ବୋଲି ସରକାର କହିଛନ୍ତି।

# ହୁତୁହୁତୁ ହୋଇ ଜଳିଗଲା କପଡ଼ା ଗୋଦାମ



ଯୋଡ଼ା, ୧୯।୨ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳର ୬ ନମ୍ବର ୱାର୍ଡର କପଡ଼ା ବ୍ୟବସାୟୀ ରୋଡାକ୍ ଅଗ୍ରୱାଲଙ୍କ ଘରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଏଥିରେ ତାଙ୍କ କପଡ଼ା ଗୋଦାମ ଛାରଖାର ହୋଇଯାଇଛି। ତଳ ମହଲାରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଉପର ମହଲାରେ ପରିବାରର ୯ ଜଣ ସଦସ୍ୟ ରହୁଥିଲେ। ବହୁକଷ୍ଟରେ ସେମାନେ ବାହାରକୁ ଆସିବାରେ ସକ୍ଷମ ହୋଇଥିବାରୁ ଅଳ୍ପକେ ବର୍ତ୍ତିଯାଇଛି ୯ଟି ଅମୂଲ୍ୟ ଜୀବନ। ଗୁରୁବାର ଭୋର୍ ପ୍ରାୟ ୪.୩୫ ମିନିଟ୍ ସମୟରେ ବଡ଼ବିଲ ଅଗ୍ନିଶମ ବିଭାଗ ନିଆଁ ଲାଗିଥିବା ସୂଚନା ପାଇଥିଲା। ପରେ ବଡ଼ବିଲ ଅଗ୍ନିଶମ ବିଭାଗ ଯୋଡ଼ା ଅଗ୍ନିଶମ ବିଭାଗ ସହ ଅନ୍ୟ ନିଆଁଲିଭା ଗାଡ଼ି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଏହି ଅଗ୍ନିକାଣ୍ଡ କୌଣସି ସର୍ଟସର୍କିଟ ଯୋଗୁଁ ହୋଇଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କପଡ଼ା ସାମଗ୍ରୀ ଜଳିପୋଡ଼ି ଯାଇଛି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ



ଛେଣ୍ଡିପଦା,୧୯।୨(ସମିସ): ନିଶା ଶିକ୍ସାଞ୍ଚଳ ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ମିଳିତ ଭାବେ ଜଙ୍ଗଲ ଜାମୁଣ୍ଡାରେ ଥିବା ଟ୍ରକ ପାର୍କିଂରେ ଚଢ଼ଉ କରି ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଗିରଫ ଟ୍ରକ୍ ଚାଳକ ହେଲେ, ଜରପଡ଼ା ଥାନା ଦୁର୍ଗାପୁରର ଟିକନ ବେହେରା। ଜାମୁଣ୍ଡା ଟ୍ରକ ପାର୍କିଂରୁ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କୁ ସୂଚନା ମିଳିଥିଲା। ତାଙ୍କ ନିର୍ଦ୍ଦେଶରେ ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ସେଠାରେ ଚଢ଼ଉ କରିଥିଲେ। ପୁଲିସ (ଓଡି୧୫-ସି୩୦୧୧) ଟ୍ରକ୍‌କୁ ଯାଞ୍ଚ କରିବା ବେଳେ ସେଥିରେ ୬୩ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୁଲିସ ଚାଳକକୁ ଅଟକ ରଖି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିଥିଲା। ୧୫ କୁଇଣ୍ଟାଲ ୭୩ କିଗ୍ରା ୨୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇକୁ ଟ୍ରକ ଯୋଗେ ଫୁଲବାଣୀରୁ ଆଣାଯାଇ ପାର୍କିଂରେ ରଖାଯାଇଥିଲା। ପରେ ଝାଡ଼ଖଣ୍ଡ ସମେତ ବିଭିନ୍ନ ରାଜ୍ୟକୁ ଚାଲାଣ କରାଯାଇ ଥାଆନ୍ତା ବୋଲି ଅଭିଯୁକ୍ତ ଟ୍ରକ ଚାଳକ ସ୍ୱୀକାର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଚାଳକଙ୍କୁ ଗରୁବାର କୋର୍ଟଚାଲାଣ କରାଯାଇଛି।

# ଶିମିଳିପାଳରେ ହେବ ହେଲିପ୍ୟାଡ୍

ଭୁବନେଶ୍ୱର,୧୯।୨(ସମିସ): ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କ ପ୍ରସ୍ତାବ କ୍ରମେ ଶିମିଳିପାଳ ନିକଟରେ ହେଲିପ୍ୟାଡ୍ ନିର୍ମାଣ ନିମିତ୍ତ ଆବଶ୍ୟକ ଜମି ନିରୂପଣ ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଗୁରବାର ଏନେଇ ଗୃହରେ ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଭୁବନେଶ୍ୱର-ଗୋପାଳପୁର(ଗଞ୍ଜାମ), ଭୁବନେଶ୍ୱର-ଶିମିଳିପାଳ ଜାତୀୟ ଉଦ୍ୟାନ (ମୟୂରଭଞ୍ଜ)ଠାରେ ହେଲି-ଟାକ୍ସି ସେବା ପରିଚାଳନା ପାଇଁ 'ପବନ୍ ହଂସ୍ ଲିମିଟେଡ୍' (ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ କେନ୍ଦ୍ର ସରକାରୀ ଉଦ୍ୟୋଗ) କୁ ମନୋନୀତ କରାଯାଇଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ୩୧ଟି ନୂଆ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୧୯।୨(ସମିସ): ରାଜ୍ୟରେ ୩୧ ଟି ନୂତନ ଜିଲ୍ଲା ଗଠନ ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ଆସିଛି। ତେବେ ଏହି ପ୍ରସ୍ତାବଗୁଡ଼ିକୁ ଉପଯୁକ୍ତ ସମୟରେ ସରକାର ବିଚାର କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

■ ଗଞ୍ଜାମରୁ ୫ ଓ ମୟୂରଭଞ୍ଜରୁ ୪ ଜିଲ୍ଲା ଗଠନ ପ୍ରସ୍ତାବ
■ ଉପଯୁକ୍ତ ସମୟରେ ବିଚାର ହେବ: ରାଜସ୍ୱ ମନ୍ତ୍ରୀ

ବିଧାୟକ ବିଜୟ କୁମାର ଦଳବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ୨୦୨୬-୨୭ ଆର୍ôଥକ ବର୍ଷ ପାଇଁ ନୂତନ ପ୍ରସ୍ତାବ ପ୍ରାପ୍ତ ହେଲେ ତାହା ମଧ୍ୟ ସରକାର ବିଚାର କରିବେ। ଗଞ୍ଜାମରୁ ସର୍ବାଧିକ ୫ ଓ ମୟୂରଭଞ୍ଜରୁ ୪ ଟି ନୂତନ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ଆସିଛି। ଅନ୍ୟପଟେ ରାଜ୍ୟରେ ୬୬ ଟି ନୂଆ ସବଡିଭିଜନ ଗଠନ ପାଇଁ ମଧ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ଆସିଛି। ନୂଆ ପ୍ରସ୍ତାବ ଗୁଡିକୁ ସରକାର ବିଚାର କରୁଛନ୍ତି। ବରଗଡ଼, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରୁ ଏହି ବାବଦରେ ସର୍ବାଧିକ ପ୍ରସ୍ତାବ ଆସିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଧାନ କିଣାକୁ ନେଇ ରାଜନୀତି କରିବା ଉଚିତ୍ ନୁହେଁ: ମନମୋହନ

ଭୁବନେଶ୍ୱର,୧୯।୨(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ଶପଥ ନେଲାବେଳକୁ ଧାନ କ୍ୱିଣ୍ଟାଲ ପିଛା ୧୩୧୦ ଟଙ୍କା ଥିଲା। ଆଜି ଓଡ଼ିଶାରେ ବିଜେପିର ଡବଲ୍ ଇଞ୍ଜିନ ସରକାର ଗଠନ ହେବା ପରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣା ହେଉଛି। ଏହା ହେଉଛି ଚାଷୀ ଭାଇଭଉଣୀଙ୍କ ପ୍ରତି ବିଜେପି ସରକାରର ପ୍ରତିବଦ୍ଧତା। ଏଭଳି ସ୍ଥିତିରେ ଧାନ କିଣାକୁ ନେଇ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି କରି ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ବିରୋଧୀ ଅପଚେଷ୍ଟା କରୁଛନ୍ତି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଧାନ କିଣା ୯୦ ରୁ ୯୫ ପ୍ରତିଶତ ଅତିକ୍ରମ କରିସାରିଛି ଓ ଧାନ କିଣା ଏବେବି ଅବ୍ୟାହତ ରହିଛି। ପ୍ରଥମ, ଦ୍ୱିତୀୟ, ତୃତୀୟ ପର୍ଯ୍ୟାୟରେ ଟୋକନ ବ୍ୟବସ୍ଥା ଅନୁସାରେ ଧାନ କିଣାଯାଇଛି। ଆବଶ୍ୟକ ପଡ଼ିଲେ ଚତୁର୍ଥ ପର୍ଯ୍ୟାୟ ଟୋକନ ପ୍ରଦାନ କରାଯିବ। ଯେପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଧାନ ରହିଛି, ସେପର୍ଯ୍ୟନ୍ତ ଧାନ କିଣା ଜାରି ରହିବ। ଏହାକୁ ବିରୋଧୀ ବିଜେଡି ଓ କଂଗ୍ରେସ ନେତୃବୃନ୍ଦ ହଜମ କରିପାରୁନାହାନ୍ତି। ରାଜନୀତି କରିବାକୁ ଅପଚେଷ୍ଟା କରୁଛନ୍ତି। ଧାନ କିଣା ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। ଧାନ କିଣାରେ ସୁବ୍ୟବସ୍ଥା ଯୋଗୁ ଓଡ଼ିଶା ରାଜ୍ୟ ସମଗ୍ର ଦେଶରେ ୧୯ରୁ ୨ ନମ୍ବର ରାଜ୍ୟ ହୋଇପାରିଛି। ଏଗ୍ରିକଲଚର ଟୁଡେ ମାଗାଜିନ୍ ଅନୁସାରେ ଚଳିତବର୍ଷ ଓଡ଼ିଶା ଧାନ କିଣାରେ ଶ୍ରେଷ୍ଠ ରାଜ୍ୟ ହୋଇପାରିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜନୀତି ବା ବିଭ୍ରାନ୍ତ ସୃଷ୍ଟି କରିବା ଉଚିତ ନୁହଁ। ଚାଷୀର ଉନ୍ନତି ହେଲେ ଓଡ଼ିଶାର ଉନ୍ନତି ହେବ। ଏହି ପ୍ରସଙ୍ଗରେ ଆଲୋଚନା ନକରି ବିରୋଧୀ ବିଧାନସଭାରେ ଯେଉଁ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ସାମଲ କହିଛନ୍ତି।

# ଜେଲର ସନ୍ତୋଷିନୀ ନିଲମ୍ବିତ

ଭୁବନେଶ୍ୱର, ୧୯।୨(ସମିସ): ସମ୍ବଲପୁର କଣ୍ଟାବାଞ୍ଜି ସବ୍‌ଜେଲର ସୁପରିଟେଣ୍ଡେଣ୍ଟ ଓ ଜେଲର୍ ଭାବେ ନିଯୁକ୍ତି ପାଇଥିବା ଚର୍ଚ୍ଚିତ ଜେଲ୍ ଅଧିକାରୀ ସନ୍ତୋଷିନୀ ଦାସଙ୍କୁ ନିଲମ୍ବିତ କରିଛି ଜେଲ ବିଭାଗ। ଗୁରୁବାର ଜେଲ୍ ବିଭାଗ ପକ୍ଷରୁ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଶ୍ରୀମତୀ ଦାସ୍ ଏହି ସମୟ ମଧ୍ୟରେ କଣ୍ଟାବାଞ୍ଜିରେ ରହିବେ ଓ ଉପଯୁକ୍ତ ଅଧିକାରୀଙ୍କ ବିନା ଅନୁମତିରେ ସେ ହେଡ୍‌କ୍ୱାଟର୍ସ ଛାଡ଼ିପାରିବେ ନାହିଁ। ଜେଲ୍ ଅନିୟମିତତା ସଂକ୍ରାନ୍ତରେ ଗଣମାଧ୍ୟମ ଜେଲ୍ ଡିଜି ସୁଶାନ୍ତ ନାଥଙ୍କୁ ଘେରିବାର ଗୋଟିଏ ଦିନ ପରେ ଏଭଳି ନିର୍ଦ୍ଦେଶନାମା ଜାରି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଗତବର୍ଷ ଅକ୍ଟୋବର ମାସରେ ହତ୍ୟା ଅଭିଯୁକ୍ତ ଦୁଇ ଜଣ ବିହାରୀ କଏଦୀ ଚମ୍ପଟ ମାରିବା ପରେ ସନ୍ତୋଷିନୀଙ୍କୁ କଣ୍ଟାବାଞ୍ଜି ଉପକାରାଗାରକୁ ବଦଳି କରାଯାଇଥିଲା। ମାତ୍ର ସେ ବିଭିନ୍ନ ସ୍ୱାସ୍ଥ୍ୟ ଗତ କାରଣ ଦର୍ଶାଇ ଦୀର୍ଘ ଦିନ ହେବ କାର୍ଯ୍ୟରେ ଯୋଗ ଦେଉ ନ ଥିଲେ। ଯେଉଁଥି ପାଇଁ ଜେଲ ଡିଜି ତାଙ୍କ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଚୌଦ୍ୱାର କାରାଗାରରୁ ଦୁଇ କୁଖ୍ୟାତ ବିହାରୀ କଏଦୀ ଫେରାର ହେବା ଘଟଣାରେ ଜେଲ ଅଧୀକ୍ଷକ ସୁଜିତ ରାଉଳଙ୍କ ନାଁରେ ଦସ୍ତଖତ ଜାଲିଆତିର ଅଭିଯୋଗ ଆଣିଥିଲେ ପୂର୍ବତନ ଜେଲର ସନ୍ତୋଷିନୀ ଦାସ। ଅଧୀକ୍ଷକ ସରକାରୀ ରେକର୍ଡରେ ଜାଲିଆତି ଓ ସରକାରୀ ପଦବୀର ଅପବ୍ୟବହାର କରିଥିବା ନେଇ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ଏହି ଅଭିଯୋଗକୁ ଅଧୀକ୍ଷକ ସୁଜିତ ରାଉଳ ଖଣ୍ଡନ ସହ ସନ୍ତୋଷିନୀଙ୍କ ନାଁରେ ପାଲଟା ଅଭିଯୋଗ କରିଥିଲେ।

# କଲରାପତରିଆ ବାଘ ଛୁଆର ମୃତଦେହ ଠାବ

ଭଞ୍ଜନଗର,୧୯।୨(ସମିସ): ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ବଜ୍ରକୋଟ ଗ୍ରାମ ସ୍କୁଲ ପଛପଟୁ କଲରାପତରିଆ ବାଘ ଛୁଆର ମୃତଦେହ ଠାବ ହୋଇଛି। ମୃତ ବାଘ ଛୁଆର ବୟସ ୨ବର୍ଷ ହେବ ବୋଲି କହିଛନ୍ତି ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି। ଭୁବନେଶ୍ୱରରୁ ଜେଟିଏଫ୍ ଟିମ୍ ପହଞ୍ଚିବା ପରେ ସ୍ଥାନୀୟ ୪ ଜଣ ପଶୁ ଚିକିତ୍ସକଙ୍କ ଉପସ୍ଥିତିରେ ତା'ର ବ୍ୟବଚ୍ଛେଦ କରାଯାଇଛି। ମୃତ ବାଘଛୁଆ ଦେହରେ କେଉଁଠି ବି କିଛି କ୍ଷତ ଚିହ୍ନ ନଥିବାରୁ ଶବ ବ୍ୟବଚ୍ଛେଦ ପରେ ଏହାର ଭିସେରା ଟେଷ୍ଟ କରାଯାଇ ମୃତ୍ୟୁର ସଠିକ କାରଣ ଖୋଜାଯିବ ବୋଲି ଡିଏଫ୍‌ଓ ମହାନ୍ତି ସୂଚନା ଦେଇଛନ୍ତି। ଏଥିପାଇଁ ବାଘଛୁଆ ଶରୀରରୁ କିଛି ମାଂସ ସଂଗ୍ରହ କରାଯାଇ କେମିକାଲ ଆନାଲିସିସ୍ ଟେଷ୍ଟ ପାଇଁ ଭୁବନେଶ୍ୱର ପଠାଯାଇଛି। ସେହିପରି ଏସ୍‌ଓପି ପାଳନ କରାଯାଇ ମୃତ କଲରାପତରିଆର ଶବ ବ୍ୟବଚ୍ଛେଦ ପରେ ଘଟଣାସ୍ଥଳରେ ଜେଟିଏଫ ଟିମ୍ ସହ ଡିଏଫ୍‌ଓ, ୨ ଜଣ ଏସିଏଫ୍, ମୁଜାଗଡ଼ ଓ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ ତଥା ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପୋଡ଼ି ଦିଆଯାଇଛି।



ସୂଚନାଯୋଗ୍ୟ, ବୁଧବାର ଅପରାହ୍ଣରେ ବଜ୍ରକୋଟ ସ୍କୁଲ ପଛପଟେ ଏକ ବୁଦା ଭିତରେ କଲରାପତରିଆ ବାଘ ଛୁଆ ମରି ପଡ଼ିଥିବା ପ୍ରଥମେ କିଛି ସ୍କୁଲ ପିଲା ଦେଖି ଗାଁ ଲୋକଙ୍କୁ ଜଣାଇବା ପରେ ବନ ବିଭାଗକୁ ସୂଚନା ଦିଆଯାଇଥିଲା। ଡିଏଫ୍‌ଓ ମହାନ୍ତିଙ୍କ ସମେତ ମୁଜାଗଡ଼ ରେଞ୍ଜର୍ ବିମ୍ବାଧର ସାହୁ, କେନ୍ଦ୍ରୀୟ ରେଞ୍ଜର୍ ପୃଥ୍ୱୀରାଜ ପ୍ରଧାନ ଓ ଅନ୍ୟ ପଦାଧିକାରୀ ପହଞ୍ଚିଥିଲେ। ଗୁରୁବାର ଜେଟିଏଫ୍ ପହଞ୍ଚିବା ପରେ ସମସ୍ତଙ୍କ ଉପସ୍ଥିତିରେ ମୃତ ବାଘଛୁଆର ବ୍ୟବଚ୍ଛେଦ କରାଯାଇଥିଲା।

# ଓଡ଼ିଶାରେ ନୂତନ ଆଞ୍ଚଳିକ ଦଳର ଅଭ୍ୟୁଦୟ ହେବ: ମୋକିମ




ଜଗତସିଂହପୁର,୧୯।୨(ସମିସ): ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ କଟକ ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଆଜି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବହୁ ପୂର୍ବତନ ଜନପ୍ରତିନିଧି, ସାମାଜିକ କର୍ମୀ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ମୋକିମଙ୍କ ଏହି ସଭା ପରେ ଜିଲ୍ଲାରେ ରାଜନୈତିକ ପାଣିପାଗରେ ଉଷ୍ମତା ଦେଖାଦେଇଛି। ସଭାରେ ମୋକିମ କହିଥିଲେ ଯେ ସମ୍ପ୍ରତି ଶାସନରେ ଥିବା ବିଜେପି ସରକାରଙ୍କ ଯୋଜନା ସବୁ ବାଟବଣା ହେଉଥିବା ବେଳେ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ଦିଗରେ ସରକାର ବିଫଳ ହୋଇଛି। ସର୍ବପୁରାତନ ଜାତୀୟସ୍ତରର କଂଗ୍ରେସ ଦଳର ସ୍ଥିତି ଓଡ଼ିଶାରେ ଅତ୍ୟନ୍ତ ନୈରାଶ୍ୟଜନକ। ଏଭଳି ସ୍ଥିତିରେ ଏକ ନୂତନ ଆଞ୍ଚଳିକ ଦଳର ଆବଶ୍ୟକତା ଓଡ଼ିଶାରେ ରହିଛି। ଆଗାମୀ ଦିନରେ ନିଶାମୁକ୍ତ ଓଡ଼ିଶା ଗଠନ ସହ ଜନସାଧାରଣଙ୍କର ସମସ୍ୟା ଓ ସ୍ୱାବଲମ୍ବୀ ଯୁବସମାଜ ପାଇଁ ଏକ ନୂତନ ଚିନ୍ତନ ଓ ବିଚାରଧାରା ପର୍ବ ଆରମ୍ଭ ହୋଇଛି ବୋଲି ମୋକିମ କହିଥିଲେ।

ବରିଷ୍ଠ ସାମାଜିକ କର୍ମୀ ବଦ୍ରି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନ ଜାଗରଣ ପର୍ବରେ ମୋକିମଙ୍କ ସହିତ ନିକୁଞ୍ଜ ପସାୟତ, କୃଷ୍ଣମୋହନ ସାହୁ, ତପନ ରାଉତରାୟ, ମିହିର ଦାସ, ସତ୍ୟଦୀପ ବିଶ୍ୱାଳ, ଅନୁପମା ଦାସ, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଦେଶ କଂଗ୍ରେସ ସୋସିଆଲ ମିଡ଼ିଆର ପୂର୍ବତନ ସମ୍ପାଦକ ସୁଧୀର ରାଉତ, ମୁରଲୀଧର ଭୋଇ, ଅନନ୍ତ ଚରଣ ଭୋଇଙ୍କ ସମେତ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଏବଂ ବିଭିନ୍ନ ରାଜନୈତିକ ଦଳର ଆଦର୍ଶକୁ ଭଲ ପାଉନଥିବା ନେତୃବର୍ଗ ମଧ୍ୟ ସାମିଲ ହୋଇଥିଲେ। ଅପ୍ରତ୍ୟାଶିତ ଭାବେ ମହମ୍ମଦ ମୋକିମଙ୍କର ଜଗତସିଂହପୁର ଆଗମନ ଏବଂ ନୂତନ ଆଞ୍ଚଳିକ ରାଜନୈତିକ ଦଳର ଅନୁଚିନ୍ତା ସମଗ୍ର ଜିଲ୍ଲାରେ ଏକ ଭିନ୍ନ ବାତାବରଣ ସୃଷ୍ଟି କରିଛି।


## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର, ବି/୨ ପଶ୍ଚିମ,ସହୀଦ ନଗର, ଭୁବନେଶ୍ୱର - ୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୦୦୩୨ / ୨୫୪୪୧୭୧, ଇ-ମେଲ୍ : 0815samd@iob.in

## ଦଖଲ ନୋଟିସ୍

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ କଥିତ ରୁଲ ୮ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ**

ନିମ୍ନସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ **ଦଖଲ** କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା / ଜାମିନଦାର / ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦିଆଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉ ଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଦଶରଥପୁର ଶାଖା / ଋଣଗ୍ରହୀତା / ବନ୍ଧକଦାତା / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେବାକୁ ଥିବା ଦେୟ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବନ୍ଧକ ସମ୍ପତ୍ତିର ସବିଶେଷ ବିବରଣୀ |
|---|---|---|---|
| ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାର ମାନେ : ମେସର୍ସ **ବାଦଶାହ ରେଷ୍ଟୁରାଣ୍ଟ,** ସା : ଓଡେଇ, ଦଶରଥପୁର, ଖାତା ନଂ.: ୩୩୪, ପ୍ଲଟ ନଂ.: ୧୬୮୩, ଯାଜପୁର, ଓଡିଶା - ୭୫୫୦୦୬ / **ସ୍ୱତ୍ୱାଧିକାରୀ : ଶ୍ରୀ ଧର୍ମରାଜ ଧୀର,** ପି : ବାବୁଲି ଧୀର, ଗ୍ରାମ : ଦଶରଥପୁର, ପୋ : ଦଶରଥପୁର, ଥାନା : ମଙ୍ଗଳପୁର, ଜିଲ୍ଲା : ଯାଜପୁର, ଓଡିଶା - ୭୫୫୦୦୬ | ତା ୩୦.୦୭.୨୦୨୫ ସୁଦ୍ଧା ଟ.୨୦,୫୨,୫୦୩.୯୦ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ପରବର୍ତ୍ତୀ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୩୦.୦୭.୨୦୨୫ / ୧୭.୦୨.୨୦୨୬ | **ଶ୍ରୀ ଧର୍ମରାଜ ଧୀରଙ୍କ** ନାମରେ ଥିବା ବାସପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୮୩, ଖାତା ନଂ .: ୩୩୪, କ୍ଷେତ୍ର : ଏକର ୦.୧୬୦୦ ଡ଼ିସିମିଲି, ମୌଜା : ଓଡେଇ, ତହସିଲ : ଦଶରଥପୁର, ଥାନା : ମଙ୍ଗଳପୁର, ଜିଲ୍ଲା : ଯାଜପୁର, ଓଡିଶା - ୭୫୫୦୦୬, ଏହାର ଚାରିପାର୍ଶ୍ୱରେ ଉତ୍ତର : |
| ପ୍ଲଟ୍ ନଂ .:୧୬୮୫ (ରାସ୍ତା, ମାଲିକ : ସର୍ବସାଧାରଣ), ଦକ୍ଷିଣ : ପ୍ଲଟ୍ ନଂ .: ୧୬୮୨ (ଗୋପୀନାଥ ବାରିକ), ପୂର୍ବ : ପ୍ଲଟ୍ ନଂ.: ୧୬୮୪ (ପୂର୍ଣ୍ଣ ଚନ୍ଦ୍ର ସାହୁ), ପଶ୍ଚିମ : ୧୬୭୨ (ରାମ ସାହୁ ଏବଂ ଅନ୍ୟମାନେ) | | | |

ତାରିଖ : ୧୯.୦୨.୨୦୨୬, ସ୍ଥାନ : ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣ



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୮୩୫- କଲିକତା ମେଡିକାଲ କଲେଜକୁ ସର୍ବସାଧାରଣଙ୍କ ପାଇଁ ଖୋଲି ଦିଆଗଲା।
- ୧୮୪୬- ଇଂରେଜମାନେ ଲାହୋର ଉପରେ କବ୍‌ଜା କଲେ।
- ୧୯୪୭- ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କୁ ଭାରତର ଶେଷ ଭାଇସ୍‌ରାୟ କରାଗଲା।
- ୧୯୮୭- ମିଜୋରାମ ଭାରତର ୨୩ତମ ରାଜ୍ୟ ହେଲା।
- ୨୦୦୯- ଇରାନ୍‌ରେ ବିମାନ ଦୁର୍ଘଟଣାରେ ୩୭୩ ଲୋକଙ୍କ ମୃତ୍ୟୁ।

## 'ତୁମ୍ବାଡ ୨'

# ଅକ୍ଷୟ ନା ନୱାଜୁଦ୍ଦିନ୍

ସୋହମ୍ ଶାହଙ୍କ ଫିଲ୍ମ 'ତୁମ୍ବାଡ'ର ସିକ୍ୱେଲକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏହି ହରର୍ ସସ୍‌ପେନ୍ସ ଫିଲ୍ମରେ ଖଳନାୟକ ପାଇଁ ଅକ୍ଷୟ ଖାନ୍ନା ଓ ନୱାଜୁଦ୍ଦିନ୍ ସିଦ୍ଦିକିଙ୍କ ମଧ୍ୟରୁ ଜଣକୁ ନେବା ପାଇଁ ସୋହମ୍ ଏବେ ବେଶ୍ ଜୋରସୋରରେ ପ୍ରୟାସ ଚଳାଇଛନ୍ତି। ତେବେ ଏହି ଦୁଇ କଳାକାରଙ୍କ ମଧ୍ୟରୁ ଯେ କେହି ହେଲେବି ଏହାର ରହସ୍ୟମୟ ଦୁନିଆ ଦର୍ଶକଙ୍କୁ ଆହୁରି ରୋମାଞ୍ଚିତ କରିବ ବୋଲି କୁହାଯାଉଛି। ୨୦୧୮ ମସିହାରେ ରିଲିଜ୍ ହୋଇଥିବା 'ତୁମ୍ବାଡ' ଏକ ସେମି ହିଟ୍ ଫିଲ୍ମ ଥିଲା। ଧୀରେ ଧୀରେ ଏହା ଏକ କ୍ଲାସିକ୍ ଫିଲ୍ମ ହୋଇଗଲା। ୨୦୨୪ରେ ଏହାକୁ ପୁଣି ଥରେ ରିଲିଜ୍ କରାଯାଇଥିଲା। ଏହା ଯୁବପିଢ଼ିଙ୍କୁ ବେଶ୍ ଭଲ ଲାଗିଥିଲା। ସୋହମ୍ ଏଥିରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିବେ। 'ତୁମ୍ବାଡ'ର କାହାଣୀ ଭାରତୀୟ ଲୋକକଥା ଉପରେ ଆଧାରିତ। ଏହା ଦେବତା, ସୁନା ଏବଂ ମାନବ ଲୋଭର କାହାଣୀକୁ ବର୍ଣ୍ଣନା କରେ।




# ବିଶ୍ୱ ସାମାଜିକ ନ୍ୟାୟ ଦିବସ



ଜାତିସଂଘ ସାଧାରଣ ପରିଷଦର ଅନୁମୋଦନ କ୍ରମେ ୨୦୦୯ରୁ ପ୍ରତିବର୍ଷ ଫେବୃଆରୀ ୨୦ ତାରିଖକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରାଯାଉଛି। ୨୬ ନଭେମ୍ବର, ୨୦୦୭ରେ ଏଥିପାଇଁ ଆନୀତ ପ୍ରସ୍ତାବ ଜାତିସଂଘରେ ମଞ୍ଜୁରି ଲାଭ କରିଥିଲା। ଏକ ଭେଦଭାବଶୂନ୍ୟ ସମାଜ ଗଢ଼ିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସମାଜର ବିଭିନ୍ନସ୍ତରରେ ବହୁ ଅସମତା ଓ ଭେଦଭାବ ରହିଛି। ତାହାକୁ ଦୂର କରି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି, ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସାମାଜିକ ନ୍ୟାୟ ପ୍ରତ୍ୟେକ ମଣିଷର ଅଧିକାର। କୌଣସି ରାଷ୍ଟ୍ର ନିଜର ନାଗରିକଙ୍କୁ ଏଥିରୁ ବଞ୍ଚିତ କରିବା ଅନୁଚିତ। ମୁଖ୍ୟତଃ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଏହି ଅଧିକାର ଉଲ୍ଲଙ୍ଘନ ହେଉଥିବାର ଦେଖାଯାଉଛି। ତେଣୁ ଏ ବାବଦରେ ଜନସଚେତନା ସୃଷ୍ଟି କରିବା ମଧ୍ୟ ଏହି ଦିବସ ପାଳନର ଲକ୍ଷ୍ୟ। ସାମାଜିକ ନ୍ୟାୟ ଏକ ବିଚାର, ଏକ ମୂଲ୍ୟବୋଧ। ସମସ୍ତ ମଣିଷଙ୍କୁ ସମାନ ଭାବେ ଦେଖିବା, ତଥା ସାମାଜିକ-ଧାର୍ମିକ-ସାଂସ୍କୃତିକ ଆଧାରରେ ଭେଦଭାବ ନ ରଖିବା ମୂଲ୍ୟବୋଧ ଉପରେ ଏହି ବିଚାର ଆଧାରିତ। ସାମାଜିକ ନ୍ୟାୟ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଦାରିଦ୍ର୍ୟ, ଲିଙ୍ଗଗତ, ଶାରୀରିକ ଭେଦଭାବ, ନିରକ୍ଷରତା, ଧାର୍ମିକ ଭେଦଭାବକୁ ଦୂର କରିବା ପାଇଁ ବିଭିନ୍ନ ସମ୍ପ୍ରଦାୟକୁ ଅନ୍ତର୍ଜାତୀୟ ସ୍ତରରେ ଏକତ୍ର କରିବା। ଏହି ଦିନରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସାମାଜିକ ସମାନତା ଉପରେ ଜୋର ଦିଆଯାଏ।

# ହାତ ଇସାରାରେ ଅଟକେ ଟ୍ରେନ୍

ରେଲୱେ ସିଗ୍‌ନାଲ ହେଉଛି ଟ୍ରେନ୍ ଚଳାଚଳକୁ ନିୟନ୍ତ୍ରଣ କରୁଥିବା ଏକ ପ୍ରଣାଳୀ। ଏହା ମାଧ୍ୟମରେ ଲୋକୋ ପାଇଲଟଙ୍କୁ ଟ୍ରାକ୍ ସ୍ଥିତି ଓ ଗତି ସମ୍ପର୍କରେ ସୂଚନା ମିଳିଥାଏ। ଏହା ଟ୍ରେନ୍ ଦୁର୍ଘଟଣା ରୋକିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ହେଲେ ଭାରତରେ ଏପରି ଏକ ଟ୍ରେନ୍ ଅଛି ଯାହା ଲୋକଙ୍କ ହାତର ଇସାରାରେ ଚାଲିଥାଏ। ଉତ୍ତର ପ୍ରଦେଶର ବୁନ୍ଦେଲଖଣ୍ଡ ଅଞ୍ଚଳରେ ଏହି ଟ୍ରେନ୍‌ଟି ଚାଲିଥାଏ। ଜାଲୌନ ଜିଲାର ଆଟ ଜଙ୍କସନ ଏବଂ କୋଞ୍ଚ ମଧ୍ୟରେ ଏହା ଚାଲିଥାଏ। ୧୯୦୨ ମସିହାରେ ବ୍ରିଟିଶ ଶାସନ ସମୟରେ ଏହି ଟ୍ରେନ୍ ତାର ସେବା ଆରମ୍ଭ କରିଥିଲା। ଏହି ଟ୍ରେନ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ, ଯାତ୍ରୀମାନଙ୍କୁ ଏହାକୁ ଅଟକାଇବା ପାଇଁ କେବଳ ହାତ ହଲାଇବାକୁ ପଡ଼ିବ। ଯଦି କେହି ଟ୍ରାକ୍ ପାଖରେ କିମ୍ବା ପ୍ଲାଟ୍‌ଫର୍ମରେ ଠିଆ ହୋଇ ହାତରେ ଇସାରା କରନ୍ତି ତେବେ ଟ୍ରେନ୍ ଅଟକିଯାଏ। ଏହା ଏକ ନିର୍ଦ୍ଦିଷ୍ଟ ରୁଟ୍ ଏବଂ ସୀମିତ ଷ୍ଟେସନ ମଧ୍ୟରେ ଚାଲିଥାଏ, କିନ୍ତୁ ସ୍ଥାନୀୟ ଆବଶ୍ୟକତା ଅନୁସାରେ ଏହାର ଅଟକିବାର କ୍ଷମତା ରହିଛି। ଏଥିରେ କେବଳ ତିନୋଟି କୋଚ୍ ଅଛି। ଏହା ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଗତି କରେ। ୧୩ କିଲୋମିଟର ଏହି ଟ୍ରେନ୍‌କୁ ଅତିକ୍ରମ କରିବାକୁ ପାଖାପାଖି ୪୦ ମିନିଟ୍ ସମୟ ଲାଗିଥାଏ। ବିଶେଷକରି ସ୍ଥାନୀୟ କୃଷକମାନେ ଏଥିରେ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ନେଇ ସ୍ଥାନୀୟ ବଜାରଗୁଡ଼ିକରେ ବିକ୍ରି କରିଥାନ୍ତି। ଛୋଟ ବ୍ୟବସାୟୀ ଓ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଟ୍ରେନ୍ ଉପରେ ନିର୍ଭର କରନ୍ତି। ତେଣୁ ଏହି ଟ୍ରେନ୍ କେବଳ ପରିବହନର ଏକ ମାଧ୍ୟମ ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ପାଇଁ ଜୀବନରେଖା ପାଲଟିଛି।






# କର୍କଟର ନୂତନ ଚିକିତ୍ସା ଏସ୍‌ବିଆର୍‌ଟି



କର୍କଟ ହେଉଛି ଏକ ପ୍ରାଣଘାତୀ ରୋଗ। ଏହି ରୋଗର ନାଁ ଶୁଣିଲେ ମନରେ ଭୟ ଆସିଥାଏ। ତେଣୁ ଠିକ୍ ସମୟରେ ରୋଗକୁ ଚିହ୍ନି ଏହାର ଚିକିତ୍ସା କରାଗଲେ ପୀଡ଼ିତ ସୁସ୍ଥ ହେବାର ଆଶଙ୍କା ଅଧିକ ରହିଥାଏ। ତେବେ କର୍କଟ ଆରୋଗ୍ୟ ପାଇଁ ବିଭିନ୍ନ ଚିକିତ୍ସା ପଦ୍ଧତି ଯଥା- କେମୋଥେରାପି, ରେଡିଓଥେରାପି ଆଦି ଆପଣାଯାଇଥାଏ। ଏହି ଭାବେ ଏସ୍‌ବିଆର୍‌ଟି କର୍କଟ ଚିକିତ୍ସା ପାଇଁ ପ୍ରଭାବୀ ଚିକିତ୍ସା ପଦ୍ଧତି। ଏସ୍‌ବିଆର୍‌ଟିର ଫୁଲଫର୍ମ ହେଉଛି ଷ୍ଟେରିଓଟାକ୍ଟିକ୍ ବଡି ରେଡିଓ ଥେରାପି। ସାଧାରଣତଃ କର୍କଟ ଚିକିତ୍ସା ପରେ ଯଦି କୌଣସି ସ୍ଥାନରେ କର୍କଟ ପୁଣି ଚିହ୍ନଟ ହେଉଛି ସେତେବେଳେ ଏହି ଚିକିତ୍ସା କରାଯାଏ। ଏହା ଏକ ଅତ୍ୟାଧୁନିକ ବିକିରଣ ଚିକିତ୍ସା। ଏହି ଚିକିତ୍ସାରେ ଉଚ୍ଚଶକ୍ତିଯୁକ୍ତ ବିକିରଣ ଅଧିକ ମାତ୍ରାରେ କେବଳ କର୍କଟ ଚିହ୍ନଟ ସ୍ଥାନକୁ ଅତି ଯତ୍ନ ସହକାରେ ଦିଆଯାଏ। ଏହି ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ସମ୍ଭାବନା ଅଧିକ ଏବଂ ପାର୍ଶ୍ୱପ୍ରତିକ୍ରିୟା କମ୍ ଥାଏ। ବିଶେଷ କରି ଯକୃତ, ଫୁସ୍‌ଫୁସ୍, ପ୍ରୋଷ୍ଟେଟ, ଅଗ୍ନାଶୟ ଆଦି ସ୍ଥାନରେ କର୍କଟ ହେଲେ ଏହି ଚିକିତ୍ସା ଅଧିକ ଫଳପ୍ରଦ ହୋଇଥାଏ।

## 'ସକାଳ'ର ସ୍ୱାସ୍ଥ୍ୟ

# ୟୁଟେରିନ୍ ଫାଇବ୍ରଏଡ୍

**ଋତୁସ୍ରାବ ମହିଳାମାନଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଅନେକଙ୍କର ଏହି ସମୟରେ ଅତ୍ୟଧିକ ରକ୍ତସ୍ରାବ ଏବଂ ତଳିପେଟରେ ଅସହ୍ୟ ଯନ୍ତ୍ରଣା ହୋଇଥାଏ। ଯଦିଓ ମହିଳାମାନେ ଏହାକୁ ସାଧାରଣ ସମସ୍ୟା ବୋଲି ଭାବିଥାନ୍ତି। ହେଲେ ଏହା ୟୁଟେରିନ୍ ଫାଇବ୍ରଏଡ୍ ପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫାଇବ୍ରଏଡ୍ ସୃଷ୍ଟି ହେବାର ସଠିକ୍ କାରଣ ଯଦିଓ ସ୍ପଷ୍ଟ ନୁହେଁ, ହେଲେ ବର୍ତ୍ତମାନର ଜୀବନଶୈଳୀ, ମୋଟାପା, ବଂଶାନୁଗତ ରୋଗ, ହରମୋନ୍ ଅସନ୍ତୁଳନ, ଧୂମପାନ, ଆଦି କାରଣରୁ ଏହା ହୋଇଥାଏ। ଜର୍ଣ୍ଣାଲ ଅଫ୍ କଣ୍ଟେମ୍ପରାରୀ କ୍ଲିନିକାଲ ପ୍ରାକ୍ଟିସ ଗବେଷଣା ମୁତାବକ ବିଶ୍ୱରେ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ୧୦ରୁ ୭ରୁ ୮ ଜଣ ମହିଳାଙ୍କୁ ଫାଇବ୍ରଏଡ୍ ହୋଇପାରେ।**



ଫାଇବ୍ରଏଡ୍ ଗର୍ଭାଶୟ କିମ୍ବା ଏହାର ଆଖପାଖେ ବଢ଼ୁଥିବା ନନ୍-କ୍ୟାନ୍ସର ଗଣ୍ଠି। ଏହା ମାଂସପେଶୀ ଏବଂ ଫାଇବ୍ରସ୍ ଟିସୁରୁ ତିଆରି ହୁଏ। ଏହାକୁ ୟୁଟେରିନ୍ ମାୟୋମା କିମ୍ବା ଲିୟୋମାୟୋମା କୁହାଯାଏ। ଫାଇବ୍ରଏଡ୍‌ର ଆକାର ଭିନ୍ନ ଭିନ୍ନ ହୋଇଥାଏ। କିଛି ମଟର ଦାନାପରି ଛୋଟ ଓ ଆଉ କିଛି ବିରାଟକାୟ ହୋଇଥାଏ। ତେବେ ଏଷ୍ଟ୍ରୋଜେନ୍ ହର୍ମୋନ ଅଧିକ ବଢ଼ି ଫାଇବ୍ରଏଡ୍‌କୁ ବୃଦ୍ଧି କରାଏ। ଫାଇବ୍ରଏଡ୍ ବିଭିନ୍ନ ପ୍ରକାରର ରହିଛି ଯଥା- ଇଣ୍ଟ୍ରାମ୍ୟୁରଲ ଫାଇବ୍ରଏଡ୍, ସବମ୍ୟୁକୋସଲ ଫାଇବ୍ରଏଡ୍, ସବସେରୋସଲ ଫାଇବ୍ରଏଡ୍, ପେଡନ୍‌କ୍ୟୁଲେଟେଡ୍ ଫାଇବ୍ରଏଡ୍ ଇତ୍ୟାଦି।

**ଲକ୍ଷଣ:** ଫାଇବ୍ରଏଡ୍ ବଢ଼ିଲେ ଶରୀରରେ ବିଭିନ୍ନ ଲକ୍ଷଣ ଦେଖାଯାଏ। ଋତୁସ୍ରାବରେ ଅତ୍ୟଧିକ ଯନ୍ତ୍ରଣା ଓ ରକ୍ତସ୍ରାବ, ଶୀଘ୍ର ଋତୁସ୍ରାବ ହୋଇ ଅଧିକ ଦିନ ରହିବା, ବାରମ୍ବାର ପରିସ୍ରା ଲାଗିବା, ସହବାସରେ ଯନ୍ତ୍ରଣା, କମର ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ତଳିପେଟ ଭାରି ଭାରି ଲାଗିବା, ପେଟର ତଳଅଂଶ ଲଗାତାର ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଅତ୍ୟଧିକ ରକ୍ତସ୍ରାବ, ଯନ୍ତ୍ରଣା ବା ଦୁର୍ବଳ ଅନୁଭବ କରୁଥିଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।

ଅନେକ ସମୟରେ ଫାଇବ୍ରଏଡ୍ ଚିହ୍ନଟ ପାଇଁ କେବଳ ଅଲଟ୍ରାସାଉଣ୍ଡ କରାଯାଏ। ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପର ସ୍ପେକୁଲମ, ବାଇମାନୁଆଲ ପରୀକ୍ଷା, ପାପ୍ ସ୍ମିୟର, ଏଣ୍ଡୋମେଟ୍ରିଆଲ ବାୟୋପ୍ସି ଟେଷ୍ଟ ଆଦି କରିବା ନିତାନ୍ତ ଆବଶ୍ୟକ। ଏହାଦ୍ୱାରା କର୍କଟ ସମ୍ଭାବନା ଜାଣିହୁଏ।


**ଚିକିତ୍ସା:** ଫାଇବ୍ରଏଡ୍‌ର ଆକାର, ସଂଖ୍ୟା, ସ୍ଥାନ ଏବଂ ଲକ୍ଷଣ ଉପରେ ଏହାର ଚିକିତ୍ସା ନିର୍ଭର କରେ। ଛୋଟ ଫାଇବ୍ରଏଡ୍ ପାଇଁ ନିୟମିତ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଏ। ଆବଶ୍ୟକସ୍ଥଳେ ଔଷଧ, ହରମୋନାଲ୍ ଥେରାପି, କିମ୍ବା ସର୍ଜରୀ ବିକଳ୍ପ ଆପଣାଇ ଯାଇଥାଏ। ସେହିପରି ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ହରମୋନ୍ ସନ୍ତୁଳନ ରଖିବାକୁ ସନ୍ତୁଳିତ ଖାଦ୍ୟପେୟ, ସବୁଜ ପନିପରିବା, ଫଳ, ଅଳସୀ ଆଦି ଖାଇପାରିବେ। ପ୍ରତିଦିନ ବ୍ୟାୟାମ କରିବା ନିତାନ୍ତ ଆବଶ୍ୟକ।

# ସନ୍‌ବର୍ଣ୍ଣ

**ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା। ଏହା ଦ୍ୱାରା ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଉଛି। ମନୁଷ୍ୟ ଶରୀରର ଚର୍ମ ବିସ୍ତୃତ ବାହ୍ୟ ଅଙ୍ଗ ହୋଇଥିବାରୁ ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତି ବାଇଗଣୀ ରଶ୍ମୀ ଚର୍ମ କୋଷିକାକୁ ପ୍ରଭାବିତ କରିଥାଏ। ଏଥିରୁ ସନ୍‌ବର୍ଣ୍ଣ ସୃଷ୍ଟି ହୁଏ। ତେଣୁ ଏହାର ଲକ୍ଷଣକୁ ଚିହ୍ନି ଉପଚାର କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହଛି।**

ସୂର୍ଯ୍ୟଙ୍କଠୁ ଆସୁଥିବା ଅତି ବାଇଗଣୀ ରଶ୍ମି ଚର୍ମ କୋଷିକାକୁ ପ୍ରଭାବିତ କରିବା ଦ୍ୱାରା ଚର୍ମରେ ଲାଲ୍ ଲାଲ୍ ହୋଇ ଫୁଲିଯାଏ। ତ୍ୱଚା କୁଣ୍ଡାଇ ହୋଇ ଚର୍ମ ଛିଡ଼ିଯାଏ। ପ୍ରାୟତଃ ଏହା କିଛି ଘଣ୍ଟା ମଧ୍ୟରେ ଦେଖାଯାଏ। କିଛି ଦିନ ଅନ୍ତରରେ ଠିକ୍ ହୋଇଯାଏ। ଏନେଇ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବାକୁ ହୁଏ। ଖରାରେ ବାହାରିବା ସମୟରେ ତ୍ୱଚାରେ ସନ୍‌ସ୍କ୍ରିନ୍, ଫୁଲ୍ ପୋଷାକ ତଥା ମୁହଁକୁ ସୂତା କପଡ଼ାରେ ଘୋଡ଼ାଇବା ଆବଶ୍ୟକ। ଆବଶ୍ୟକ ମୁତାବକ ପାଣି ପିଇ ଶରୀରକୁ ହାଇଡ୍ରେଟ ରଖାଯାଏ।

ସନ୍‌ବର୍ଣ୍ଣ ଠିକ୍ କରିବାକୁ ଘି-କୁଆଁରୀ ସବୁଠୁ ପ୍ରଭାବୀ। ଘି-କୁଆଁରୀ, ଦହି ଏବଂ ପାଚିଲା ଅମୃତଭଣ୍ଡା ରସକୁ ମିଶାଇ ମାସ୍କ କରି ଲଗାଇ ପାରିବେ। ଏହା ଜଳାପୋଡ଼ାରୁ ଆରାମ ଦେଇଥାଏ। ସେହିପରି ଘି-କୁଆଁରୀ ଏବଂ ଲହୁଣୀ ମିଶାଇ ସନ୍‌ବର୍ଣ୍ଣ ସ୍ଥାନରେ ଲଗାଇଲେ ଆରାମ ପ୍ରଦାନ କରିଥାଏ। ଚର୍ମ ମଏଶ୍ଚରାଇଜ ହୋଇଥାଏ। ଚନ୍ଦନ, କର୍ପୂର ଏବଂ ଗୋଲାପଜଳକୁ ମିଶାଇ ପେଷ୍ଟ କରି ସନ୍‌ବର୍ଣ୍ଣ ସ୍ଥାନରେ ଲଗାଇବା ଦ୍ୱାରା ଆରାମ ମିଳିଥାଏ।



# ଜେନେଟିକ୍ ଟେଷ୍ଟ

## ରୋଗ ପୂର୍ବରୁ ହେବ ଚିହ୍ନଟ



ଆଜିକାଲିର ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଏବଂ ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ପ୍ରାରମ୍ଭିକ ଅବସ୍ଥାରୁ ରୋଗ ଚିହ୍ନଟ ହୋଇପାରେନି। ସ୍ଥିତି ଅତି ଗମ୍ଭୀର ହେଲେ ଲୋକେ ନାନା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥାନ୍ତି। ଏହାଦ୍ୱାରା କିନ୍ତୁ ଚିକିତ୍ସା ସଫଳ ହୁଏନି। ତେବେ ଏମିତି କିଛି ସ୍ୱାସ୍ଥ୍ୟ ପରୀକ୍ଷା ରହିଛି ଯାହାଦ୍ୱାରା ରୋଗ ହେବା ପୂର୍ବରୁ ବିପଦ ଚିହ୍ନଟ କରାଯାଇପାରେ। ଏମିତି ଏକ ପରୀକ୍ଷା ହେଉଛି ଜେନେଟିକ୍ ଟେଷ୍ଟ। ଏହି ଟେଷ୍ଟ ମାଧ୍ୟମରେ ଭବିଷ୍ୟତରେ ହେବାକୁ ଥିବା ରୋଗଆଶଙ୍କା ଚିହ୍ନଟ କରି ଚିକିତ୍ସା ପ୍ରଦାନ କରାଯାଇପାରେ। ଜେନେଟିକ୍ ଟେଷ୍ଟ ଡିଏନ୍‌ଏର ପରୀକ୍ଷା କରି ଜଣଙ୍କର ଜନ୍ମଦୋଷ, ଗୁଣସୂତ୍ର ସମ୍ବନ୍ଧୀୟ ବିକାର କିମ୍ବା ବଂଶାନୁଗତ ରୋଗ, କର୍କଟ ପରି ସମସ୍ୟା ହେବ କି ନାହିଁ ତାହା ସୂଚାଏ। ଜେନେଟିକ୍ ପରୀକ୍ଷା ଦ୍ୱାରା ଆପଣ ମଧୁମେହ, କର୍କଟ ଏବଂ ହୃଦ୍‌ରୋଗ ବଂଶାନୁକ୍ରମିକ ଭାବେ ପାଇଛନ୍ତି ନା ଏହି ସ୍ୱାସ୍ଥ୍ୟ ସମସ୍ୟା ହେବାର ଆଶଙ୍କା ଅଛି ତାହା ଜଣାପଡ଼ିଥାଏ। ଶରୀରରେ କିଛି ଔଷଧ କିପରି ପ୍ରତିକ୍ରିୟା କରିବ ତାହା ମଧ୍ୟ ଏହି ପରୀକ୍ଷାରୁ ଜଣାପଡ଼େ। ଏହା ଆଧାରରେ ଜଣେ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିବ। ତେଣୁ ସର୍ବଦା ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କରିବା ଆବଶ୍ୟକ। ଏହି ପରୀକ୍ଷାର ଫଳାଫଳ ଅନୁସାରେ ଡାକ୍ତର ଔଷଧ ଦିଅନ୍ତି। ପିତାମାତା ହେବାକୁ ଯୋଜନା କରୁଥିଲେ ଜେନେଟିକ୍ ଟେଷ୍ଟ କରିପାରିବେ। ଯଦି ଜଣେ ବ୍ୟକ୍ତି ଯୁବାବସ୍ଥାରେ ଜେନେଟିକ୍ ଟେଷ୍ଟ କରିପାରିବେ ଦୀର୍ଘ ସମୟ ପର୍ଯ୍ୟନ୍ତ ନାନା ରୋଗ କବଳରୁ ସୁରକ୍ଷା ପାଇ ପାରିବେ।

### ବେନେଟ୍‌ଙ୍କ ଅର୍ଦ୍ଧଶତକ, ରାଜାଙ୍କ ବିସ୍ଫୋରକ ବ୍ୟାଟିଂ

# ଶ୍ରୀଲଙ୍କାକୁ ହରାଇ ଅପରାଜେୟ ରହିଲା ଜିମ୍ବାୱେ

ପାଲେକେଲେ,୧୯।୨(ଏଜେନ୍ସି): ଚଳିତ ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ ମୁକାବିଲାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଜିମ୍ବାୱେ ୬ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିଛି। ପୂର୍ବରୁ ଖେଳାଯାଇଥିବା ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ପରାସ୍ତ କରି ଜିମ୍ବାୱେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଏହି ବିଜୟ ଫଳରେ ଜିମ୍ବାୱେ ଅପରାଜେୟ ରହି ଦମ୍‌ର ସହ ସୁପର-୮’ରେ ପ୍ରବେଶ କରିଛି। ଏହା ଫଳରେ ଜିମ୍ବାୱେ ଯେ ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଭାବ ବିସ୍ତାର କରିଛି ତାହା ଏହି ମୁକାବିଲାରୁ ସ୍ପଷ୍ଟ କରିଛି। ଗ୍ରୁପ୍-ବି’ରେ ଖେଳାଯାଇଥିବା ଅନ୍ୟ ଦୁଇଟି ମ୍ୟାଚ୍ ମଧ୍ୟରୁ ଜିମ୍ବାୱେ ୮ ୱିକେଟରେ ଓମାନକୁ ପରାସ୍ତ କରିଥିଲାବେଳେ ଆୟର୍ଲାଣ୍ଡ ସହ ମୁକାବିଲା ବର୍ଷା ଯୋଗୁଁ ବାତିଲ କରାଯାଇଥିଲା। ଜିମ୍ବାୱେ ସୁପର-୮’ରେ ଗ୍ରୁପ୍-୧’ରେ ସ୍ଥାନ ପାଇଛି। ଏହି ଦଳ ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜ୍ ସହ ୨୧ରେ, ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସହ ୨୬ରେ ଓ ଦକ୍ଷିଣ ଆଫ୍ରିକା ସହ ମାର୍ଚ୍ଚ ୧ରେ ଖେଳିବ।


ସିକନ୍ଦର ରାଜା

ପାଲେକେଲେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଆଜି ଶ୍ରୀଲଙ୍କା ଓ ଜିମ୍ବାୱେ ମଧ୍ୟରେ ମୁକାବିଲା ହୋଇଥିଲା। ଉଭୟ ଦଳ ସୁପର-୮’ରେ ପ୍ରବେଶ କରିଥିବାରୁ ଏହି ମ୍ୟାଚ୍‌ର ଫଳାଫଳ ଶ୍ରୀଲଙ୍କା ଲାଗି ଫରକ ପଡ଼ିନଥିଲା। ଫଳରେ ଦଳ କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେଇ ପ୍ରଥମେ ବ୍ୟାଟିଂ କରିଥିଲା। ଜିମ୍ବାୱେ ବୋଲରଙ୍କୁ ଉଚିତ ମୁକାବିଲା କରିବା କଷ୍ଟକର ହୋଇଥିଲାବେଳେ ଓପନର ପାଥୁମ ନିଶାଙ୍କାଙ୍କ ଦ୍ରୁତ ୬୨ ଓ ଯୁବ ଖେଳାଳି ପବନ ରତନାୟକେଙ୍କ ୨୫ ବଲ୍‌ରୁ ୪୪ ରନ୍ ସଂଗୃହୀତ ହେବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୭ୱିକେଟରେ ୧୭୮ ରନ୍ କରିଥିଲା। ପ୍ରତିପକ୍ଷ ଦଳର ପ୍ରମୁଖ ବୋଲର ବ୍ଲେସିଂ ମୁଜାରବାନି, ବ୍ରାଡ ଇଭାନ୍ସ ଓ ଗ୍ରେମ୍ କ୍ରିମର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବାରେ ସମର୍ଥ ହୋଇଥିଲେ। ଜବାବରେ ୧୭୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଜିମ୍ବାୱେର ଦୁଇ ଓପନର ପାୱାର ପ୍ଲେ’ରେ ୬୯ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ଓପନର ଟି. ମାରୁମାନି ୨୬ ବଲ୍‌ରେ ୩୪ ରନ୍ କରି ଆଉଟ୍ ହେବା ପରେ ର୍ୟାନ୍ ବର୍ଲ ୧୨ ବଲ୍‌ରେ ୨୩ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଏମାନଙ୍କ ବ୍ୟାଟିଂ ଯୋଗୁଁ ଜିମ୍ବାୱେର ଇନିଂସ ୱିନିଂ ଟ୍ରାକ୍‌ରେ ରହିଥିଲା। ଏହି ସମୟରେ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ବ୍ରିଆନ ବେନେଟ୍‌ଙ୍କ ସହ ଅଧିନାୟକ ସିକନ୍ଦର ରାଜା ଯୋଗଦେବା ପରେ ରନ୍ ହାର ବଢ଼ିଥିଲା। ଏମାନେ ତୃତୀୟ ୱିକେଟ ଭାଗୀଦାରିରେ ୪୦ ବଲ୍‌ରୁ ୬୯ ରନ୍ ଉଠାଇ ଜିମ୍ବାୱେକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଏହି ସମୟରେ ୨୬ବଲ୍‌ରୁ ୨ଚୌକା ଓ ୪ଛକା ସହ ୪୫ ରନ୍ କରି ରାଜା ଆଉଟ ହୋଇଯାଇଥିଲ। ଏହା ଫଳରେ ମ୍ୟାଚ୍ ଶେଷ ଓଭରକୁ ଯାଇଥିଲା। ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୮ ରନ୍ ଆବଶ୍ୟକ ହେଉଥିଲା। ୨୦ତମ ଓଭର ବୋଲିଂ କରିଥିବା ମାହୀଶ ଥିକ୍‌ସାନାଙ୍କ ପ୍ରଥମ ବଲ୍‌କୁ ଛକା ମାରି ଟୋନି ମୁନ୍ୟୋଙ୍ଗା ବିଜୟର ନିକଟରେ ପହଞ୍ଚାଇ ୨ ବଲ୍‌ରେ ୭ ରନ୍ ସଂଗ୍ରହ କରି ମ୍ୟାଚ୍‌କୁ ଟାଇରେ ପହଞ୍ଚାଇଥିଲେ। ତୃତୀୟ ବଲ୍‌କୁ ବେନେଟ ଚୌକା ମାରି ଜିମ୍ବାୱେକୁ ସେ ଐତିହାସିକ ବିଶ୍ୱକପ୍ ବିଜୟ ପ୍ରଦାନ କରିଥିଲେ। ଶେଷଯାଏ ଆଉଟ ହୋଇ ନ ଥିବା ବେନେଟ ୪୮ ବଲ୍‌ର ସାମ୍ନା କରି ୮ ଚୌକା ସହ ୬୩ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ୪ଟି ଯାକ ୱିକେଟ ସ୍ପିନରଙ୍କୁ ମିଳିଥିଲା। ଏହା ମଧ୍ୟରୁ ଦୁଶନ ହେମନ୍ତ ସର୍ବାଧିକ ୨ଟି, ଅଧିନାୟକ ଦାସୁନ ଶାନକା ଓ ସୁନିଥ ୱେଲାଲାଗେ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

| ଆଜିର ବିଶ୍ୱକପ୍ ମ୍ୟାଚ୍ | | |
| --- | --- | --- |
| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
| ଅଷ୍ଟ୍ରେଲିଆ-ଓମାନ | ରାତି ୭ଟା | ପାଲେକେଲେ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | | |

■ ସାଇ ହୋପ୍‌ଙ୍କ ଦମ୍‌ଦାର ଅର୍ଦ୍ଧଶତକ

## ୱେଷ୍ଟଇଣ୍ଡିଜ୍‌ର ଆଉ ଏକ ସହଜ ବିଜୟ

କୋଲକାତା,୧୯।୨(ଏଜେନ୍ସି): ସାଇ ହୋପ୍‌ଙ୍କ ଦମ୍‌ଦାରଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଗ୍ରୁପ୍-ସି’ର ଶେଷ ଲିଗ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୪୨ ରନ୍‌ରେ ନବାଗତ ଇଟାଲୀକୁ ହରାଇ ଆଉ ଏକ ସହଜ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଅଧିନାୟକ ତଥା ୱିକେଟରକ୍ଷକ ହୋପ୍ ୪୬ ବଲ୍‌ରୁ ୬ ଚୌକା ଓ ୪ ଛକା ସହ ୭୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୬ୱିକେଟରେ ୧୬୫ ରନ୍ କରିଥିଲା। ରୋଷ୍ଟୋନ ଚେଜ୍ ଓ ସିର୍ଫାନ ରଦରଫୋର୍ଡ ୨୪ ରନ୍ ଲେଖାଏଁ ଉପଯୋଗୀ ସହାୟତା ଦେଇଥିଲେ। ପ୍ରତିପକ୍ଷ ଦଳର ବେନ୍ ମାନେଟି ଓ କ୍ରିଶାନ କାଲୁଗାମାଗେ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଇଟାଲୀ ୧୮ ଓଭରରେ ୧୨୩ ରନ୍ କରିଅଲଆଉଟ ହୋଇଥିଲା। ବେନ୍ ମାନେଟି ସର୍ବାଧିକ ୨୬, ଜେଜେ ସ୍ମଟ୍‌ସ ୨୪ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସମର ଯୋଶେଫ ସର୍ବାଧିକ ୪ଟି, ମାଥ୍ୟୁ ଫୋର୍ଡେ ୩ଟି ଓ ଗୁଡକେଶ ମୋଟି ୨ଟି ୱିକେଟ ପାଇଥିଲେ। ୱେଷ୍ଟଇଣ୍ଡିଜ୍ ଗ୍ରୁପ୍-ସି’ରେ ୪ଟି ଯାକ ମୁକାବିଲାରୁ ୪ଟିରେ ବିଜୟୀ ହୋଇଛି। ଇଂଲଣ୍ଡକୁ ଦଳ ୩୦ ରନ୍‌ରେ ପରାସ୍ତ କରିଛି। ଅପରାଜେୟ ରହି ସୁପର-୮’ରେ ପ୍ରବେଶ କରିଥିବା ୱେଷ୍ଟଇଣ୍ଡିଜ୍ ଜିମ୍ବାୱେ ସହ ଫେବୃଆରୀ ୨୩ରେ, ଦକ୍ଷିଣ ଆଫ୍ରିକା ସହ ୨୬ରେ ଓ ଭାରତ ସହ ମାର୍ଚ୍ଚ ୧ରେ ଖେଳିବ।

## ଇବ୍ରାହିମ୍‌ଙ୍କ ଅର୍ଦ୍ଧଶତକ: ବିଜୟ ସହ ଆଫଗାନିସ୍ତାନ ବିଦା

ଚେନ୍ନଇ, ୧୯।୨ (ଏଜେନ୍ସି): ଇବ୍ରାହିମ୍ ଜଦ୍ରାନଙ୍କ ଅପରାଜିତ ୯୫ରନ୍ ଓ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଗୁରୁବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଡି’ର ଶେଷ ଲିଗ୍ ମ୍ୟାଚ୍‌ରେ ଆଫଗାନିସ୍ତାନ ୮୨ ରନ୍‌ରେ କାନାଡ଼ାକୁ ପରାସ୍ତ କରିଛି। ଦଳର ଏହି ବିଜୟ ସହ ଆଫଗାନିସ୍ତାନ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ପଛକୁ ତୃତୀୟ ସ୍ଥାନ ଅଧିକାର କରି ବିଶ୍ୱକପ୍‌ରୁ ବିଦାୟ ନେଇଛି। ମାତ୍ର ୫୬ ବଲ୍‌ରୁ ୭ ଚୌକା ଓ ୫ଛକା ସହ ଅପରାଜିତ ୯୫ ରନ୍ କରିଥିବା ଆଫଗାନିସ୍ତାନର ଇବ୍ରାହିମ୍ ଜଦ୍ରାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୪ ୱିକେଟରେ ୨୦୦ ରନ୍ କରିଥିଲା। ଜଦ୍ରାନଙ୍କ ବ୍ୟତୀତ ସେଦିକୁଲ୍ଲା ଅଟଲ ୪୪ ଓ ରହମନୁଲ୍ଲା ଗୁରବାଜ୍ ୩୪ ରନ କରିଥିଲେ। ଜବାବରେ କାନାଡ଼ା ୨୦ ଓଭରରେ ୮ ୱିକେଟରେ ୧୧୮ ରନ୍ କରିଥିଲା। ଦଳ ପକ୍ଷରୁ ହର୍ଷ ଠାକର ସର୍ବାଧିକ ୩୦, ସାଦ୍ ବିନ୍ ଜାଫର ୨୮ ରନ୍ କରିଥିଲେ। ଆଫଗାନଙ୍କ ମଧ୍ୟରେ ମହମ୍ମଦ୍ ନବି ୪ଟି, ରଶିଦ୍ ଖାନ୍ ୨ଟି ୱିକେଟ ନେଇଥିଲେ।

মহিলা ଟି-୨୦ ସିରିଜ

## ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ

କାନବେରା, ୧୯।୨ (ଏଜେନ୍ସି): ଓପନର ଜର୍ଜିଆ ଭଲ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଘରୋଇ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚରେ ୧୯ ରନରେ ଭାରତକୁ ହରାଇଦେଇଛି। ଫଳରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜ ୧-୧’ର ବରାବରସ୍ଥିତିରେ ରହିଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ଭ୍ରମଣକାରୀ ଭାରତୀୟ ମହିଳା ଦଳ ଡିଏଲ୍ ପଦ୍ଧତିରେ ୨୧ ରନରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଶନିବାର ଆଡିଲେଡ୍‌ରେ ଖେଳାଯିବ।

ଗୁରୁବାର ଅନୁଷ୍ଠିତ ଏହି ଦ୍ୱିତୀୟ ଟି-୨୦ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ମହିଳା ଦଳ ୫ ୱିକେଟରେ ୧୬୩ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ଜର୍ଜିଆ ଭଲ୍ ୫୭ ବଲ୍‌ରେ ସର୍ବାଧିକ ୮୮ ରନର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଥ୍ ମୁନୀ ୪୬, ଫୋଏବ ଲିଚଫିଲ୍ଡ ୬, ଏଲିସେ ପେରୀ ୭ ଓ ଆସଲେ ଗାର୍ଡନର ଅପରାଜିତ ୧୦ ରନ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀଙ୍କୁ ୨ଟି ଏବଂ ରେଣୁକା ସିଂ ଠାକୁରଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ଭାରତ ସମ୍ପୂର୍ଣ୍ଣ ୨୦ ଓଭର ଖେଳିଥିଲେ ମଧ୍ୟ ୯ ୱିକେଟରେ ୧୪୪ ରନ କରିପାରିଥିଲା। ଅଧିନାୟିକା ହରମନପ୍ରୀତ କୌର ୩୬, ସ୍ମୃତି ମନ୍ଧାନା ୩୧, ରିଚା ଘୋଷ ୧୯ ରନ କରିଥିଲେ। ୨୯ ରନ କରିଥିବା ଶେଫାଳି ବର୍ମା ଇତ୍ୟବସରରେ ୩ୟ ଭାରତୀୟ ମହିଳା ବ୍ୟାଟର ଭାବେ ଅନ୍ତର୍ଜାତୀୟ ଟି-୨୦ରେ ୨୫୦୦ ରନ ପୂରଣ କରିଥିଲେ। ବିଜୟୀ ଅଷ୍ଟ୍ରେଲିଆ ଦଳର ଆସଲେ ଗାର୍ଡନର ୩ ଏବଂ ଆନାବେଲ୍ ସଦରଲାଣ୍ଡ, କିମ୍ ଗାର୍ଥ ଓ ଅଧିନାୟିକା ସୋଫି ମୋନିଲେକ୍ସ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜର୍ଜିଆ ଶ୍ରେଷ୍ଠ ଖେଳାଳି ହୋଇଥିଲେ।



## ମହୁମାଛି ଆକ୍ରମଣରେ ଅମ୍ପାୟର ମୃତ

ଲକ୍ଷ୍ନୌ, ୧୯।୨ (ଏଜେନ୍ସି): ଉତ୍ତର ପ୍ରଦେଶର ଉନ୍ନାଓ ଜିଲ୍ଲାରେ ଏକ କ୍ରିକେଟ୍ ମ୍ୟାଚ୍ ସମୟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମହୁମାଛି ଦଳଙ୍କ ଆକ୍ରମଣ ଫଳରେ ମ୍ୟାଚ୍ ପରିଚାଳନା କରୁଥିବା ଜଣେ ଅମ୍ପାୟରଙ୍କ ମୃତ୍ୟୁ ଘଟିଛି। ମୃତ ଅମ୍ପାୟର ଜଣଙ୍କ ହେଲେ ୬୫ ବର୍ଷୀୟ ମାଣିକ ଗୁପ୍ତା। ମାଣିକ କାନପୁର କ୍ରିକେଟ୍ ସଂଘର ସ୍ୱୀକୃତିପ୍ରାପ୍ତ ଅମ୍ପାୟର ଥିଲେ। ମ୍ୟାଚ୍ ମଝିରେ ଜଳପାନ ବିରତି ସମୟରେ ଏହି ଅଘଟଣ ଘଟିଥିଲା। ମହୁମାଛିଙ୍କ ଆକ୍ରମଣ ଫଳରେ ସମସ୍ତ ଖେଳାଳି ଓ ଅମ୍ପାୟର ଗ୍ରାଉଣ୍ଡରେ ଶୋଇପଡ଼ିଥିଲେ। ଏଥିରେ ୧୫ରୁ ୨୦ ଖେଳାଳି ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ୧୧ ବର୍ଷ ପରେ ରଣଜୀ ଫାଇନାଲରେ କର୍ଣ୍ଣାଟକ

ଲକ୍ଷ୍ନୌ, ୧୯।୨ (ଏଜେନ୍ସି): ଆଠଥରର ଚାମ୍ପିଅନ କର୍ଣ୍ଣାଟକ ଚଳିତ ରଣଜୀ ଟ୍ରଫିର ଫାଇନାଲରେ ପ୍ରବେଶ କରିଛି। ଉତ୍ତରାଖଣ୍ଡ ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ପ୍ରଥମ ସେମିଫାଇନାଲ ଡ୍ର ରହିଥିଲା। ତେବେ ଇନିଂସ ଅଗ୍ରଣୀଭିତ୍ତିରେ କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଛି। ଏଥିସହ ଦୀର୍ଘ ୧୧ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ କର୍ଣ୍ଣାଟକ ଶେଷରେ ରଣଜୀ ଫାଇନାଲରେ ପହଞ୍ଚିଛି। ୨୪ ତାରିଖରୁ କର୍ଣ୍ଣାଟକ-ଜମ୍ମୁ-କାଶ୍ମୀର ମଧ୍ୟରେ ଫାଇନାଲ ଆରମ୍ଭ ହେବ। ପୂର୍ବରୁ ଜମ୍ମୁ କାଶ୍ମୀର ୬ ୱିକେଟରେ ବେଙ୍ଗଲକୁ ହରାଇ ଫାଇନାଲକୁ ପ୍ରଥମଥର ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ କର୍ଣ୍ଣାଟକର ୭୩୬ ରନର ବିଶାଳ ସ୍କୋର ଜବାବରେ ଉତ୍ତରାଖଣ୍ଡ ୨୩୩ ରନରେ ଅଲଆଉଟ୍ ହୋଇ ଫଲୋଅନ ହୋଇଥିଲା। କିନ୍ତୁ ୫୦୩ ରନରେ ଆଗୁଆ ଥିବା କର୍ଣ୍ଣାଟକ ଫଲୋଅନ ନ ଦେଇ ଦ୍ୱିତୀୟ ଇନିଂସରେ ୩୨୩ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ଉତ୍ତରାଖଣ୍ଡ ସାମ୍ନାରେ ୮୨୭ ରନର ଅସମ୍ଭବ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

କଳାହାଣ୍ଡି କପ୍

## ସୁନ୍ଦରଗଡ଼ର ବିରାଟ ବିଜୟ

ଭୁବନେଶ୍ୱର, ୧୯।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପର ୩ୟ ଦିବସରେ ଗୁରୁବାର ୮ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ସୁନ୍ଦରଗଡ଼ ୨୫୦ ରନରେ ଢେଙ୍କାନାଳକୁ, କେନ୍ଦ୍ରାପଡ଼ା ୧୦୫ ରନରେ ସମ୍ବଲପୁର-ବି’କୁ, ପୂର୍ବତଟ ରେଳବାଇ ୧୧୭ ରନରେ ଖୋର୍ଦ୍ଧାକୁ, କଟକ-ବି ୪୬ ରନରେ ସମ୍ବଲପୁର-ଏ’କୁ, ବଲାଙ୍ଗୀର ୧୫୩ ରନରେ ସୋନପୁରକୁ, ଭୁବନେଶ୍ୱର-ଏ’ ୮ ୱିକେଟରେ ମାଲକାନଗିରିକୁ, ଦେବଗଡ଼ ୭ ରନରେ ଯାଜପୁରକୁ ଓ ବୌଦ୍ଧ ୮୯ ରନରେ କୋରାପୁଟକୁ ପରାସ୍ତ କରିଛି।

### ପାକିସ୍ତାନ ହକି ମହାସଂଘ ବିବାଦ ଘନେଇଲା

## ଅଧିନାୟକଙ୍କୁ ବାସନ୍ଦ ପରେ ସଭାପତିଙ୍କ ଇସ୍ତଫା

କରାଚି, ୧୯।୨ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତ ସମୟରେ ପାକିସ୍ତାନ ପୁରୁଷ ହକି ଖେଳାଳିଙ୍କ ଲାଗି ହୋଟେଲ ବୁକ୍ ନ କରିବା, ଖେଳାଳି ରାସ୍ତା କଡ଼ରେ ଘଣ୍ଟା ଘଣ୍ଟା ବିତାଇବାକୁ ନେଇ ବିବାଦ ଘନେଇବାରେ ଲାଗିଛି। ଏଥିଲାଗି ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)କୁ ଚାରିଆଡୁ ସମାଲୋଚନା ଶିକାର ହେବାକୁ ପଡ଼ିଛି। ସାମ୍ପ୍ରତିକ ବିବାଦକୁ ନେଇ ଶେଷରେ ପିଏଚ୍‌ଏଫ୍ ସଭାପତି ତାରିକ ବଗତି ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପଦ ଛାଡ଼ିବା ପୂର୍ବରୁ ତାରିକ ଜାତୀୟ ସଂଘକୁ ସମାଲୋଚନା କରିଥିବାରୁ ହକି ଦଳର ଅଧିନାୟକ ଅମ୍ମାଦ ସକିଲ ବଟ୍ଟଙ୍କୁ ୨ ବର୍ଷ ଲାଗି ବାସନ୍ଦ କରିଛନ୍ତି। ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଇସ୍ତଫା ପତ୍ର ପଠାଇ ତାରିକ କହିଛନ୍ତି ‘ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସମୟରେ ଅଷ୍ଟ୍ରେଲିଆରେ ଘଟିଥିବା ପରିସ୍ଥିତିର ନିରପେକ୍ଷ ତଦନ୍ତ ପାଇଁ ଦେଶର ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଅନୁରୋଧ କରୁଛି।’ ଉଲ୍ଲେଖଯୋଗ୍ୟ, ଦେଶରେ କ୍ରୀଡ଼ାକୁ ପରିଚାଳନା କରୁଥିବା ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ (ପିଏସ୍‌ବି) ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଲାଗି ପିଏଚ୍‌ଏଫ୍‌କୁ ୧ ମିଲିୟନ ପାକିସ୍ତାନ ଟଙ୍କା ପ୍ରଦାନ କରିଥିଲା। ଯେଉଁଥିରେ ପାକିସ୍ତାନ ହକି ଖେଳାଳିଙ୍କ ଅଷ୍ଟ୍ରେଲିଆ ଗସ୍ତର ଯିବାଆସିବା, ରହଣୀ, ଖାଦ୍ୟପେୟ ଆଦି ସାମିଲ ଥିଲା। କିନ୍ତୁ ପିଏଚ୍‌ଏଫ୍ ଖେଳାଳିଙ୍କ ଲାଗି ଅଷ୍ଟ୍ରେଲିଆରେ ହୋଟେଲ ବୁକ୍ କରି ନ ଥିଲା। ଖେଳାଳି କାନବେରାରେ ୧୦ରୁ ୧୨ ଘଣ୍ଟା ରାସ୍ତାରେ ବିତାଇଥିଲେ। ଏହାକୁ ନେଇ ଅଧିନାୟକ ସକିଲ ବଟ୍ଟ ପାକିସ୍ତାନ ହକି ମହାସଂଘ ଉପରେ ଖୁବ ବର୍ଷିଥିଲେ।

ତମାଣ୍ଡୋ ପ୍ରିମିୟର ଲିଗ୍

## ଚମତ୍କାର ବିଜୟ ସହ ସେମିରେ ଆଦିତ୍ୟ ଏକାଦଶ

ଭୁବନେଶ୍ୱର,୧୯।୨(ସମିସ): ଚମତ୍କାର ବିଜୟ ସହ ଭୁବନେଶ୍ୱରର ଆଦିତ୍ୟ ଏକାଦଶ ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗ୍ରୁପ୍-ଏ’ରୁ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ (ଟିସିସି) ଓ ଯୁବି ରକ୍‌ଷ୍ଟାର ପ୍ରଥମ ଦୁଇ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଆଜି ଆଦିତ୍ୟ ଏକାଦଶର ବିଜୟ ଓ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ଫଳରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତାକାଲି ତଥା ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ତମାଣ୍ଡୋ କ୍ରିକେଟ କ୍ଲବ୍ ସହ ସମ୍ବଲପୁର ଏମ୍‌ଏମ୍‌ସିସିର ଓ ଶନିବାର ଦ୍ୱିତୀୟ ସେମିଫାଇନାଲ ଆଦିତ୍ୟ ଏକାଦଶ ସହ ଯୁବି ରକ୍‌ଷ୍ଟାରର ମୁକାବିଲା ହେବ। ରବିବାର ଫାଇନାଲ ଖେଳାଯିବ।

ଆଜିର ଗ୍ରୁପ୍-ବି’ରେ ଶେଷ ମ୍ୟାଚ୍ ଆଦିତ୍ୟ ଏକାଦଶ ଓ ମାଇଟି ଏକାଦଶ ମଧ୍ୟରେ ଖେଳାଯାଇଥିଲା। ଏହି ଗ୍ରୁପ୍‌ରେ ସମ୍ବଲପୁରର ଏମ୍‌ଏମ୍‌ସିସି ଓ କାକଟପୁରର ଏମ୍‌ଏମ୍‌ସି ୨ଟି ଲେଖାଏଁ ମ୍ୟାଚ୍ ଜିତି ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ଆଜି ମ୍ୟାଚ୍‌ରେ ସେମିକୁ ଯିବାକୁ ହେଲେ ଆଦିତ୍ୟକୁ ଉନ୍ନତ ରନ୍ ରେଟ୍‌ରେ ମ୍ୟାଚ୍ ଜିତିବାକୁ ଆବଶ୍ୟକତା ଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମାଇଟି ଯଙ୍ଗଷ୍ଟାର ୧୪୪ ରନ୍‌ରେ ଆଉଟ ହୋଇଥିଲା। ସେମିରେ ପ୍ରବେଶ କରିବାକୁ ହେଲେ ଆଦିତ୍ୟ ଏକାଦଶକୁ ୧୧.୪ ଓଭରରେ ଏହି ମ୍ୟାଚ୍ ଜିତିବାର ଆବଶ୍ୟକତା ରହିଥିଲା। କିନ୍ତୁ ଏହି ଦଳ ପୂରା ଦମ୍‌ରେ ଖେଳି ୧୦ ଓଭରରେ ୫ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଫଳରେ ଦଳ କେବଳ ସେମିଫାଇନାଲରେ ପ୍ରବେଶ କରି ନ ଥିଲା, ବରଂ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଦଳ ପକ୍ଷରୁ ଅରବିନ୍ଦ ସିଂ ୨୧ ବଲ୍‌ରେ ୫୬, ବିପ୍ଳବ ସାମନ୍ତରାୟ ୧୬ବଲ୍‌ରେ ୪୫ ଓ ମଣିକାନ୍ତ ୯ ବଲ୍‌ରେ ୨୪ ରନ୍ କରି ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇଥିଲେ। ବିସ୍ଫୋରକ ଅର୍ଦ୍ଧଶତକ ଲାଗି ଅରବିନ୍ଦ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଅତିଥି ତଥା ସାପଲାସ୍ ପ୍ରାଇଭେଟ ଲିଃର ଅଶ୍ୱିନ ପୃଷ୍ଟି ପ୍ରଦାନ କରିଥିଲେ।




## ୨୭ତମ ବିହାରୀଲାଲ୍ କ୍ରିକେଟ୍ ଆରମ୍ଭ



ଭୁବନେଶ୍ୱର, ୧୯।୨ (ସମିସ): ବିହାରୀଲାଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨୭ତମ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହୋଇଛି। ପୋଖରୀପୁଟ ବିହାରୀଲାଲ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଟି-୧୦ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ସିନିଅର ଓ ସୁପର ସିନିଅରବର୍ଗର ୨ଟି ଲେଖାଏ ମ୍ୟାଚ୍ ଖେଳାଯାଇଥିଲା। ସିନିଅର ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ ୬ ୱିକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ୨୦ ବଲରେ ୬୫ ରନ କରିଥିବା ସ୍ୱୟମ ପଣ୍ଡା ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଅନ୍ୟ ଏକ ମ୍ୟାଚରେ ମୁକ୍ତେଶ୍ୱର କ୍ଲବ ୭ ୱିକେଟରେ ପ୍ରଗତି ସ୍ପୋର୍ଟିଂକୁ ହରାଇଛି। ଆଲୋକ ବାରିକ (୨ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସୁପର ସିନିଅର (ଭେଟେରାନ) ବର୍ଗରେ ସହିଦ ସ୍ପୋର୍ଟିଂ ୪ ରନରେ ମୁକ୍ତେଶ୍ୱରକୁ ଏବଂ ଓଜିପି ବ୍ଲାଷ୍ଟର ୮ ୱିକେଟରେ ଯଦୁପୁରକୁ ହରାଇଥିଲା। ରାମ ଲାଲ (୩୪ ରନ ଓ ୧ ୱିକେଟ) ଓ ଦୀନେଶ ସାହୁ (୨୯ ରନ ଓ ୧ ୱିକେଟ) ଯଥାକ୍ରମେ ଏହି ଦୁଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଆନୁକୂଲ୍ୟରେ ୨୨ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ବିଧାୟକ ବାବୁ ସିଂ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଜେନା, ତୋଫାନ ସାମନ୍ତରାୟ, କ୍ରୀଡ଼ା ସାମ୍ବାଦିକ ସୁରେଶ ସ୍ୱାଇଁ, କ୍ରିକେଟ୍ କୋଚ୍ କ୍ଷୀରୋଦ ବେହେରା, ତାପସ ଦଳେଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

ତାଏକ୍ୱୋଣ୍ଡୋ କ୍ରୀଡ଼ା ସଂଘ ନିର୍ବାଚନ

## କୃଷ୍ଣଚନ୍ଦ୍ର ସଭାପତି, ସୁଦୀପ୍ତା ସମ୍ପାଦିକା

ଭୁବନେଶ୍ୱର,୧୯।୨(ସମିସ): ବିଶିଷ୍ଟ କ୍ରୀଡ଼ା ପ୍ରଶାସକ କୃଷ୍ଣଚନ୍ଦ୍ର ଦାସ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡା ଗୁରୁ ସୁଦୀପ୍ତା ନନ୍ଦ କଟକ ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ସଭାପତି ଓ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି। ସଞ୍ଜୟକୁମାର ରାୟ କୋଷାଧ୍ୟକ୍ଷ ରହିଛନ୍ତି। ସେକ୍ଟର-୯’ରେ ଥିବା ଏସ୍‌ଏନ୍ ତାଏକ୍ୱୋଣ୍ଡୋ ଏକାଡେମୀରେ




ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ଜୟକୃଷ୍ଣ ପରିଡ଼ା ଏଥିରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଏକ୍ୱୋଣ୍ଡୋ ଫେଡେରେସନ ଅଫ୍ ଇଣ୍ଡିଆର ଉପସଭାପତି ତଥା ରାଜ୍ୟ ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ଏହି ନିର୍ବାଚନରେ ଅତିଥିଭାବେ ଉପସ୍ଥିତ ରହିବା ସହ ନିର୍ବାଚିତ ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ତଥା କଟକରେ ତାଏକ୍ୱୋଣ୍ଡୋ କ୍ରୀଡ଼ାକୁ ଲୋକପ୍ରିୟ କରାଇବାକୁ ଆମ ସଂଘ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ନବନିର୍ବାଚିତ ସମ୍ପାଦିକା ସୁଦୀପ୍ତା ପ୍ରକାଶ କରିଛନ୍ତି।

### ବାରବାଟୀରେ ବଧିର ଏସିଆ କପ୍ ଉଦ୍‌ଘାଟିତ

## ଭାରତର ବିଜୟ ଅଭିଯାନ

ଭୁବନେଶ୍ୱର, ୧୯।୨ (ସମିସ): କଟକର ବାରବାଟୀ ଷ୍ଟାଡିୟମରେ ଗୁରୁବାର ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ଭାରତ ୪ ୱିକେଟରେ ଶ୍ରୀଲଙ୍କାକୁ ହରାଇ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୮.୪ ଓଭରରେ ୧୩୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ହଶିତ ପ୍ରସନ୍ନା ୨୮, ଉଦୟ ଲାକମଲ୍ ୨୫, ରଜିଥା ଅସଙ୍କା ୨୦ ରନ କରିଥିଲେ। ଭାରତୀୟ ଦଳ ପକ୍ଷରୁ ପ୍ରନିଲ ମୋରେ ସର୍ବାଧିକ ୩ଟି ଏବଂ ହିଲାଲ ୱାନି ଓ ଓଡ଼ିଆ ଖେଳାଳି ଶିବୁନା ନନ୍ଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଭାରତ ୭ଟି ବଲ୍ ବଳକା ଥାଇ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସାଇ ଆକାଶ ୩୫, ସନ୍ତୋଷ କେଏମ୍ ୨୮ ଓ ହିଲାଲ୍ ୨୩ ରନ କରିଥିଲେ। ସାଇ ଆକାଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ଏସିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଏଡିସିଏ) ଓ ଇଣ୍ଡିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଆଇଡିସିଏ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଗୁରୁବାର ପୂର୍ବାହ୍ନରେ ଉଦଘାଟିତ ହୋଇଥିଲା। ଜିନ୍ଦଲ ଷ୍ଟିଲର ଉପସଭାପତି ରିଶି ପଠାଣିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିସିଏ ସଭାପତି ସୁମିତ ଜୈନ, ଜିନ୍ଦଲ ଫାଉଣ୍ଡେସନର ସିଏସଆର୍ ହେଡ୍ ଜୟନ୍ତ କୁମାର ମହାନ୍ତି, ଟାଟା ମୋଟର୍ସର ଶୈଳେଷ ରାଇ, ହିରୋ ମୋଟୋକ୍ରପର କୁନାଲ ଗୁପ୍ତା ଓ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ସେକ୍ରେଟାରୀ ବଙ୍କିମ ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଫେବୃଆରୀ ୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୩ୟ ଦଳ ଭାବେ ନେପାଳ ଭାଗନେଇଛି। ପ୍ରତି ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS